


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୩ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 23 APRIL 2025

Vol.No. 36 ■ No.106 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ

ବିଷୁବ ସଂଖ୍ୟା

ସାଗରିକା


ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ଆତଙ୍କବାଦୀଙ୍କ ନରସଂହାର: ଓଡ଼ିଆ ଯୁବକଙ୍କ ସମେତ ୨୬ ପର୍ଯ୍ୟଟକ ମୃତ


- ■ଆକ୍ରମଣ ପଛରେ ପାକିସ୍ତାନର ହାତ
- ■ଖୋଜି ଖୋଜି ହିନ୍ଦୁଙ୍କୁ ଗୁଳି କଲେ ଆତଙ୍କବାଦୀ
- ■ଆକ୍ରମଣରେ ଓଡ଼ିଆ ପୁଅ ମୃତ
- ■ଦୋଷୀଙ୍କୁ ଛଡ଼ାଯିବନାହିଁ : ନରେନ୍ଦ୍ର ମୋଦୀ
- ■ଆତଙ୍କବାଦୀଙ୍କୁ କଡ଼ା ଜବାବ ମିଳିବ: ଓମର ଅବଦୁଲ୍ଲା
- ■ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ନୂଆଦିଲ୍ଲୀ, ୨୨/୪ : ଜମ୍ମୁ-କଶ୍ମୀରର ପହଲଗାମରେ ଭୟଙ୍କର କାଣ୍ଡ ଘଟାଇଛନ୍ତି ଆତଙ୍କବାଦୀ। ଏଠାରେ ଥିବା ଗୋଟିଏ ହୋଟେଲରେ ଆତଙ୍କବାଦୀମାନେ ସେନା ପୋଷାକ ପିନ୍ଧି ପ୍ରବେଶ କରିବା ସହ ପର୍ଯ୍ୟଟକଙ୍କ ଉପରେ ଗୁଳି ମାଡ଼ କରିଛନ୍ତି। ଏଥିରେ ଜଣେ ଓଡ଼ିଆ ଯୁବକଙ୍କ ସହ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଓଡ଼ିଆ ଯୁବକ ଜଣଙ୍କ ଘର ବାଲେଶ୍ୱରର ରେମୁଣାରେ। ତାଙ୍କ ପ୍ରଶାନ୍ତ ଶତପଥୀ। ସେ ଜମ୍ମୁ-କଶ୍ମୀରକୁ ପତ୍ନୀ ଓ ପୁଅଙ୍କ ସହ ବୁଲିବା ପାଇଁ ଯାଇଥିବା ବେଳେ ପହଲଗାମର ବୈସାରନ ଭ୍ୟାଲିରେ ରହିଥିଲେ। ପ୍ରଶାନ୍ତଙ୍କ ମୁଣ୍ଡରେ ଗୁଳି ମାଡ଼ ହୋଇଥିଲା। ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ପକ୍ଷରୁ ପରିବାର ଲୋକଙ୍କୁ ବଗତ କରାଯାଇଛି। ଆଜି ଅପରାହ୍ନ ପ୍ରାୟରେ ହୋଟେଲର ଘାଷ ଗାଲିଚାରେ ପର୍ଯ୍ୟଟକମାନେ ଖାଉଥିଲେ। ଉକ୍ତ ଅଞ୍ଚଳକୁ କେବଳ ଘୋଡ଼ା କିମ୍ବା ପାଦରେ ଚାଲିକି ଯିବାକୁ ପଡ଼ିଥାଏ। ପର୍ଯ୍ୟଟକମାନେ ମଜାମସ୍ତି କରିବା ସହ ଖାଉଥିବା ବେଳେ ହଠାତ୍ ୩ରୁ ୪ ଜଣ ଆତଙ୍କବାଦୀ ବନ୍ଧୁକ ଧରି ପ୍ରବେଶ କରିଥିଲେ। ସେମାନେ ପ୍ରଥମେ ପର୍ଯ୍ୟଟକଙ୍କ ପରିଚୟ ମାଗିଥିଲେ। ଏହାପରେ ଜଣଙ୍କ ପରେ ଜଣଙ୍କୁ ଗୁଳି କରିଥିଲେ। ପ୍ରଥମେ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହି ସଂଖ୍ୟା ୨୦ ରହିଥିବା ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି। ଘଟଣା ପାଇଁ ପାକିସ୍ତାନରେ ସକ୍ରିୟ ଲସ୍କର-ଇ-ତାଏବାର ସହଯୋଗୀ ଆତଙ୍କୀ ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ବା ଟିଆରଏଫ ନିଜକୁ ଦାୟୀ କରିଛି। ଘଟଣାରେ ପରେ ମୃତାହତଙ୍କୁ ସେନା ବିମାନରେ ଉଦ୍ଧାର କରାଯାଇଛି। ସାମ୍ନାକୁ ଆସିଥିବା ଭିଡିଓ ଓ ଫଟୋ ସମସ୍ତଙ୍କୁ ବିଚଳିତ କରିଛି। ଜଣେ ବ୍ୟକ୍ତି ଗୁଳିମାଡ଼ ପରେ ତଳେ ପଡ଼ିଛନ୍ତି। କିଛି ଦୂରତାରେ ତାଙ୍କ ପତ୍ନୀ ସାହାଯ୍ୟ ପାଇଁ ନେହୁରେ ହେଉଥିବା ଦୃଶ୍ୟ ପୂରା ଦେଶକୁ ସ୍ତବ୍ଧ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶ ଗସ୍ତରେ ଥିବା ବେଳେ ଫୋନ ଯୋଗେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ ଘଟଣା ସମ୍ପର୍କରେ କଥା ହୋଇଛନ୍ତି। ସେହିପରି ଶାହ ମଧ୍ୟ ଶ୍ରୀନଗର ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ସେ ସମସ୍ତ ସୁରକ୍ଷା ଏଜେନ୍ସି ସହ ଜରୁରୀ ବୈଠକ କରିବେ।

▶▶ପୃଷ୍ଠା ୭

## ସଂସଦ ହିଁ ସର୍ବୋଚ୍ଚ: ଏହା ଉପରେ କୌଣସି ଅଥରିଟି ନାହିଁ: ଉପରାଷ୍ଟ୍ରପତି



ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ସଂସଦ ଓ ସୁପ୍ରିମକୋର୍ଟର ଶକ୍ତିକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ସଂସଦ ହିଁ ସର୍ବୋଚ୍ଚ, ଏହା ଉପରେ କୌଣସି ଅଥରିଟି ନାହିଁ । ଏହା ଏଥିପାଇଁ କାରଣ ସଂସଦକୁ ଯେଉଁ ସାଂସଦ ନିର୍ବାଚିତ ହୋଇ ଆସନ୍ତି, ସେମାନଙ୍କ ସାଧାରଣ ଲୋକଙ୍କ ପ୍ରତିନିଧିତ୍ୱ କରନ୍ତି । ସାଂସଦ ହିଁ ସବୁକିଛି ଅଟନ୍ତି, ତାଙ୍କ ଉପରେ କେହି ନାହାନ୍ତି । ଉପରାଷ୍ଟ୍ରପତି ମଙ୍ଗଳବାର ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି କହିଛନ୍ତି । ଏହି ଅବସରରେ ସେ ସୁପ୍ରିମକୋର୍ଟ ଉପରେ ନିଜ ଟିପ୍ପଣୀର ସମାଲୋଚନାର ବି ଜବାବ ଦେଇଛନ୍ତି । ସେ କହିଛନ୍ତି ଯେ କୌଣସି ସାମ୍ବିଧାନିକ ପଦାଧିକାରୀ (ନିଜ ବିଷୟରେ)ଙ୍କ ଦ୍ୱାରା କୁହାଯାଇଥିବା ପ୍ରତିଟି ଶବ୍ଦ ରାଷ୍ଟ୍ରୀୟ ହିତରୁ ନିର୍ଦ୍ଦେଶିତ । ସେ କହିଛନ୍ତି ଯେ ସମ୍ବିଧାନ କିପରି ହେବ ଓ ଏଥିରେ କଣ ସଂଶୋଧନ ହେବ, ତାହା ନିର୍ଦ୍ଧାରଣ କରିବାର ପୂରା ଅଧିକାର ସାଂସଦଙ୍କ ପାଖରେ ଅଛି । ତାଙ୍କ ଉପରେ କେହି ମଧ ନାହାନ୍ତି । ଉପରାଷ୍ଟ୍ରପତିଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ସୁପ୍ରିମକୋର୍ଟଙ୍କୁ ନେଇ କରାଯାଇଥିବା ତାଙ୍କ ଟିପ୍ପଣୀକୁ ଗୋଟିଏ ବର୍ଗ ସମାଲୋଚନା କରୁଛି । ଉପରାଷ୍ଟ୍ରପତି କହିଛନ୍ତି ଯେ ଗଣତନ୍ତ୍ରରେ ସଂସଦ ହିଁ ସୁପ୍ରିମ୍ । ସାମ୍ବିଧାନିକ ପଦରେ ବସିଥିବା ପ୍ରତିଟି ବ୍ୟକ୍ତିର ବୟାନ ରାଷ୍ଟ୍ର ହିତରେ ହୋଇଥାଏ ।

▶▶ପୃଷ୍ଠା ୭

## ସିଭିଲ ସର୍ଭିସ୍-୨୦୨୪ ପରୀକ୍ଷା ଫଳ ପ୍ରକାଶ: ଶକ୍ତି ଦୁବେ ଟପ୍ପର

ନୂଆଦିଲ୍ଲୀ, ୨୨/୪ : ୟୁନିଅନ ପବ୍ଲିକ୍ ସର୍ଭିସ କମିସନ (ୟୁପିଏସସି) ସିଭିଲ ସର୍ଭସେସ୍ ପରୀକ୍ଷା ୨୦୨୪ର ଫଳ ଘୋଷଣା କରାଯାଇଛି। ପରୀକ୍ଷାରେ ମୋଟ ୧୦୦୯ ଜଣ ପ୍ରାର୍ଥୀ ସଫଳ ହୋଇଛନ୍ତି। ଏହି ଫଳାଫଳ ୟୁପିଏସସି ୱେବସାଇଟ୍‌ରେ ଦେଖିପାରିବେ। ଉତ୍ତୀର୍ଣ୍ଣ ହୋଇଥିବା ମୋଟ ୧୦୦୯ ପ୍ରାର୍ଥୀଙ୍କ ମଧ୍ୟରୁ ୩୩୫ ଜଣ ସାଧାରଣ ବର୍ଗର, ଏହା ବ୍ୟତୀତ ଓବିସି ବର୍ଗର ୩୧୮ ଜଣ, ଏସ୍‌ସି ବର୍ଗର ୧୬୦ ଜଣ, ଇଡବ୍ଲୁଏସର ୧୦୯ ଜଣ, ଏସ୍‌ଟି ବର୍ଗର ୮୭ ଜଣ ପରୀକ୍ଷାରେ ସଫଳ ହୋଇଛନ୍ତି। ପରୀକ୍ଷାରେ ଶକ୍ତି ଦୁବେ ଟପ୍ପର ହୋଇଛନ୍ତି। ହର୍ଷିତା ଗୋୟଲ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଡୋଙ୍ଗରେ ଅର୍ଚ୍ଚିତ ପରାଗ ତୃତୀୟ ସ୍ଥାନରେ, ଶାହ ମାର୍ଗୀ ଚିରାଗ ଚତୁର୍ଥ ସ୍ଥାନରେ ଅଛନ୍ତି। ସେହିପରି ଟପ୍ପର ତାଲିକାରେ ଆକାଶ ଗର୍ଗ ପଞ୍ଚମ ସ୍ଥାନରେ, କୋମଲ ପୁନିଆ ଷଷ୍ଠ ସ୍ଥାନରେ ଏବଂ ଆୟୁଷୀ ବଂଶଲ ସପ୍ତମ ସ୍ଥାନରେ ଅଛନ୍ତି। ଏହା ପରେ ରାଜ କୃଷ୍ଣ ଝା, ଆଦିତ୍ୟ ବିକ୍ରମ ଅଗ୍ରୱାଲ, ମୟଙ୍କ ତ୍ରିପାଠିଙ୍କ ନାମ ରହିଛି। ଓଡ଼ିଶାର ରତିକା ରଥ ୪୮ ତମ ସ୍ଥାନରେ ରହିଛନ୍ତି।

## ଭୁବନେଶ୍ୱରରୁ କିଡନାପ୍ ଖୋର୍ଦ୍ଧାରୁ ରେସ୍କ୍ୟୁ: ଟ୍ୟୁସନ୍ ସାର ରଚିଥିଲେ ଅପହରଣ ଷଡ଼ଯନ୍ତ୍ର

ଭୁବନେଶ୍ୱର, ୨୨/୪ (ନି.ପ୍ର): ନାବାଳକ ବଖାଣିଲା ଅପହରଣର ଲୋମଟାଙ୍କୁରା କାହାଣୀ । ଭୁବନେଶ୍ୱର ଏୟାରଫିଲ୍ଡ ଥାନା ପାଞ୍ଚଗାଁରୁ କିଏ ଏବଂ କେମିତି କରିଥିଲା କିଡନ୍ୟାପ୍, ପୋଲିସ ସହ ପ୍ରେସମିଟରେ ଖୋଲିଲା ସବୁ ଗୁମର । ଅପହରଣର ୭ ଘଣ୍ଟା ପରେ ପୋଲିସ ଦ୍ୱାରା ଉଦ୍ଧାର ପାଇଛି ୮ ବର୍ଷିୟ ନାବାଳକ । ଅପହରଣ ପଛର କାରଣ ସଂପର୍କରେ ଖୁଲାସା କରି ପୋଲିସ କହିଛି, ଟଙ୍କା ପାଇଁ ଟ୍ୟୁସନ୍ ସାର ରଚିଥିଲା ଅପହରଣର ନାଟକ । ଏହି ଘଟଣାରେ ସେହି ଗାଁର ମାଷ୍ଟରମାଇଣ୍ଡ ସମେତ ୭ ଜଣଙ୍କୁ ପୋଲିସ ଗିରଫ କରିଛି । ଘଣ୍ଟାର ନନଷ୍ଟପ୍ ଅପରେସନ୍ । ଚାରି ଚାରିଟି ଟିମର ଛାନଭିନ୍ । ଶେଷରେ ମିଳିଲା ଅପହୃତ ନାବାଳକ ପ୍ରତ୍ୟୁଷର ପଓା । ଉଦ୍ଧାର ହେଲା ଅପହରଣକାରୀଙ୍କ କବଳରୁ । ସ୍କୁଲରୁ ଫେରିବାବେଳେ ମଝି ବାଟରୁ କିଡନାପ୍ କରିନେଇଥିଲେ ଦୁର୍ବୃତ୍ତ । କଳା କା ?ରେ ବସାଇ ନେଇଯାଇଥିଲେ । ଶେଷରେ ପୋଲିସ ଖୋର୍ଦ୍ଧା ନିରାକାରପୁରରୁ ନାବାଳକକୁ ଉଦ୍ଧାର

▶▶ପୃଷ୍ଠା ୭

## ଅମରେଶ ଜେନାଙ୍କ ବିସ୍ଫୋରକ ବୟାନ: ବିଜେଡି ଏବେ ହୋଇଯାଇଛି ୪ ଫାଳ



ଭୁବନେଶ୍ୱର, ୨୨/୪ (ନି.ପ୍ର): ବିଜେଡିକୁ ଏବେ ତାଲିକା ଅଡୁଆ। ଗୋଲକ ଧନ୍ଦାରେ ସୁପ୍ରିମୋ । ଟାର୍ଗେଟରେ ଆଗ ଧାଡ଼ିର ପରାଜିତ ନେତା । ଦଳର ରାଜ୍ୟ ପରିଷଦ ତାଲିକାରୁ କର୍ପୋରେଟର ଅମରେଶ ଜେନାଙ୍କ ନାଁ ବାଦ୍ ଦିଆଯାଇଥିବା ଅଭିଯୋଗ ଆଣି ରାତି ଅଧିଆ ସଞ୍ଜୟ ଦାସବର୍ମାଙ୍କୁ ଘେରିଲେ କର୍ମୀ। ନିଜେ ଅମରେଶ ବି ଆଜି ମିଡିଆ ଆଗରେ ଆଗଧାଡ଼ିର ପରାଜିତ ନେତାଙ୍କ ଉପରେ ବର୍ଷିବା ସହ କହିଛନ୍ତି ଏମାନେ ହିଁ ଦଳର ଚେର କାଟୁଛନ୍ତି । ସେପଟେ ଦଳ ଭିତରୁ ବି ଏଭଳି ନେତାଙ୍କ ବିରୋଧରେ ଏକାଧିକ ସ୍ୱର ଉଠିଲାଣି । ଅନ୍ୟପଟେ ଘର କଳି କଥା ଲୁଚାଇବାକୁ ବିଜେଡି କହିଛି, ଏଯାଏ ତାଲିକା ପ୍ରକାଶ ପାଇନି । କିଏ ସେ ୪, ୫ ନେତା, ଯାହା ଯୋଗୁ ବିଜେଡି ବୁଡିବ । ବିଜେଡିର ବିଦ୍ରୋହୀ କର୍ପୋରେଟର ଅମରେଶ ଜେନାଙ୍କ ଏଭଳି ବିସ୍ଫୋରକ ବୟାନ ପରେ ତେଜିଛି ରାଜଧାନୀ ରାଜନୀତି। ଗତକାଲି ଅମରେଶଙ୍କ ଶତାଧିକ ସମର୍ଥକ ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କ ଭୁବନେଶ୍ୱର ବାସଭବନକୁ ଯାଇ ହଙ୍ଗାମା କରିଥିଲେ । ଯେଉଁଠି ଅମରେଶଙ୍କ ସମର୍ଥକ ସଞ୍ଜୟଙ୍କୁ ପଚାରିଥିଲେ କାହିଁକି ରାଜ୍ୟ ପରିଷଦ ତାଲିକାରୁ ବାଦ ପଡିଲେ ଅମରେଶ ଜେନା । ତେବେ ଅମରେଶ କିନ୍ତୁ ଏହି ସମୟରେ ସେଠାରେ ନଥିଲେ । ଏହାପରେ ଅମରେଶଙ୍କ ସମର୍ଥକ ଅତନୁ ସବ୍ୟସାଚୀ ନାୟକଙ୍କ ଘରକୁ ଜବାବ ମାଗିବାକୁ ଯାଉଥିଲେ । ଆଉ ଏହି ସମୟରେ ଅମରେଶ ନିଜେ ଆସି ସମର୍ଥକଙ୍କୁ ବୁଝାସୁଝା କରିବାରୁ ଅତନୁଙ୍କ ବାସଭବନ ଆଗରୁ ଫେରିଥିଲେ କର୍ମୀ ।

▶▶ପୃଷ୍ଠା ୭

## ଆଜିଠୁ ରାଜ୍ୟର ସମସ୍ତ ସ୍କୁଲ, କଲେଜରେ ପାଠ ପଢ଼ା ବନ୍ଦ



ଭୁବନେଶ୍ୱର, ୨୨/୪ (ନି.ପ୍ର): କାଲିଠୁ ସବୁ ସ୍କୁଲ, କଲେଜ ଛୁଟି। ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ନିଜେ ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଥିବା ସୁରେଶ ପୂଜାରୀ କହିଥିବାବେଳେ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି କହିଛନ୍ତି । ତେବେ କୌଣସି ପରୀକ୍ଷା ପ୍ରଭାବିତ ହେବନି ଓ ପୂର୍ବସୂଚୀ ଅନୁସାରେ ପରୀକ୍ଷା ଚାଲିବ ବୋଲି ମନ୍ତ୍ରୀ ସୂଚନା ଦେଇଥିବାବେଳେ ଯେଉଁମାନେ ହଷ୍ଟେଲରେ ରହୁଛନ୍ତି,

▶▶ପୃଷ୍ଠା ୭

## ୨୪ରେ ବଂଟାଯିବ ନୂଆ ରାସନ କାର୍ଡ

ଭୁବନେଶ୍ୱର, ୨୨/୪ (ନି.ପ୍ର): ଏପ୍ରିଲ ୨୪ ତାରିଖରେ ନୂଆ ରାସନ କାର୍ଡ ବଂଟନ କରିବେ ସରକାର। ପଂଚାୟତିରାଜ ଦିବସ ଅବସରରେ ପୁରୀରେ ନୂଆ ରାସନ କାର୍ଡ ବାଂଟିବେ ମୁଖ୍ୟମନ୍ତ୍ରୀ। ପର୍ଯ୍ୟାୟକ୍ରମେ ୫ ଲକ୍ଷ ୯୦ ହଜାର ନୂଆ କାର୍ଡ ବଂଟନ କରାଯିବ। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଆଜି ସୁଦ୍ଧା ନୂଆ କାର୍ଡ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ଏବେ ବି ୨୫ ଲକ୍ଷ ହିତାଧିକାରୀ ଇ-କେୱାଇସି କରିନାହାନ୍ତି ।




॥ ଶୁଭଉନ୍ମୋଚନ ॥

ଆସନ୍ତା ୨୮ ତାରିଖ ସୋମବାର 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ଗଳ୍ପ ସଂକଳନ 'ମୁଠାଏ ସ୍ୱପ୍ନ' ଏବଂ 'ସାଗରିକା' ବିଷୁବ ସଂଖ୍ୟାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ସାହିତ୍ୟିକ ଓ ସାହିତ୍ୟାନୁରାଗୀଙ୍କୁ ଯୋଗଦାନ ପାଇଁ ସାଦର ନିମନ୍ତ୍ରଣ।

ସ୍ଥାନ : ଷ୍ଟେସନ କ୍ଲବ, ବାଲେଶ୍ୱର


ସମୟ : ଦିବା ୧୦ ଘଟିକା

ନିବେଦକ:

ଧ୍ୱନିପ୍ରତିଧ୍ୱନି ଓ ସାଗରିକା ପରିବାର

ଜେଲରୋଡ଼, ବାଲେଶ୍ୱର


## ନୋଷ୍ଟ୍ରାଡାମସଙ୍କ ଭବିଷ୍ୟବାଣୀ ପୁଣିଥରେ ସତ୍ୟ ପ୍ରମାଣିତ: ପୋପ୍‌ଙ୍କ ମୃତ୍ୟୁ ପରେ ବିଶ୍ୱ ଆତଙ୍କିତ



ୱାଶିଂଟନ: ରୋମାନ କ୍ୟାଥୋଲିକ ଖ୍ରୀଷ୍ଟିଆନ ଚର୍ଚ୍ଚର ସର୍ବୋଚ୍ଚ ଧାର୍ମିକ ନେତା ପୋପ୍ ଫ୍ରାନ୍ସିସ୍ ଦୀର୍ଘ ଅସୁସ୍ଥତା ପରେ ୨୦୨୫ ଏପ୍ରିଲ ୨୧ରେ ମୃତ୍ୟୁବରଣ କରିଥିଲେ। ସେ ସକାଳ ୭:୩୫ ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଭଟିକାନ୍ କାମେରଲେଙ୍ଗୋ କାର୍ଡିନାଲ୍ କେଭିନ୍ ଫାରେଲ୍ ଆନୁଷ୍ଠାନିକ ଭାବରେ ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ। ୨୬୬ତମ ପୋପ୍ ଭାବରେ କାର୍ଯ୍ୟ କରିଥିବା ପୋପ୍ ଫ୍ରାନ୍ସିସ୍ ମଧ ଭଟିକାନ୍ ସିଟିର ମୁଖ୍ୟ ଥିଲେ। ତାଙ୍କର ଜନ୍ମ ନାମ ଜର୍ଜ ମାରିଓ ବର୍ଗୋଲିଓ ଥିଲା ଏବଂ ସେ ୧୩ ମାର୍ଚ୍ଚ ୨୦୧୩ରେ ପୋପ୍ ନିର୍ବାଚିତ ହୋଇଥିଲେ। ସେ ଇତିହାସର ପ୍ରଥମ ଲାଟିନ୍ ଆମେରିକୀୟ ଏବଂ ପ୍ରଥମ ଜେସୁଇଟ୍ ପୋପ୍ ଥିଲେ, ଯିଏ ତାଙ୍କ କରୁଣା, ସମାନତା ଏବଂ ପରିବେଶ ସୁରକ୍ଷା ବାର୍ତ୍ତା ପାଇଁ ବିଶ୍ୱବ୍ୟାପୀ ସ୍ୱୀକୃତି ପାଇଥିଲେ। ପୋପ୍ ଫ୍ରାନ୍ସିସ୍‌ଙ୍କ ଦେହାନ୍ତ ସହିତ, ପ୍ରସିଦ୍ଧ ଭବିଷ୍ୟଦ୍‌ବକ୍ତା ନୋଷ୍ଟ୍ରାଡାମସ୍‌ଙ୍କ ଭବିଷ୍ୟବାଣୀ ପୁଣି ଥରେ ଆଲୋଚନାର ବିଷୟ ପାଲଟିଛି। ତାଙ୍କ ପ୍ରସିଦ୍ଧ ପୁସ୍ତକ ଲେସ୍ ପ୍ରୋଫେସିଜ୍‌ରେ ଥିବା ଅନେକ ଭବିଷ୍ୟବାଣୀ ମଧ୍ୟରୁ ଗୋଟିଏ ସତ୍ୟ ହୋଇଥିବା ବିଶ୍ୱାସ କରାଯାଏ। ପୂର୍ବରୁ, ଲଣ୍ଡନରେ ଅଗ୍ନିକାଣ୍ଡ, ହିଟଲରଙ୍କ ଉତଥାନ, ଆମେରିକାରେ ୯/୧୧ ଆତଙ୍କବାଦୀ ଆକ୍ରମଣ ଏବଂ କୋଭିଡ୍-୧୯ ମହାମାରୀ ବିଷୟରେ ତାଙ୍କର ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହୋଇଛି। ଫ୍ରାନ୍ସର ପ୍ରସିଦ୍ଧ ଭବିଷ୍ୟଦ୍ରଷ୍ଟା ନୋଷ୍ଟ୍ରାଡାମସ୍ ଏକ ଭବିଷ୍ୟବାଣୀରେ ଲେଖିଥିଲେ ଯେ, ଜଣେ ବୃଦ୍ଧ ପୋପ୍‌ଙ୍କ ମୃତ୍ୟୁ ପରେ, ଜଣେ ଯୁବ ରୋମାନ୍ ପୋପ୍ ନିର୍ବାଚିତ ହେବେ। ଲୋକମାନେ କହିବେ ଯେ, ସେ ତାଙ୍କ ସିଂହାସନକୁ ଦୁର୍ବଳ କରୁଛନ୍ତି, କିନ୍ତୁ ସେ ନ ଅଟକି ଆଗକୁ ବଢ଼ିବେ। ସେ କହିଛନ୍ତି, ପବିତ୍ର ରୋମାନ୍ ଚର୍ଚ୍ଚର ଶେଷ ନିର୍ଯାତନା ସମୟରେ 'ରୋମାନ୍ ପିଟର' ନାମକ ଜଣେ ବ୍ୟକ୍ତି ପୋପ୍ ହେବେ। ସେ ତାଙ୍କ ଲୋକମାନଙ୍କୁ ଅନେକ ଦ୍ୱନ୍ଦ୍ୱରେ ପକାଇବେ।

▶▶ପୃଷ୍ଠା ୭

# ବୈଷ୍ଣବାନନ୍ଦ ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

ଭଦ୍ରକ,୨୨/୪(ନି. ପ୍ର): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ବାରବାଟିଆ ସ୍ଥିତ ବୈଷ୍ଣବାନନ୍ଦ ଉଚ୍ଚ ବିଦ୍ୟାପୀଠର ୪୦ତମ ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠାତା ବୈଷ୍ଣବାନନ୍ଦ ମହାନ୍ତିଙ୍କ ୧୩୦ତମ ଜୟନ୍ତୀ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ପାଳଙ୍କ ସଭାପତିତ୍ୱ ଓ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ସଂଚାଳନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଡା. ବିଚିତ୍ରାନନ୍ଦ ମିଶ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ତିହିଡ଼ି କଲେଜ ଅଧକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବିଭୂତି ଭୂଷଣ ସେନାପତି, ସରପଂଚ ଅଜୟ କୁମାର ମହାନ୍ତି, ସମାଜସେବୀ ସଂଗ୍ରାମ କେଶରୀ ମହାନ୍ତି, ପ୍ରଫୁଲ୍ଲ କୁମାର ପାଢ଼ୀ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ପଂଚସଖା ଶିକ୍ଷା ନିକେତନର ସଭାପତି ବୈଜୟନ୍ତ ପାଢ଼ୀ, ପ୍ରତିଷ୍ଠାତା ସଦସ୍ୟ ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଶିକ୍ଷକ, ଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ ଉତ୍ତମ ଚରିତ୍ର ଗଠନ ଦିଗରେ ଶିକ୍ଷାଦାନ କରିବା ଆବଶ୍ୟକ ବୋଲି କହିଥିଲେ । ପ୍ରାରମ୍ଭରେ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଶେଷରେ ଶିକ୍ଷକ ଉମାକାନ୍ତ ଖଣ୍ଡାଇ ଧନ୍ୟବାଦ ଅର୍ପଣ କରିଥିଲେ । ନିକଟରେ ଅବସର ନେଇଥିବା ଶିକ୍ଷା କର୍ମଚାରୀ ମଦନ ମୋହନ ବେହେରା ଓ ଲୋକନାଥ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟରେ ନୂତନ ଭାବେ ନିଯୁକ୍ତି ପାଇଥିବା ଚିନ୍ମୟୀ ରାଉତ, ରୌଶାନ ସୁଲତାନା, ଅଜୟ ହେମ୍ବ୍ରମ, ଅବିନାଶ ପାଢ଼ୀ, ଆରତୀ ମାଝୀ, ପ୍ରୀତିଲତା ନାୟକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍କୁଲ ପରିଚାଳନା କମିଟି ସଭାପତି ଶ୍ରୀ ମହାନ୍ତି ଓ ଅତିଥିମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର କୁମାର ବଳ, ଅରୁଣ କୁମାର ମହାନ୍ତି, ଶିକ୍ଷା କର୍ମଚାରୀ ବିପିନ ବିହାରୀ ମହାନ୍ତି ପ୍ରମୁଖଙ୍କ ସମେତ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କମିଟି ସଦସ୍ୟ ସଦସ୍ୟାମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ସୈନିକ ସ୍କୁଲ ଭୁବନେଶ୍ୱରର ପୁରସ୍କାର ବିତରଣ ସମାରୋହ

ଭୁବନେଶ୍ୱର,୨୨/୪(ନି. ପ୍ର): ଛାତ୍ରଛାତ୍ରୀମାନେ ସେବା, କର୍ତ୍ତବ୍ୟ, ଜ୍ଞାନ ଏବଂ ସାହସ ଦ୍ୱାରା ପରିଚାଳିତ ହୋଇ ଦେଶର ସେବା କରିବା ନିମନ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି । ସୋମବାର ଅପରାହ୍ନରେ ସୈନିକ ସ୍କୁଲ ଭୁବନେଶ୍ୱରର ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବାର୍ଷିକ ପୁରସ୍କାର ବିତରଣ ସମାରୋହ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀ, ସେମାନଙ୍କୁ ଲାଳନ ପାଳନ କରିଥିବା ପିତାମାତା ଏବଂ ଆମ ଦେଶର ଭବିଷ୍ୟତ ଗଢୁଥିବା ସ୍କୁଲ ପାଇଁ ଏକ ଉତ୍ସବ, ସ୍ୱୀକୃତି ଓ ଗର୍ବର ଦିନ । ଶିକ୍ଷା, କ୍ରୀଡ଼ା, ସହ ପାଠ୍ୟକ୍ରମ କାର୍ଯ୍ୟକଳାପ ଏବଂ ଅନୁକରଣୀୟ ଶୃଙ୍ଖଳାରେ ସଫଳତା ପାଇଁ ସମ୍ମାନିତ / ପୁରସ୍କୃତ ହେଉଥିବା ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହ ଏହା ସେମାନଙ୍କର ଭବିଷ୍ୟତ ଯାତ୍ରାରେ ମାଇଲଖୁଂଟ ହେଉ ଏବଂ ଆହୁରି ଅନେକ ସଫଳତା ପାଇଁ ପ୍ରେରଣା ଦେଉ ବୋଲି କାମନା କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବାରେ ନିଷ୍ଠାପରତା ପାଇଁ ଅଧକ୍ଷ, ଅଧାପକ ଏବଂ କର୍ମଚାରୀଙ୍କର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଆନନ୍ଦରେ ଅଂଶୀଦାର ହେବା ପାଇଁ ଏକତ୍ରିତ ହୋଇଥିବା ପିତାମାତା, ସଂପର୍କୀୟ ଏବଂ ପୂର୍ବତନ ଛାତ୍ରଙ୍କ ଉପସ୍ଥିତି ବେଶ୍ ଉତ୍ସାହପ୍ରଦ ଏବଂ ସେମାନଙ୍କର ନିରନ୍ତର ପ୍ରୋତ୍ସାହନ, ସମର୍ଥନ ପ୍ରତ୍ୟେକ ଛାତ୍ରଙ୍କ ବିକାଶରେ ସବୁଠାରୁ ଦୃଢ଼ସ୍ତମ୍ଭ ଭାବେ କାର୍ଯ୍ୟକରିବ ବୋଲି ରାଜ୍ୟପାଳ କହିଥିଲେ । ସୈନିକ ସ୍କୁଲଗୁଡ଼ିକ ସଶସ୍ତ୍ର ବାହିନୀରେ କ୍ୟାରିୟର ପାଇଁ ଯୁବ ମନକୁ ପ୍ରସ୍ତୁତ କରିବା ଏବଂ ସେମାନଙ୍କ ମଧ୍ୟରେ ଦେଶପ୍ରେମ, ଆତ୍ମ-ଅନୁଶାସନ ଏବଂ ନେତୃତ୍ୱର ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ସ୍ଥାପନ କରାଯାଇଥିଲା । ଦଶନ୍ଧି ଦଶନ୍ଧି ଧରି ଏହି ଅନୁଷ୍ଠାନ ଏହାର ଗୌରବମୟ ଇତିହାସ, ପରଂପରା, ଗର୍ବ ଏବଂ ଉତ୍କର୍ଷତା ସହିତ ସେହି ଦୃଷ୍ଟିକୋଣକୁ ବଜାୟ ରଖିଛି । ଏହି ଅନୁଷ୍ଠାନ ଅନେକ ପ୍ରତିଷ୍ଠିତ ଅଧିକାରୀ, ସରକାରୀ କର୍ମଚାରୀ, ବିଭିନ୍ନ ବୃତିଧାରୀ ଏବଂ ଦାୟିତ୍ୱବାନ ନାଗରିକଙ୍କୁ ସୃଷ୍ଟି କରିଛି, ଯେଉଁମାନେ ସ୍କୁଲ ଏବଂ ଦେଶ ପାଇଁ ଗୌରବ ଆଣିଛନ୍ତି । ଆଜିର ବିଶ୍ୱ ଦ୍ରୁତଗତିରେ ପରିବର୍ତ୍ତନ ହେବା ସହ ଜଟିଳ ହେଉଛି । ଏପରି ସମୟରେ ସୈନିକ ସ୍କୁଲ ପରି ଅନୁଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ କେବଳ ଜ୍ଞାନରେ ନୁହେଁ ବରଂ ସାହସ, ସ୍ୱଷ୍ଟତା ଏବଂ ଦୃଢ଼ ନୈତିକ ଦିଗ୍‌ଦର୍ଶନ ସହିତ ସଜ୍ଜିତ କରିଚାଲିବେ । ଶିକ୍ଷାଗତ ଶିକ୍ଷା ସହିତ ଶାରୀରିକ ସୁସ୍ଥତା ଏବଂ ନାଗରିକ ଚେତନା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଜଳବାୟୁ ପରିବର୍ତ୍ତନ, ଡିଜିଟାଲ ଦାୟିତ୍ୱବୋଧ, ଜାତୀୟ ସୁରକ୍ଷା, ଲିଙ୍ଗଗତ ସମାନତା ଏବଂ ସାମାଜିକ ନ୍ୟାୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ଅତ୍ୟନ୍ତ ଜରୁରୀ ବୋଲି ରାଜ୍ୟପାଳ କହିବା ସହିତ ଯୁବ ସମୁଦାୟ କେବଳ ସଫଳତା ହାସଲକାରୀ ଭାବରେ ନୁହେଁ ବରଂ ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ପ୍ରତିବଦ୍ଧ ହେବାକୁ ତଥା ବଡ଼ ସ୍ୱପ୍ନ ଦେଖିବା, କଠିନ ପରିଶ୍ରମ କରିବା, ଦୃଢ଼ ରହିବା ଏବଂ ଉତ୍କର୍ଷତା ହାସଲ କରିବା ନିମନ୍ତେ ପ୍ରଚେଷ୍ଟା ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ । ଏହି ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ବକ୍ତବ୍ୟ ପ୍ରଦାନ କରିବା ସହିତ ସୈନିକ ସ୍କୁଲ ଭୁବନେଶ୍ୱରର ଗରିମା ତଥା ସଫଳତା ସଂପର୍କରେ ଆଲୋକପାତ କରିଥିଲେ ।

# ଜିଲା ଉତ୍କଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ସାଧାରଣ ସଭା

ଧର୍ମଶାଳା,୨୨/୪(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଅଖିଳ ଭାରତୀୟ ରାଷ୍ଟୀୟ ମହାସଂଘର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମହାସଂଘର ରାଜ୍ୟ ସଂଗଠନ ମନ୍ତ୍ରୀ ନିରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ । କେନ୍ଦ୍ରାପଡା ଜିଲାର ସଭାପତି ପ୍ରମୋଦ କୁମାର ଖୁଂଟିଆ, ଜାରକା ଉଚ୍ଚ ବିଦ୍ୟାଳର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରାଙ୍କ ସମେତ ଜିଲ୍ଲାର ସମସ୍ତ ସଦସ୍ୟମାନଙ୍କୁ ନେଇ ସର୍ବ ସମ୍ମତି କ୍ରମେ ଜିଲା ସ୍ତରୀୟ ଏକ କମିଟି ଗଠନ କରାଯାଇଥିଲା । ଜିଲା ସଂଘର ସଭାପତି ଭାବେ ଅଶୋକ କୁମାର ଶତପଥୀ, ଉପ ସଭାପତି ଭାବେ ଅକ୍ଷୟ କୁମାର ଦାସ ଓ ଅଭିଜିତ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଭାବେ ହିମାଂଶୁ ଶେଖର ମହାନ୍ତି, ସମ୍ପାଦକ ରମାକାନ୍ତ ସାହୁ ଓ ଭାଗୀରଥୀ ମହଲ, ସଂଗଠନ ସମ୍ପାଦକ ଅଶୋକ କୁମାର ସାହୁ,ସହ ସଂଗଠନ ସମ୍ପାଦକ ପ୍ରତାପ ପହି , ଯୁଗ୍ମସମ୍ପାଦକ ପ୍ରମୋଦ କୁମାର ଦାସ ଓ ରାଜେଶ କୁମାର ରାଉଳ, କୋଷାଧକ୍ଷ ବ୍ରଜ କିଶୋର ପଣ୍ଡା, ସାମାଜିକ ଗଣମାଧ୍ୟମ ସଂଯୋଜକ ନରେନ୍ଦ୍ର କୁମାର ବେହେରା, ମାତୃଶକ୍ତି ସଂଯୋଜକ ମାମିନା ନାୟକ ଓ ଶାଶ୍ୱତୀ ପ୍ରଧାନ, ଶୈକ୍ଷିକ ବିଭାଗରେ ପ୍ରମୋଦ କୁମାର ନାୟକ, ପ୍ରଦୀପ ନାଥ, ଅରୁଣ କୁମାର ବରାଳ ଓ ରମେଶ ଚନ୍ଦ୍ର ସ୍ୱାଇଁ, କାର୍ଯ୍ୟକାରୀ ସଦସ୍ୟ ସାଗର ଭୋଇ, ସଞ୍ଜୟ ଦାସ, ଜୟଦେବ ସେଠୀ ମନୋନୀତ ହୋଇଥିଲେ । ଉକ୍ତ ସଂଗଠନର ଉପଦେଷ୍ଟା ଭାବେ ଜାରକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ଲେଙ୍କା ଓ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିଲେ । ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସମସ୍ତ କାର୍ଯ୍ୟକର୍ତାଙ୍କୁ ଶ୍ରୀ ମହାନ୍ତି ଶପଥ ପାଠ କରାଇବା ସହିତ ମହାସଂଘର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ନୂତନ ଜାତୀୟ ଶିକ୍ଷ୍ୟା ନୀତି ୨୦୨୦ର ଏକ କର୍ମଶାଳା ଯଥାଶୀଘ୍ର ଆୟୋଜନ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଉକ୍ତ ସଭାରେ ଜିଲ୍ଲାର ସମସ୍ତ ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ଅଧ୍ୟାପକ, ସାମୟିକ ଶିକ୍ଷକ ଆଦି ବିଭିନ୍ନ ବର୍ଗର ଶିକ୍ଷକ ଅଂଶଗ୍ରହଣ କରିଥିଲେ । ଶେଷରେ ଶିକ୍ଷକ ଭିକାରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ଦଶ ହଜାର ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କଲା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ

ସମ୍ବଲପୁର ,୨୨/୪(ନି. ପ୍ର): ଆଜି ସମ୍ବଲପୁରରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଙ୍କୁ ସାକ୍ଷାତ କରି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ନିଜର ଦାବୀ ଉପସ୍ଥାପନ କରିବା ସହ ସଂଘ ପକ୍ଷରୁ ୧୦ ହଜାର ଦସ୍ତଖତ ସମ୍ବଳିତ ଦାବୀ ପତ୍ର ପ୍ରଦାନ କରାଯାଇଛି । ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ । ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଆଜିର ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଙ୍କୁ ସାକ୍ଷାତ କରି ସଂଘର ବିଭିନ୍ନ ଦାବୀ ମଧ୍ୟରେ ସର୍ବନିମ୍ନ ମଜୁରୀ ବୃଦ୍ଧି ଅନୁଯାଇ ଶିଯିନାଲ କର୍ମଚାରୀଙ୍କ ଦରମା ବୃଦ୍ଧି, କନ୍ୟା ବିବାହ ସହାୟତା ପ୍ରଦାନ, ପତ୍ର ଦର ବୃଦ୍ଧି, କେ ଏଲ ଡି ବି ରେ ସଂଶୋଧନ କରି ସଂଘ ନିଷ୍ପତି ଅନୁଯାଇ ପ୍ରତିନିଧି ଚୟନ, ବନ୍ଧେଇ ଶ୍ରମିକମାନଙ୍କ ପିସ୍ ଦର ବୃଦ୍ଧି, ବଜେଟ ମଞ୍ଜୁରୀ ପ୍ରାପ୍ତ ୧୦୦ କୋଟି ଟଙ୍କାରୁ ବକେୟା ୫୦ କୋଟି ଟଙ୍କା ପ୍ରଦାନ, କେନ୍ଦୁପତ୍ର ସଂସ୍ଥାରୁ ସଂଗ୍ରହ ହୋଇଥିବା ଜି ଏସ ଟି ଅର୍ଥ ଫେରସ୍ତ, ଫେରସ୍ତ ଜି ଏସ ଟି ଅର୍ଥ କୁ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ତୋଳାଳୀ, ବନ୍ଧାଳି ଓ କର୍ମଚାରୀ ଙ୍କୁ ପ୍ରଦାନ ଆଦି ଦାବୀ ଉପସ୍ଥାପନ କରିଥିଲେ । ଉଭୟ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରି ଅତିରିକ୍ତ ଶାସନ ସଚିବ ତଥା ଜଙ୍ଗଲ ସଚିବ ସତ୍ୟବ୍ରତ ସାହୁ ଙ୍କୁ ନିର୍ଦ୍ଦେଶ ଦେଇ ପ୍ରମୁଖ ଦାବୀ ସମୂହ କୁ ଆଲୋଚନା ପ୍ରସ୍ତାବ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ମଧ୍ୟ ଏ ଦିଗରେ ଅବଗତ କରାଯାଇଛି । ତୁରନ୍ତ ଏହି ଦାବୀ ସମୂହ କୁ ନେଇ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, କେନ୍ଦୁପତ୍ର ୱେଲ ଫ୍ୟାର୍ ବୋର୍ଡ ପୂର୍ବତନ ଉପଦେଷ୍ଟା ସଂଜିତ ମହାନ୍ତି, ସଂଘ ଉପ ସଭାପତି ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ସି ସି ଏଫ୍ ସୁଦର୍ଶନ ବେହେରା, ଡି ଏଫ୍ ଓ ସମ୍ବଲପୁର ଗୌରୀ ଶଙ୍କର ଦାସ, ଡି ଏଫ୍ ଓ କୁଚିଣ୍ଡା ଦେବାର୍ଚ୍ଚନ ବେହେରା, ଡି ଏଫ୍ ଓ ଝାରସୁଗୁଡ଼ା ସାଳବିନ୍ଦର୍ ସିଂ, ଡି ଏଫ୍ ଓ ରେଢ଼ାଖୋଲ ସୁବ୍ରତ ପାତ୍ର, ଡି ଏଫ୍ ଓ ଦେବଗଡ଼ ପ୍ରକାଶ ଦାସଙ୍କ ମଧ୍ୟରେ ଏକ ଆଲୋଚନା ଅନୁଷ୍ଠିତ ହୋଇ ପ୍ରସ୍ତାବ ବିଷୟରେ ଆଲୋଚନା କରାଯାଇଛି । ସଂଘର ଏହି ପ୍ରତିନିଧି ମଣ୍ଡଳୀ ରେ ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ଭୁପେନ୍ଦ୍ର ନାୟକ, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଆକାଶ ଦେବତା, ରବିନ ରଞ୍ଜିତ, ବିକାଶ ପ୍ରଧାନ, ତୋଳାଳୀ କବିତା ତିର୍କି, ନିର୍ବାଣୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି ଉପରୋକ୍ତ ଦାବୀ ସମୂହ କୁ ନେଇ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଘେରାଉ ସମାବେଶ କରାଯାଉଥିବା ବେଳେ ଆସନ୍ତା କାଲି ୨୨ ଏପ୍ରିଲରେ ସମ୍ବଲପୁର, ୨୩ ରେ ରେଢ଼ାଖୋଲ ଓ ୨୪ ରେ ଅନୁଗୋଳ ରେ ଘେରାଉ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି ଏବଂ ଦାବୀ ହାସଲ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଙ୍ଘର ସଂଗଠନ ସମ୍ପାଦକ ସଂଜିତ ମହାନ୍ତି ପ୍ରକାଶ କରିଛନ୍ତି ।

# ତିହିଡ଼ି ପୁଲିସ ଜବତ କଲା ୨ଟି ଡିଜେ

ଭଦ୍ରକ,୨୨/୪(ନି. ପ୍ର): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ନୂଆନନ୍ଦ କଂଟିମଙ୍ଗଳା ପାଟୁଆ ଶୋଭାଯାତ୍ରା ବେଳେ ଡିଜେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ଜଣ ଯୁବକଙ୍କର ମୃତ୍ୟୁ ଘଟିଥିଲା । ଯେଉଁଥି ପାଇଁ ପୁଲିସ ଏବେ ଡିଜେ ବାଜିବାକୁ ସମ୍ପୂର୍ଣ୍ଣ ନିଷେଧ କରିଛି । ଏହି ପରିପ୍ରେକ୍ଷୀରେ ଗୁଆମାଳ ଓ ତାଳପଦା ଅଂଚଳରେ ବିବାହ ଶୋଭାଯାତ୍ରାରେ ଡିଜେ ବାଜୁଥିବା ପୁଲିସ ଖବର ପାଇଥିଲା ।ଇତି ପୂର୍ବରୁ ମଧ କାଳିମେଘା ମେଳନ ଓ ପୀରହାଟରେ ଡିଜେ ପାଇଁ ୨ଜଣଙ୍କର ମୃତ୍ୟୁ ଘଟିଥିଲା । ଡିଜେ ବଜାଇବାକୁ ଅନୁମତି ନଦେବାକୁ ପ୍ରଶାସନ ଉପରେ ଚାପ ପଡ଼ିଥିଲା । ଯେଉଁଥି ପାଇଁ ପୁଲିସ ଏବେ ଡିଜେ ବାଜିବାକୁ ସମ୍ପୂର୍ଣ୍ଣ ନିଷେଧ କରିଛି । ଏହି ପରିପ୍ରେକ୍ଷୀରେ ଗୁଆମାଳ ଓ ତାଳପଦା ଅଂଚଳରେ ବିବାହ ଶୋଭାଯାତ୍ରାରେ ଡିଜେ ବାଜୁଥିବା ପୁଲିସ ଖବର ପାଇଥିଲା । ତିହିଡ଼ି ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ତତ୍କ୍ଷଣାତ୍ ଘଟଣା ସ୍ଥଳରେ ପହଂଚି ୨ଟି ଡିଜେକୁ ଜବତ କରି ଥାନାକୁ ଆଣିଥିଲେ । ଏ ନେଇ ପୁଲିସ ନନ୍ ଏଫ.ଆଇ.ଆର କେଶ ନଂ ୧୫ ଓ ୧୬/୨୫ରେ ସେକ୍ସନ ୫, ଓଡ଼ିଶା ଫାୟାର ଏଣ୍ଡ ଲାଉଡ୍ ସ୍ପିକର ଆକ୍ଟ ବଳରେ ଦୁଇଟି ମମାଲା ରଜୁ କରିଥିବା ଜଣା ପଡ଼ିଛି ।

# ସୁଦର୍ଶନ ସ୍ୱାଗତ ସ୍ମୃତି ଟ୍ରଷ୍ଟ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା

ସମ୍ବଲପୁର,୨୨/୪(ନି. ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ହାଡ଼ିପାଲି ଗ୍ରାମରେ ସ୍ୱର୍ଗତ ସୁଦର୍ଶନ ଓ ସ୍ୱାଗତ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ସୁଦର୍ଶନ ସ୍ୱାଗତ ସ୍ମୃତି ସମିତି ଟ୍ରଷ୍ଟ ପକ୍ଷରୁ ଜମନକିରା ବ୍ଲକ ଅନ୍ତର୍ଗତ ଭାତପୁରା ସ୍ଥିତ ପଂଚାୟତ ଉଚ୍ଚ ବିଦ୍ୟାଳୟ ସଭାଗୃହ ଠାରେ ଏକ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷକ ରତନ ଲାଲ ସିଂ ,ଅବସର ପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ,ଟ୍ରଷ୍ଟର ସଭାପତି ସବିତା ପଟେଲ, ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ କୃତି ଛାତ୍ର,ଛାତ୍ରୀ ଙ୍କୁ ପୁରସ୍କୃତ କରିଥିଲେ ।ବିଗତ ନବମ ଶ୍ରେଣୀରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ସୁଶ୍ରୀ ଦୀପିକା ସିଂହ, ଲିଲୀମା ରଣା ଓ ରଜତ ମହାପାତ୍ର ଙ୍କୁ ଅତିଥି ଗଣ ମାନପତ୍ର , ପୁସ୍ତକ ,ପେନ୍, ଫୁଲ ତୋଡା ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ସମ୍ମାନ ଗ୍ରହଣ କରି ପୁରସ୍କୃତ ଛାତ୍ର ,ଛାତ୍ରୀ ଆଗାମୀ ଦିନରେ ଆହୁରି ଭଲ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଟ୍ରଷ୍ଟ ର ସମ୍ପାଦକ ସୁବାସ ନାୟକ ଟ୍ରଷ୍ଟ ପକ୍ଷରୁ ମେଧାବୀ ଓ ଅଭାବୀ ଛାତ୍ର,ଛାତ୍ରୀ ଙ୍କୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ଘୋଷଣା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସହରୀ ଶିକ୍ଷକ ସୁବ୍ରତ କୁମାର ପଣ୍ଡା, ମଧୁମିତା ବହିଦାର, କୈଳାସ ଚନ୍ଦ୍ର ଗୌଡ଼, ସୁମନ୍ତ କୁମାର ମହକୁଦ୍ ଓ ପ୍ରଦୀପ୍ତ କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଟ୍ରଷ୍ଟ ର କାର୍ଯ୍ୟାବଳୀ କୁ ଉଚ୍ଚ ପ୍ରଶଂସା କରିବା ସହ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ଛାତ୍ରୀ ଦୀପିକା ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ । ଛାତ୍ରୀ ଗଣ ପ୍ରାରମ୍ଭିକ , ଉଦଯାପନୀ ସହ ସ୍ୱର୍ଗତ ଉଭୟ ଆତ୍ମାର ସଦଗତି ପାଇଁ ମଧ ସଙ୍ଗୀତ ପରିବେଷଣ କରିଥିଲେ ।

# ଜାତୀୟ ସ୍ତରରେ ଚମକିବେ ତୃଣମୂଳ ସ୍ତରର ପ୍ରତିଭା

## ୱାମ୍ ଫାଇନାଲରେ ଅଂଶଗ୍ରହଣ କରିବେ ଭାରତର ୧୧ଟି ସହରରୁ ବଛା ହୋଇଥିବା ପ୍ରତିଯୋଗୀ

ନୂଆଦିଲ୍ଲୀ,୨୨/୪(ନି. ପ୍ର): ୱେଭ୍ସ ଆନିମେ ଏବଂ ମାଙ୍ଗା ପ୍ରତିଯୋଗିତା (ୱାମ)ର ଜାତୀୟସ୍ତରର ଫାଇନାଲରେ ଅଂଶଗ୍ରହଣ କରିବା ଲାଗି ଭାରତର ୧୧ଟି ସହରରୁ ଚୂଡ଼ାନ୍ତ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି । ଗତ କିଛି ମାସ ଧରି ଆଂଚଳିକ ସ୍ତରରେ ଆୟୋଜିତ ହୋଇଥିବା ଏକାଧିକ ପ୍ରତିଯୋଗିତାରେ ହଜାର ହଜାର ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ଫାଇନାଲିଷ୍ଟ୍ ମାନଙ୍କୁ ଚୟନ କରାଯାଇଛି । ଏହି ସମ୍ମାନଜନକ ପ୍ରତିଯୋଗିତାର ଫାଇନାଲ ୱେଭ୍ସ ୨୦୨୫ ଅବସରରେ ଆୟୋଜନ କରାଯିବ । ବିଶ୍ୱ ଅଡିଓ ଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ ବା ୱେଭ୍ସ ଆସନ୍ତା ମଇ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଅନୁଷ୍ଠିତ ହେବ । ଭାରତରେ ପ୍ରଥମ ଥର ପାଇଁ ଏଭଳି ଏକ ସମ୍ମିଳନୀ ଆୟୋଜନ କରାଯାଉଛି ।

ମିଡିଆ ଆଣ୍ଡ ଏଣ୍ଟରଟେନମେଣ୍ଟ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏମଇଏଆଇ) ଦ୍ୱାରା ୱାମ୍ ଆୟୋଜନ କରାଯାଉଥିବା ବେଳେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଏହାକୁ ୱେଭ୍ସ ଅଧୀନରେ ସମର୍ଥନ ଯୋଗାଇ ଦେଉଛି । ୱେଭ୍ସ ହେଉଛି ଏଭିଜିସି-ଏକ୍ସଆର କ୍ଷେତ୍ର-ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଂ, କମିକ୍ସ ଏବଂ ଏକ୍ସଟେଣ୍ଡେଡ ରିଅଲିଟି ପାଇଁ ଭାରତର ସବୁଠାରୁ ବଡ଼ ମଂଚ । ୱେଭ୍ସର ଏକ ପ୍ରମୁଖ ଅଂଶବିଶେଷ ଭାବେ କ୍ରିଏଟ୍ ଇନ୍ ଇଣ୍ଡିଆ ଚାଲେଞ୍ଜ (ସିଆଇସି) ଆୟୋଜନ କରାଯାଉଛି । ସିଆଇସିର ପ୍ରଥମ ସିଜନ୍ ୧ ଲକ୍ଷରୁ ଅଧିକ ପଞ୍ଜୀକରଣ ସହିତ ଇତିହାସ ରଚିଛି । ଏମାନଙ୍କ ମଧ୍ୟରେ ୧୧ଶହ ଅନ୍ତର୍ଜାତୀୟ ପ୍ରତିଯୋଗୀ ଅଛନ୍ତି । ବିସ୍ତୃତ ଚୟନ ପ୍ରକ୍ରିୟା ପରେ ୩୨ଟି ଅଭିନବ ପ୍ରତିଯୋଗିତାରେ ୭୫୦ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଛି ।

ସିଆଇସିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହେଉଛି ୱାମ୍ । ଗତ ଏକ ଦଶନ୍ଧି ମଧ୍ୟରେ, ଆନିମେ ଏବଂ ମାଙ୍ଗା ଭାରତରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ପ୍ରଥମେ ଏହା ଏକ ସ୍ୱତନ୍ତ୍ର ରୁଚି ଭାବରେ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହା ଏକ ପ୍ରମୁଖ ସାଂସ୍କୃତିକ ଧାରାରେ ପରିଣତ ହୋଇଛି । ଭାରତରେ ପ୍ରାୟ ୧୮୯ ନିୟୁତ ଆନିମେ ପ୍ରଶଂସକ ଅଛନ୍ତି, ଯାହାଫଳରେ ଆମ ଦେଶ ଚୀନ୍ ପରେ ଦ୍ୱିତୀୟ ବୃହତ୍ତମ ଆନିମେ ବଜାରରେ ପରିଣତ ହୋଇଛି । କେବଳ ଦର୍ଶକ ନୁହନ୍ତି ବଜାର ଆକାର ମଧ ବଢ଼ିଛି । ୨୦୨୩ରେ ଭାରତର ଆନିମେ ବଜାର ୧୬୪୨.୫ ନିୟୁତ ଡଲାର ଥିବା ବେଳେ ଏହା ୨୦୩୨ ସୁଦ୍ଧା ୫,୦୩୬ ନିୟୁତ ଡଲାରରେ ପହଂଚିବ ବୋଲି ଆଶା କରାଯାଉଛି ।

ମୌଳିକ ଆଇ.ପି.ଗୁଡ଼ିକର (ବୌଦ୍ଧିକ ସମ୍ପତ୍ତି) ବିକାଶ ଏବଂ ଉପସ୍ଥାପନ ପାଇଁ ଭାରତୀୟ ନିର୍ମାତାମାନଙ୍କୁ ଢାଂଚାଗତ ସୁଯୋଗ ପ୍ରଦାନ କରି ଏହି କ୍ରମବର୍ଦ୍ଧିଷ୍ଣୁ ସୃଜନଶୀଳ ଶକ୍ତିର ଉପଯୋଗ କରାଯାଇଥିଲା । ଏହା ମୌଳିକ, ସାଂସ୍କୃତିକ ମୂଳ ଥିବା ଆଇ.ପି.ଗୁଡ଼ିକୁ ପ୍ରୋତ୍ସାହିତ କରି ଭାରତର ଗଣମାଧ୍ୟମ ଉଦ୍ୟୋଗରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରିଥାଏ । ବିଶ୍ୱସ୍ତରରେ ଆନିମେ ଏବଂ ଡିଜିଟାଲ ସାକ୍ଷରତାର ବୃଦ୍ଧି ସହିତ ୱାମ୍ ! ଛାତ୍ରଛାତ୍ରୀ ଏବଂ ପେସାଦାରମାନଙ୍କୁ ବିଚାର ପ୍ରଦର୍ଶନ କରିବା ପାଇଁ ଏକ ମଂଚ ପ୍ରଦାନ କରିଥାଏ । ଏହା ପିଚ୍ ପାଇଁ ପ୍ରସ୍ତୁତ ଆଇ.ପି. ଗୁଡ଼ିକର ବିକାଶ, ଶିଳ୍ପ ପରାମର୍ଶଦାତାଙ୍କ ପ୍ରବେଶ ଏବଂ ସରକାରଙ୍କ ସମର୍ଥନ ପାଇଁ ଏକ ସ୍ପଷ୍ଟ ମାର୍ଗ ପ୍ରଦାନ କରିଥାଏ ।

ଏହାକୁ ଆହୁରି ଜୀବନ୍ତ କରିବା ଲାଗି ବିଭିନ୍ନ ସ୍ତରରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀ ଓ ପେସାଦାରଙ୍କୁ ନେଇ ମାଙ୍ଗା, ଆନିମେ, ୱେବଟୁନ୍, ଭଏସ ଆକ୍ଟିଂ, କସପ୍ଲେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଭୁବନେଶ୍ୱର ସମେତ ଗୌହାଟୀ, କୋଲକାତା, ବାରଣାସୀ, ଦିଲ୍ଲୀ, ମୁମ୍ବାଇ, ନାଗପୁର, ଅହମ୍ମଦାବାଦ, ହାଇଦ୍ରାବାଦ, ଚେନ୍ନାଇ ଓ ବେଙ୍ଗାଲୁରୁକୁ ମିଶାଇ ୧୧ଟି ସହରରେ ୱାମ୍ ପ୍ରତିଯୋଗିତା ଆୟୋଜନ କରାଯାଇ ଛାତ୍ରଛାତ୍ରୀ ଓ ପେସାଦାରବର୍ଗରେ ଫାଇନାଲିଷ୍ଟମାନଙ୍କୁ ଚୟନ କରାଯାଇଥିଲା । ଆନିମେସନ, କମିକ୍ସ, ମିଡିଆ ଓ ମନୋରଞ୍ଜନ କ୍ଷେତ୍ରର ଶିଳ୍ପ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ବିଜେତାମାନଙ୍କୁ ଚୟନ କରିଥିଲେ । ସ୍ୱରର ବିବିଧତା ଏବଂ କାହାଣୀ କହିବାର ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିବା ଉଚ୍ଚ ସମ୍ଭାବନାପୂର୍ଣ୍ଣ ପ୍ରତିଭାମାନଙ୍କୁ ବିଶେଷଜ୍ଞମାନେ ଚୟନ କରିଥିଲେ । ଆଂଚଳିକ ରାଉଣ୍ଡରେ ଭାରତର ସମୃଦ୍ଧ ଭାଷାଗତ ଓ କଳାତ୍ମକ ବିବିଧତା ଦେଖିବାକୁ ମିଳିଥିଲା ଏବଂ ସୃଜନଶୀଳ ପ୍ରତିଭାର କୌଣସି ସୀମା ନାହିଁ ବୋଲି ଏଥିରୁ ପ୍ରମାଣିତ ହୋଇଥିଲା ।

ଏହି ଦୃଢ଼ ମୂଳଦୁଆକୁ ଆଧାର କରି ଜାତୀୟ ସ୍ତରରେ ଫାଇନାଲ ଅନୁଷ୍ଠିତ ହେବ । ଏହା ପ୍ରତିଯୋଗୀମାନଙ୍କୁ ଶିଳ୍ପ ପାଇଁ ପ୍ରସ୍ତୁତ ପେସାଦାର ଭାବେ ବିକଶିତ କରିବ । ସେମାନେ ପ୍ରଯୋଜନା ଷ୍ଟୁଡିଓ ଆଗରେ ଲାଇଭ୍ ପିଚିଂ ବା ପ୍ରସ୍ତାବ ଉପସ୍ଥାପନ ଅଧୀବେଶନ, ନେଟୱର୍କିଂରେ ଅଂଶଗ୍ରହଣ କରିପାରିବେ ଏବଂ ଅନ୍ତର୍ଜାତୀୟ ଗଣମାଧ୍ୟମର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସମ୍ମୁଖରେ ସେମାନଙ୍କର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିବେ ।

ଚୂଡ଼ାନ୍ତ ପ୍ରତିଯୋଗିତା ପାଇଁ ଚୟନ ହୋଇଥିବା ସୃଜନଶୀଳ ନିର୍ମାତା ବା କ୍ରିଏଟରମାନେ ଏବେ ୱାମ ଅଭିମୁଖେ ଯିବେ । ୱେଭ୍ସ ୨୦୨୫ ଅବସରରେ ହେବାକୁ ଥିବା ଜାତୀୟ ସ୍ତରର ଫାଇନାଲରେ ସେମାନେ ଅନ୍ତର୍ଜାତୀୟ ବିଚାରକ ଓ ଦର୍ଶକଙ୍କ ଆଗରେ ନିଜର କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବେ । ଏଥିରେ ସଫଳ ହେଲେ ସେମାନଙ୍କୁ ଟୋକିଓରେ ଆନିମେ ଜାପାନ ୨୦୨୬ରେ ଭାଗ ନେବାର ସୁଯୋଗ ମିଳିବ । ଗୁଲମୋହର୍ ମିଡିଆ ଦ୍ୱାରା ହିନ୍ଦୀ, ଇଂରାଜୀ ଓ ଜାପାନୀରେ ଆନିମେ ଡବିଂ, ଟୁନ୍ ସୂତ୍ର ଦ୍ୱାରା ୱେବଟୁନ୍ ପ୍ରକାଶନ ଆଦିର ସୁବିଧା ମିଳିବ । ୱାମ୍ କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ଏକ ସାଂସ୍କୃତିକ ଆନ୍ଦୋଳନ ଯାହାକୁ ଭାରତୀୟ ଗଣମାଧ୍ୟମ ପରିଦୃଶ୍ୟରେ ରହିଥିବା ବ୍ୟାପକ ବିଶ୍ୱସ୍ତରୀୟ ପ୍ରସାରର ଅଭାବ ଏବଂ ଭାରତୀୟ କାହାଣୀ ଉପରେ ଆଧାରିତ ମୌଳିକ ବିଷୟବସ୍ତୁ ଭଳି ପ୍ରମୁଖ ଶୂନ୍ୟସ୍ଥାନ ଦୂର କରିବା ନିମନ୍ତେ ପରିକଳ୍ପନା କରାଯାଇଛି । ୱେଭ୍ସ ୨୦୨୫କୁ ଆଉ ୯ ଦିନରୁ କମ୍ ସମୟ ବାକି ରହିଥିବା ବେଳେ ଏହାକୁ ନେଇ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି । ଏହା ପ୍ରତିଭା, ମୌଳିକତା ଏବଂ କାହାଣୀ ବର୍ଣ୍ଣନାର ରୂପାନ୍ତରଣକାରୀ ଶକ୍ତିର ଏକ ଉତ୍ସବ ।

# ଉତ୍ସର୍ଗ, ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ୫ ରେଳ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର,୨୨/୪(ନି. ପ୍ର): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ପାଂଚ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର କର୍ତବ୍ୟନିଷ୍ଠା, ସତର୍କତା ଏବଂ ଡ୍ୟୁଟି ସମୟରେ ତ୍ୱରିତ କାର୍ଯ୍ୟ ପାଇଁ ସମ୍ମାନିତ କରିଛନ୍ତି ଯାହା ଦ୍ୱାରା ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସମାରୋହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱରର ରେଳ ସଦନ ଠାରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ, ପ୍ରମୁଖ ମୁଖ୍ୟ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଅସାଧାରଣ ସେବା ପାଇଁ ସମ୍ମାନିତ ହୋଇଥିବା ଛଅ ଜଣ ରେଳ କର୍ମଚାରୀ ହେଉଛନ୍ତି - କାମାକ୍ଷାନଗର ର ଟ୍ରେନ ପଏଂଟସମ୍ୟାନ ଶକ୍ତି ପ୍ରସାଦ ସାହୁ, ସମ୍ବଲପୁର ଗୋଡ଼ଭାଗାର ଟ୍ରକ ମେଂଟେନର ଦେବରାଜ ସୁନା, ଖୋର୍ଦ୍ଧା ରୋଡ଼ର ଗୁଡ଼ସ ଲୋକୋ ପାଇଲଟ ପୂର୍ଣଚନ୍ଦ୍ର ପଣ୍ଡା, ରାୟଗଡାର ସହାୟକ ଲୋକୋ ପାଇଲଟ ସୁରକତୁଲ୍ଲା ଶ୍ରୀଚରଣ ତେଜା, ଟିଟିଲାଗଡ଼ର ଟ୍ରାକ ମେଂଟେନର ପୂଜନ କୁମାର । ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ଏହି କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ ଯାହା ରେଳ ନେଟୱାର୍କର ସୁଗମ ଏବଂ ନିରାପଦ କାର୍ଯ୍ୟକାରିତା ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାତ୍ରୀ ସୁରକ୍ଷା ଏବଂ ପରିଚାଳନାଗତ ଦକ୍ଷତା ସୁନିଶ୍ଚିତ କରିବାରେ ରେଳ କର୍ମଚାରୀଙ୍କ ସମର୍ପଣ ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ରେଳ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତାକୁ ସ୍ୱୀକାର କରି, ଶ୍ରୀ ଫୁଙ୍କୱାଲ ସମସ୍ତ ରେଳ କର୍ମଚାରୀଙ୍କୁ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଅନୁରୋଧ କରିଥିଲେ, ରେଳ କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ପୁନରାବୃତ୍ତି କରିଥିଲେ ଯେ ରେଳ କର୍ମଚାରୀଙ୍କ ଅଟଳ ପ୍ରୟାସ ଏକ ସୁରକ୍ଷିତ ଏବଂ ଦକ୍ଷ ରେଳ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସୁଛି ।

# ମିଳୁନି ପିଇବା ପାଣି

ମୁଖୀଗୁଡା,୨୨/୪(ନି. ପ୍ର): ଖରାର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ମୁଖୀଗୁଡାର ଦୁଇ ପଡାବାସୀ ପିଇବାପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜୟପାଟଣା ବ୍ଲକ ଅନ୍ତର୍ଗତ ମୁଖୀଗୁଡା ଗ୍ରାମର ପାଇକପଡା ଏବଂ ପୂଝାରିପଡାକୁ ପାଇପ ଯୋଗେ ପିଇବା ପାଣି ବ୍ୟବସ୍ଥା ରହିଛି । ହେଲେ ଗତ ଦୁଇ ମାସ ହେଲା ଆଉ ପିଇବା ପାଣି ଆସୁନଥିବାରୁ ପଡାବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଦୁଇ ମାସ ହେଲା ମୋଟର ଖରାପ ହୋଇଥିବାରୁ ପାଣି ଦିଆଯାଉନଥିବା କୁହାଯାଉଛି । ଅଭିଯୋଗ ପରେ ମଧ ପଂଚାୟତ କର୍ତ୍ତୃପକ୍ଷଙ୍କ ନୀରବତା ସମସ୍ତଙ୍କୁ ବ୍ୟଥିତ କରିଛି । ଏବେ ଖରା ଯୋଗୁଁ ପିଇବାପାଣି ପାଇଁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି ।

# ନିଷ୍କାମ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାମଚନ୍ଦ୍ର ମିଶ୍ରଙ୍କ ୩୭ତମ ଶ୍ରାଦ୍ଧବାର୍ଷିକ ପାଳନ

ଗଂଜାମ,୨୨/୪(ନି. ପ୍ର): ବ୍ରହ୍ମପୁର କୋର୍ଟ ପେଟା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଂଗ୍ରାମୀ ରାମ ଚନ୍ଦ୍ର ମିଶ୍ରଙ୍କ ୩୭ ତମ ଶ୍ରାଦ୍ଧ ବାର୍ଷିକ ଗଞ୍ଜାମ ଜିଲ୍ଲା ବିକାଶ ମଂଚ ସଭାପତି ରାଜେନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଯାଇଅଛି । ସଭାରେ ନବୀନ ର ସମ୍ପାଦକ ବରିଷ୍ଠ ସାମ୍ବାଦିକ ଶ୍ରୀ ରବି ରଥ ମୁଖ୍ୟ ବକ୍ତା, ବ୍ୟଙ୍ଗ କବି ସିରିଶ ପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ଗୁଣଗାନ କରି ଥିଲେ । ୧୯୧୫ ମସିହା ଧରାକୋଟ ରାଜେନ୍ଦ୍ର ପୁର ଶାସନ ରେ ଜନ୍ମ ଗ୍ରହଣ କରି ଗାଁ ପାଠ ଶେଷ କରି ଖଲିକୋଟ କଲେଜରେ ଏଫ ଏ ପାସ କରିବା ପରେ ୧୯୩୮ ମସିହା ବେଳକୁ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ ଓ ଗାଁ ଗାଁ ବୁଲି ଲୋକଙ୍କ ଦୁଃଖ ଶୁଣିବା ଗାନ୍ଧୀ ବାଣୀ ପ୍ରଚାର ସମୟରେ ଆସିକା ଠାରେ ଲାଠିମାଡ ପରିଶେଷରେ କାରାବରଣ କରି ଥିଲେ । ଉଚ୍ଚଶିକ୍ଷା,ଭବିଷ୍ୟତକୁ ଜଳାଞ୍ଜଳି ଦେଇ ସ୍ୱାଧୀନତା ପରେ ଜିଲାବୋର୍ଡ ର ସଦସ୍ୟଭାବେ ଶିକ୍ଷାର ପ୍ରସାର କୃଷିର ଉନ୍ନତି,ଦରିଦ୍ର ସେବାରେ ନୟୋଜିତ ହୋଇଥିଲେ ସେ ବିଷୟରେ ଡ. ଶିବପ୍ରସାଦ ମିଶ୍ର କହିଥିଲେ ।

## AFFIDAVIT

An affidavit before the executive Magistrate Nilgiri, I, Smt. Ranjita Das, aged 33 years, W/o - Chittaranjan Das of Vill- Khadipada, P.O- Santaragadia, P.S.- Nilgiri, Dist- Balasore do hereby solemnly affirm state that actually my son name is Indrajit Das which is mentioned in his birth certificate But unfortunately in Aadhar Card his name has been mentioned Drndrajit Das. So I want to change my son's name in Aadhar Card Indrajit Das Instead of Drndrajit Das. Both the name is one and same person. Henceforth He will known as Indrajit Das for all purpose.

Ranjit Das

# ସେଦିନର ବୋଉ ଓ ଆଜିର ମମି

ଶ୍ରୀବତ୍ସ ନାୟକ

ବୋଉ......! ସତରେ କେଡେ କ୍ଷୁଦ୍ର ଶବ୍ଦଟିଏ ! କ୍ଷୁଦ୍ର ହେଲେ ମଧ୍ୟ ବ୍ୟାପକ । ଥରେ 'ବୋଉ' ବୋଲି ଡାକିଦେଲେ ମନ ବଦଳିଯାଏ,ଦୁଃଖ ହଜିଯାଏ, କଷ୍ଟ କମିଯାଏ,ଭୟ ଦୂରେଇ ଯାଇ ଯେଉଁ ଆତ୍ମୀୟତା ପ୍ରକାଶ ପାଏ ତାହା ଆଉ କେଉଁ ଶବ୍ଦରେ ନଥାଏ । 'ବୋଉ' ଶବ୍ଦରୁ ପ୍ରେମ ଓ ଭଲ ପାଇବାର ସଂଜ୍ଞା ଆରମ୍ଭ ହୋଇଥାଏ ଯାହାର ବିକଳ୍ପ ନାହିଁ କି ତୁଳନା ମଧ୍ୟ ନାହିଁ । ସେ ଚିର ବନ୍ଦନୀୟା । ତାର ପ୍ରେମ,ତ୍ୟାଗ ଓ ସମର୍ପଣକୁ ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । 'ବୋଉ' କେବଳ ଏକ ଶବ୍ଦ ନୁହେଁ ବରଂ ଏହା ଏକ ପ୍ରତିଶ୍ରୁତି,ଯାହା ନିଶବ୍ଦରେ କହୁଥାଏ ମୁଁ ଥିଲି,ଅଛି ଆଉ ରହିଥିବି ମଧ୍ୟ । ଏହିଭଳି ବୋଉ ପାଇଁ ଯେତେ କହିଲେ ବି କମ୍ ପଡ଼ିଯିବ । ମହାଭାରତର ବନ ପର୍ବରେ ବର୍ଣ୍ଣିତ ଅଛି ଯେ 'ଆକାଶହୁଁ ବଡ଼ ପିତା,ମାତା ବଡ଼ ପୃଥିବୀ ଅପେକ୍ଷା' ଅର୍ଥାତ୍ ଆକାଶ ଠାରୁ ବଡ଼ ଯଦି ପିତା ହୁଏ ତେବେ ପୃଥିବୀ ଠାରୁ ବଡ଼ ହେଉଛି 'ମା' ବା 'ବୋଉ' । ଆହୁରି ମଧ୍ୟ କୁହାଯାଇଛି ଯେ 'ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ' ଅର୍ଥାତ୍ ବୋଉ ସ୍ୱର୍ଗଠାରୁ ବଡ଼ ପୁଣି ଈଶ୍ୱରଙ୍କ ଠାରୁ ମହାନ୍ । ପରିବର୍ତ୍ତନଶୀଳ ଦୁନିଆରେ ପରିବର୍ତ୍ତନ ହିଁ ସଂସାରର ଏକ ମାତ୍ର ସ୍ଥିରତା । ସମୟର ପରିବର୍ତ୍ତନ ସହ ଆଧୁନିକତାର ସ୍ପର୍ଶରେ ସେଦିନର 'ବୋଉ' ଶବ୍ଦ ଆଜି 'ମମି','ମମ୍' ଓ 'ମାମା'ଶବ୍ଦରେ ପରିବର୍ତ୍ତନ ହୋଇଗଲାଣି । ଓଡ଼ିଆ ଜନ ମାନସରୁ ପ୍ରାୟ 'ବୋଉ' ଡାକ ହଜିଗଲାଣି । ବୋଉମାନେ 'ମାମା'ରେ ରୂପାନ୍ତରିତ ହୋଇଯିବାରୁ ସେମାନଙ୍କର କାର୍ଯ୍ୟକଳାପରେ ମଧ୍ୟ ଅନେକ କିଛି ପରିବର୍ତ୍ତନ ଦେଖାଦେଲାଣି ଯାହା ଆଜି ଆଲୋଚ୍ୟର ପ୍ରସଙ୍ଗ ।

ବୋଉ,ପ୍ରସବର ବେଦନାକୁ ସହ୍ୟ କରି ନିଜର ଛୁଆକୁ ଅନ୍ତ ଫାଡ଼ି ଜନ୍ମ ଦେଇ ସଂସାର ଦେଖାଏ । ନିଜ ବକ୍ଷରୁ ଅମୃତ ଦାନ କରି ଛୁଆକୁ ବଡ଼ କରେ କିନ୍ତୁ ମମି, ଗର୍ଭ ଯନ୍ତ୍ରଣାକୁ ସହ୍ୟ ନକରି ପାରିବା ଯୋଗୁଁ ପୋଷ୍ୟ ସନ୍ତାନ ଗ୍ରହଣ କରେ କିମ୍ବା ଗର୍ଭସ୍ଥ ଶିଶୁକୁ ଡାକ୍ତରଖାନାରେ ପ୍ରସବ କରାଇଥାଏ ଓ ନିଜର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବା ଆଳରେ ନିଜ ଶିଶୁକୁ ସ୍ତନପାନ ନକରାଇ ପପୁ ବୋତଲ ଧରେଇଥାଏ । ବୋଉ, ଦରୋଟି ଭାଷାରେ କଥା କହିବା ଶିଖାଏ,ହାତ ଧରି ଚାଲିବା ଶିଖାଏ,କବିତା ଓ ଲୋରୀ ଶୁଣାଇଥାଏ କିନ୍ତୁ ମମି ମୋବାଇଲ ଖଣ୍ଡେ ଧରେଇ ଦେଇ ନିଜର ଦାୟିତ୍ୱ ସମ୍ପନ୍ନ କରେ, କୁକୁରକୁ କାନ୍ଧରେ କାନ୍ଧେଇ ଛୁଆକୁ ଚଲେଇ ଚଲେଇ ନେଇଥାଏ । ଶୁଆଇବା ପାଇଁ କିମ୍ବା ଖାଦ୍ୟ ଖୁଆଇବା ପାଇଁ ବୋଉ,ନାନା ଗପ କୁହେ,ନାନା ବାୟା ଗୀତ ବୋଲେ,କାଖରେ କାଖେଇ ଖୋଲା ଅଗଣାରେ ଜହ୍ନ ମାମୁଁ,ପୁଷି ମାଉସୀ,ବାଘ ମାମୁଁ ଆଦି ଦେଖେଇଥାଏ କିନ୍ତୁ ମମି ସୁ-ଉଚ୍ଚ ଅଟ୍ଟାଳିକାର ବନ୍ଦ୍ କୋଠରୀ ମଧ୍ୟରେ ଆୟାର ଦାୟିତ୍ୱରେ ମତେ ଧରେଇ ଦେଇ ନିଜ କାର୍ଯ୍ୟରେ ଘରୁ ବାହାରିଯାଏ । ବୋଉ ଅତି ସରଳ,ଅପାଠୋଇ ସୁଦୁ ମଫସଲି ଗାଉଁଲି ଝିଅ କିନ୍ତୁ ମମି ବହୁତ୍ ଚାଲାକ୍,ଉଚ୍ଚ ଶିକ୍ଷିତା ଓ ସହରୀ ଝିଅ ।ବୋଉ ଅକ୍ଷର ଶିଖିନି,ଗଣିତ ଜାଣିନି ତେଣୁ ଜାଣେନି ଏ ସଂସାରର ଫାନ୍ଦ ଫିକର । ଭାଗ ମାପରେ ଚାଲେ ନାହିଁ,ହିସାବ କିତାବ ରଖେ ନାହିଁ । ଜାଣିନି ଏ ସଂସାରର କୁଟିଳ ବନ୍ଧନ କିନ୍ତୁ ମମି, ହାତେ ମାପି ଚାଖଣ୍ଡେ ଚାଲେ ଓ ସବୁ କିଛିର ହିସାବ ରଖେ । ବୋଉ ଆଇନ୍ ର ମୋଟ ବହି ନପଢ଼ି ମଧ୍ୟ ବାପାଙ୍କର ମୁଖ୍ୟ ପରାମର୍ଶଦାତା କିନ୍ତୁ ମମି,ଆଇନ ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ହୋଇଥିଲେ ମଧ୍ୟ ଆଇନର ରକ୍ଷକ ହୋଇ ଭକ୍ଷକ ସାଜେ ବାପାଙ୍କୁ କୁ-ପଥରେ ଯିବା ପାଇଁ ପରାମର୍ଶ ଦିଏ । ବୋଉ କୌଣସି ବିଶ୍ୱବିଦ୍ୟାଳୟର ଛାତ୍ରୀ ନୁହେଁ କିନ୍ତୁ ବୋଉଠାରୁ ପାଇଥିବା ଶିକ୍ଷା କୌଣସି ବିଶ୍ୱବିଦ୍ୟାଳୟର ପାଠ୍ୟ ଖସଡ଼ାରେ ନଥିବ । ଅଶିକ୍ଷିତ ଅପାଠୋଇ ବୋଉର ଶିକ୍ଷା ନୀତି ନୈତିକତା ଉପରେ ଆଧାରିତ ଯାହା ସତ୍ୟ,ଧର୍ମ,ନ୍ୟାୟ ପଥରେ ପଥିକ ହେବା ପାଇଁ ଉଦ୍ଦିଷ୍ଟ ଓ ଜୀବନ ନୌକାକୁ ପାର କରିବା ଉପରେ ଗୁରୁତ୍ୱାରୋପ କରିଥାଏ, କିନ୍ତୁ ମମିର ଶିକ୍ଷା ଭବିଷ୍ୟତରେ ଡ଼ାକ୍ତର ଇଂଜିନିୟର,ନେତା ମନ୍ତ୍ରୀ ହୋଇ ପ୍ରଚୁର ଅର୍ଥ ଉପାର୍ଜନ କରିବା ପାଇଁ ଉଦ୍ଦିଷ୍ଟ। ସେଥିପାଇଁ ବୋଉର ଛୁଆ ଶ୍ରେଣୀ ଗୃହରେ ପଛରେ ବସି ଓଡ଼ିଆ କୁହେ ମାତ୍ର ମମିର ଛୁଆ ଶ୍ରେଣୀରେ ଆଗରେ ବସି ବଡ଼ ପାଟିରେ ଇଂଲିଶ କୁହେ।ବୋଉର ଛୁଆ ସରକାରୀ ବିଦ୍ୟାଳୟରେ ପଢ଼େ କିନ୍ତୁ ମମିର ଛୁଆ ସହରର ବେସରକାରୀ ଇଂଲିଶ ମିଡ଼ିଅମ୍ ବିଦ୍ୟାଳୟରେ ପଢ଼େ । ବୋଉର ଛୁଆ ଗୁରୁଜନଙ୍କୁ ପ୍ରଣାମ କରେ ହେଲେ ମମିର ଛୁଆ ଶୁଭ ସକାଳ,ହ୍ୟାଲୋ ହାୟ ଓ ବାୟ କୁହେ । ବୋଉ ଏକ ଆଲୁରି ବାଲୁରି ବିଲୁପ୍ତ ପ୍ରାୟ ନିରୀହ ପ୍ରାଣୀ କିନ୍ତୁ ମମି ସବ ଜାନତା ପ୍ରାଣୀଟିଏ । କିଛି ନଥାଇ ମଧ୍ୟ ଖୁସି ଥାଏ ବୋଉ କିନ୍ତୁ ସବୁଥିବା ସତ୍ତ୍ୱେ ମମି ଦୁଃଖରେ କାଳାତିପାତ କରେ।

ବୋଉର ପରିବାରରେ ବାପା,ଦାଦା,ଖୁଡ଼ି,ବଡବାପା,ବଡ଼ ବୋଉ,ଜେଜେ ବାପା,ଜେଜେ ମା,ଭାଇ,ନାନୀ ଥାଆନ୍ତି କିନ୍ତୁ ମମିର ପରିବାରରେ ଡାଡି,ମମି ଆଉ ଛୁଆ । ବୋଉ ନିଜର ସ୍ନେହ ସହାନୁଭୂତି ଦ୍ୱାରା ସମସ୍ତଙ୍କୁ ନିଜର କରିପାରେ, ନିଜର ଉପସ୍ଥିତି ବୁଦ୍ଧି ଓ ଉତ୍ସର୍ଗୀକୃତ ମନୋଭାବର ସଫଳ ରୂପାୟନ କରି ପରିବାରରେ ଶାନ୍ତି ପ୍ରତିଷ୍ଠା କରିବା ସହ ଆନନ୍ଦର ବାତାବରଣ ସୃଷ୍ଟି କରିପାରେ କିନ୍ତୁ ମମି ନିଜର ସ୍ୱାର୍ଥ ଉଦ୍ଦେଶ୍ୟରେ ଅନେକ ନିଜର ଲୋକଙ୍କୁ ପର କରେ ତ ଅନେକ ପର ଲୋକଙ୍କୁ ନିଜର କରିପାରେ । ବୋଉର ସବୁ ଜିନିଷ ପ୍ରାକୃତିକ କିନ୍ତୁ ମମିର ସବୁ କୃତ୍ରିମ । ବାସ୍ତବତାରେ ବଞ୍ଚେ ବୋଉ କିନ୍ତୁ ଅଭିନୟ କରେ ମମି। ବୋଉର ରୋଷେଇ ଘରେ ପଣା,ଖିରି,ଶାଗ ଭଜା,ଚୁଲି ରନ୍ଧା ଖାଦ୍ୟ, ବଡି ଭଜା ଆଦି ପ୍ରସ୍ତୁତ ହୁଏ କିନ୍ତୁ ମମି ତାର କିଚେନରେ ବର୍ଗର,ପିଜା, ମ୍ୟାଗି,ସାଣ୍ଡଉଇଚ୍, ଓ ପେଟିସ୍ ଆଦି ପ୍ରସ୍ତୁତିରେ ବ୍ୟସ୍ତ ରୁହେ । ବୋଉର ପଣତ କାନି କୁଆଡେ ବଡ଼ ଦେଉଳର ନେତ ଯାହା ତାର ଛୁଆ ପାଇଁ ସୁରକ୍ଷା କବଚ ସାଜିଥାଏ କିନ୍ତୁ ମମିର ପଣତ କୁଆଡୁ ବା ଆସିବ ! ଆଜିର ମମିମାନେ ତ ମ୍ୟାକସି ଓ ନାଇଟ ସୁଟ ପିନ୍ଧୁଥିବା ପ୍ରାଣୀ ପାଲଟିଗଲେଣି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# 'ଜ୍ଞାନୀ ହୁଅ, ଧନୀ ପଛେ ନହୁଅ'

କିଶୋର କୁମାର ଜେନା

ଆଧାତ୍ମିକତା ପ୍ରତି ବିମୁଖ ନହୋଇ ସମ୍ପୃକ୍ତ ହେଲେ ଯାଇ ଏହାର ପ୍ରକୃତ ସୁଖ ମିଳିପାରିବ। ଆଧାତ୍ମିକତା ସର୍ବଦା ଚେତନା ଜାଗ୍ରତ କରିବା ପାଇଁ ଆହ୍ୱାନ ଜଣାଇଥାଏ। ନିଜ ଚେତନାକୁ ଜାଗ୍ରତ ରଖିବା ଲାଗି ଆମକୁ ଏହି ମାନବ ଜନ୍ମ ପ୍ରାପ୍ତ ହୋଇଛି। ସର୍ବଦା ଜାଗ୍ରତ ରହିଲେ ଆମେ ଜୀବନରେ ସମସ୍ତ ଉପଲବ୍ଧି ହାସଲ କରିପାରିବା। ଚେତନା ଜାଗ୍ରତ ନହେଲେ ଆମେ ନିଜକୁ ଠିକ୍ ଭାବେ ଅନୁଶୀଳନ କରିପାରିବା ନାହିଁ କିମ୍ବା ଈଶ୍ୱରଙ୍କୁ ମଧ୍ୟ ବୁଝି ପାରିବା ନାହିଁ। କଠୋପନିଷଦରେ କୁହାଯାଇଛି ଯେ ଉତ୍ତିଷ୍ଠ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ। ଅର୍ଥାତ୍ ଉଠ, ଜାଗ ଏବଂ ଶ୍ରେଷ୍ଠତା ପ୍ରାପ୍ତ କର। ଏହି ଶ୍ଳୋକରୁ ସ୍ୱାମୀ ବିବେକାନନ୍ଦ ନିଜସ୍ୱ ଢ଼ଙ୍ଗରେ ବ୍ୟାଖ୍ୟା କରିଛନ୍ତି। ଏଣୁ ଜାଗ୍ରତ ରହିବା ଜରୁରୀ। କିନ୍ତୁ ଆମେ ଏକ ପ୍ରକାର ନିଦରେ ହଜିଯାଇଛୁ। ଏହା ମୋହ, ମାୟା ଏବଂ ଲୋଭର ନିଦ। କାମ, କ୍ରୋଧ, ଭୟ, ଲୋଭ, ମୋହ ଆଦି ଅବଗୁଣକୁ ପରିତ୍ୟାଗ କଲେ ଯାଇ ଆମ ଚେତନା ଜାଗ୍ରତ ହୋଇପାରିବ। ଏହାପରେ ଆତ୍ମାର ସେହି ଦିବ୍ୟ ପ୍ରକାଶକୁ ଦେଖିହେବ। ନିଜ ଭିତରେ ହିଁ ପରମାତ୍ମାଙ୍କ ଅସ୍ତିତ୍ୱକୁ ଅନୁଭବ କରିହେବ। ଆତ୍ମବିଶ୍ୱାସ ଘନିଭୂତ ହେବଂ ବ୍ୟକ୍ତି ସଂସାରର କଲ୍ୟାଣ ସାଧିତ କରିପାରିବ। ଈର୍ଷା-ଦ୍ୱେଷ, ଆସକ୍ତି ଆଦିକୁ ପରିତ୍ୟାଗ କଲେ ମନୁଷ୍ୟ ଆତ୍ମଉନ୍ମୁଖରୁ ପରମଉନ୍ମୁଖ ହୋଇପାରିବ। ଯେ ସର୍ବଦା ଜାଗି ରହିଥାଏ ତାକୁ ଆମେ ଜାଗ୍ରତଶୀଳ କହିଥାଉ। ଈଶ୍ୱରଙ୍କ ପ୍ରକାଶ ଖୋଜିବାକୁ ହେଲେ ପ୍ରଥମେ ନିଜ ଭିତରେ ଖୋଜିବାକୁ ହେବ। ଆଧାତ୍ମ ଏବଂ ଯୋଗ ଜ୍ଞାନ ଆମକୁ ଏହି ବାର୍ତ୍ତା ଦେଇଥାଏ। ଜାଗ୍ରତ ହୋଇପାରିଲେ ମନୁଷ୍ୟ ପାଇଁ କିଛି ବି ଅସମ୍ଭବ ହୋଇ ରହିନଥାଏ।

ବାପାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି, କେହି ତାଙ୍କୁ ଭୁଲି ନାହାନ୍ତି କିମ୍ବା ତାଙ୍କୁ ଉପେକ୍ଷା କରିନାହାନ୍ତି, ଏହା ହିଁ ଥିଲା ତାଙ୍କର ବ୍ୟକ୍ତିତ୍ୱ। ଥରେ ବାପା ମୋ ବଡ଼ଭାଇଙ୍କୁ କହିଲେ ଯେ, ଗଣ୍ଡୁଭରଚ ଉରମଣ୍ଡଳରର ଆମେ ନେଇଛେ, ସେଗୁଡ଼ାକ ସବୁ ଆଣ, ପ୍ରାୟ ପଚାଶ ହଜାର ଟଙ୍କାର ଗଣ୍ଡୁଭରଚ ଉରମଣ୍ଡଳରକୁ ସେ ନିଆଁରେ ପୋଡ଼ି ଦେଲେ। ବଡ଼ ଭାଇଙ୍କ କହିବା ଅନୁଯାୟୀ, ବାପାଙ୍କର ଉକ୍ତି ଥିଲା ଯେ, ଗରିବ ଲୋକ ଟଙ୍କା ନେଇ ଦେଇପାରୁନାହାନ୍ତି ତା ବୋଲି ତାଙ୍କ ଘରବାଡ଼ି ନିଲାମ କରିବି ? ତାଙ୍କର ଏହି ଅମାୟିକ ଗୁଣ ଜନସାଧାରଣରେ ବହୁତ ଆଦୃତ ଥିଲା। ଯଦିଓ ସେ ବେଶୀ ପାଠ ପଢ଼ିନଥିଲେ, କିନ୍ତୁ ତାଙ୍କର ଜ୍ଞାନରେ ସେ ଅନ୍ୟମାନଙ୍କର ସମ୍ମାନନୀୟ ହେଉଥିଲେ। ସଂସ୍କୃତ ଭାଷା ପ୍ରତି ତାଙ୍କର ବହୁତ ଆଦର ଥିଲା, ତେଣୁ ସେ ଗୋଟିଏ ସଂସ୍କୃତ ଟୋଲ ନିଜ ଖର୍ଚ୍ଚରେ ପ୍ରତିଷ୍ଠା କରି, ବହୁତ ଗରିବ ବ୍ରାହ୍ମଣ ପିଲାଙ୍କୁ ସଂସ୍କୃତ ଶିକ୍ଷାଦାନ କରାଇଥିଲେ। ମୋର ନିଜ କଥା ମୁଁ ଯେତେବେଳେ ବ୍ୟବସାୟରେ ଖୁବ ଉଚ୍ଚକୁ ଉଠି ଚାଲିଥିଲି, ସେତେବେଳେ ସେ ମୋତେ ପାଖକୁ ଡାକି ଓକିଲାତି କରିବା ପାଇଁ କହିଥିଲେ। ତାଙ୍କ କଥା ମାନି ମୁଁ ଓକିଲାତି ଆରମ୍ଭ କଲି, ଓକିଲାତି ଆରମ୍ଭ କରିବା ପୂର୍ବରୁ ମୁଁ ଯେତେବେଳେ ତାଙ୍କୁ ମୁଣ୍ଡିଆ ମାରିବାକୁ ଗଲି, ସେ ମୋତେ ଆଶୀର୍ବାଦ କରି କହିଥିଲେ, 'ଜ୍ଞାନୀ ହୁଅ, ଧନୀ ପଛେ ନହୁଅ'। ତାଙ୍କର ପ୍ରବଳ ଆଗ୍ରହ ଜ୍ଞାନ ପ୍ରତି ଥିଲା। ଓଡ଼ିଶା ଇତିହାସରୁ ପୃଥିବୀ ଇତିହାସ ପର୍ଯ୍ୟନ୍ତ ତାଙ୍କର ସ୍ମରଣ ଭିତରେ ଖୁବ ସୁନ୍ଦର ଭାବରେ ସାଇତା ହୋଇ ରହିଥିଲା। ବାପାଙ୍କର କେହି ଭାଇ କିମ୍ବା ଭଉଣୀ ନଥିଲେ। ୧୯୬୪ ମସିହା କଥା। ମୋର ବଡ଼ ଜେଜେଙ୍କ ପୁଅ ଆମର ବଡ଼ ବାପା। ତାଙ୍କ ପୁଅକୁ ସେ ନିଜ ଖର୍ଚ୍ଚରେ ଜର୍ମାନ ପଠାଇଥିଲେ ଉଚ୍ଚଶିକ୍ଷା ପାଇଁ। ସେତେବେଳେ ଆମେମାନେ ବହୁତ ଛୋଟ ଛୋଟ ଥିଲୁ। ବାପାଙ୍କ ପାଖରେ ଆବଶ୍ୟକୀୟ ଅର୍ଥ ନଥିଲା। ତେଣୁ ବାପା ଜମି ବିକ୍ରି କରି ଆବଶ୍ୟକୀୟ ଅର୍ଥ ବଡ଼ବାପାଙ୍କ ପୁଅକୁ ଦେଇଥିଲେ ଜର୍ମାନ ଯିବା ପାଇଁ। ବାପାଙ୍କର ଆଉ ଗୋଟିଏ ଗୁଣ ସେ ନିଜ ପାଇଁ କିଛି କରିବା ପାଇଁ ଆଗ୍ରହି ନଥିଲେ। ମୋ ଜୀବନର ବହୁତ ଆନନ୍ଦ ମୁଁ ବାପାଙ୍କୁ ନେଇ ଉତ୍ତର ଭାରତ ଏବଂ ଦକ୍ଷିଣ ଭାରତର ପ୍ରାୟ ସମସ୍ତ ତୀର୍ଥ ଦର୍ଶନ କରାଇଥିଲି। ବାପା ଏବଂ ବୋଉଙ୍କୁ ଧରି ବିଭିନ୍ନ ତୀର୍ଥକୁ ଯିବା ମୋ ଜୀବନର ଏକ ଅମୂଲ୍ୟ ଗତି ହୋଇ ରହିଛି।

ଯୁଗାବତାର ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ସମ୍ଭାଷଣର ପବିତ୍ର ସ୍ମରଣୀୟ ଧାଡ଼ିଟି ମନେପଡୁଛି - 'ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ। ତା'ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇ ଦିଏ। ଯିଏ ସମାଜ ସେବାରେ ନିଜକୁ ନିୟୋଜିତ କରିଥାଏ ସେମାନେ ହେଉଛନ୍ତି ସ୍ଫଟିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର। ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହଁ, ମାତ୍ର ଜୀବଦଶାରେ ଯିଏ ଯାହା କରିଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଏହି ସଂଘର୍ଷପୂର୍ଣ୍ଣ ଜୀବନରେ ଅନ୍ୟ ମାନଙ୍କ ପାଇଁ ଆପଣାର ମଣିଷଟିଏ ହୋଇ ଅନ୍ୟ ମାନଙ୍କୁ ତିଆରି କରିବା ଓ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଇବା ଥିଲା ତାଙ୍କ ଜୀବନଧର୍ମ। ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ସ୍ୱର୍ଗତଃ ମୋ ବାପା କୃଷ୍ଣମୋହନ ଜେନାଙ୍କ ପରି ଦିବ୍ୟ ଜୀବନ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି - 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।'

ଆଇନଜୀବୀ, ବଙ୍ଗାଳିସାହି, କଟକ,
ମୋ : ୭୩୨୫୯୦୪୯୨୭/
୭୩୭୭୪୩୯୦୭୭

# "ଭଏସ ଫର ଦି ଭଏସଲେସ" ପୁସ୍ତକ ଜରିଆରେ ଦଲାଇଲାମାଙ୍କ ବାର୍ତ୍ତା

ଡ. ସମନ୍ୱୟ ନନ୍ଦ

ଦଲାଇଲାମା ତାଙ୍କର ଅନୁଗାମୀ ମାନଙ୍କୁ ବାରମ୍ବାର କହି ଆସିଛନ୍ତି ଯେ ତାଙ୍କର ପୁନର୍ଜନ୍ମରେ କମ୍ୟୁନିଷ୍ଟ ଚୀନର କୌଣସି ଭୂମିକା ରହିବ ନାହିଁ । ସେ ଚୀନର ପରାଧୀନତାରେ ଥିବା ଅଂଚଳରେ ଜନ୍ମ ଗ୍ରହଣ କରିବେ ନାହିଁ । ଅନ୍ୟ ପଟେ ତିବ୍ୱତକୁ ୭୫ ବର୍ଷ ଧରି ପରାଧୀନ କରିଥିବା ଚୀନ ସେହି ସମୟକୁ ଅପେକ୍ଷା କରିଛି ଯେ କେବେ ପରମ ପାବନ ଦଲାଇଲାମା କାଳ କବଳିତ ହେବେ ଓ ତା ପରେ ସେ ପରାଧୀନ କରି ରଖିଥିବା ଅଂଚଳର କୌଣସି ଶିଶୁକୁ ଦଲାଇଲାମା ବୋଲି ଘୋଷିତ କରି ଦେବ । ଏହା ଦ୍ୱାରା ତିବ୍ୱତ ସମ୍ପୂର୍ଣ୍ଣ ଭାବେ ତାର କବଳକୁ ଆସିଯିବ । ଏବେ ମଧ୍ୟ ତିବତ ଚୀନର କବଳରେ ଅଛି । ହେଲେ ତିବତର ଲୋକ ମାନଙ୍କୁ ସେ ମାନସିକ ରୁପେ ଚୀନର ଗୋଲାମ କରି ପାରି ନାହିଁ। ଚୀନ ଭଲ ଭାବେ ଜାଣେ ଯେ ଯେ ପର୍ଯ୍ୟନ୍ତ ପରମ ୧୪ତମ ପାବନ ଦଲାଇଲାମା ଜୀବିତ ଅଛନ୍ତି ତା ପକ୍ଷେ ଏପରି କରିବା ସମ୍ଭବ ନୁହେଁ । ତେଣୁ ସେ ପରମ ପାବନ ଦଲାଇଲାମା କେବେ କାଳ କବଳିତ ହେବେ ତାକୁ ଅପେକ୍ଷା କରିଛି ।

ପରମ ପାବନ ଦଲାଇଲାମାଙ୍କ ଏକ ନୂଆ ପୁସ୍ତକ ଆସିଛି ଯାହାର ନାମ ହେଲା "ଭଏସ ଫର ଦି ଭଏସଲେସ : ଓଭର ସେଭେନ ଡିକେଡ୍ସ ଅଫ ଷ୍ଟ୍ରଗଲ ୱିଥ ଚାଇନା ଫର ମାଇଁ ଲ୍ୟାଣ୍ଡ ଏଣ୍ଡ ମାଇଁ ପିପୁଲ " । ଏହି ପୁସ୍ତକ କେବଳ ଯେ ଏକ ରାଜନୈତିକ ଆତ୍ମକଥା ନୁହେଁ ବରଂ ତିବ୍ୱତର ପରିଚୟ, ଅହିଂସାତ୍ମକ ପ୍ରତିରୋଧ ଓ ଅସ୍ତିତ୍ୱର ଘୋଷଣା ଅଟେ । ଏହି ପୁସ୍ତକରେ ଦଲାଇଲାମା ଗତ ୭୫ ବର୍ଷ ଧରି ତିବତ ପ୍ରତି ହୋଇଥିବା ଅତ୍ୟାଚାର, ତାଙ୍କର ଚୀନର ଶାସକ ମାନଙ୍କ ସହ ଅନୁଭୂତି, ଭାରତରୁ ତାଙ୍କୁ ମିଳିଥିବା ସ୍ନେହ ଓ ତିବତୀୟ ଓ ସମଗ୍ର ବିଶ୍ୱର ଲୋକ ମାନଙ୍କ ପ୍ରତି ବାର୍ତ୍ତା ରହିଛି । ମୋଟ ଉପରେ କହିବାକୁ ଗଲେ ଯେ ଏହା ହେଉଛି ତିବତର ପରାଧୀନତାର ଏକ ବାସ୍ତବିକ ଇତିହାସ ।

ଦଲାଇଲାମା ଏହି ପୁସ୍ତକରେ ସ୍ପଷ୍ଟ ଭାବେ ଲେଖିଛନ୍ତି ଯେ ତାଙ୍କର ପୁନର୍ଜନ୍ମରେ ଚୀନର କୌଣସି ଭୂମିକା ରହିବ ନାହିଁ। ସେ ଚୀନର ପରାଧୀନତାରେ ଥିବା ଅଂଚଳରେ ନୁହେଁ ବରଂ ସ୍ୱାଧୀନ ଅଂଚଳରେ ଜନ୍ମ ଗ୍ରହଣ କରିବେ ଓ ଯାହାଙ୍କୁ ପାରମ୍ପାରିକ ବୌଦ୍ଧ ରୀତି ନୀତି ଅନୁସାରେ ଚିହ୍ନିତ କରାଯିବ । ସେ ଆହୁରି ଲେଖିଛନ୍ତି ସେ ନିଜର ଉତରାଧିକାରୀ ୧୫ତମ ଦଲାଇଲାମାଙ୍କୁ ଚିହ୍ନିବା ପାଇଁ ଲିଖିତ ଭାବେ ନିର୍ଦ୍ଦେଶ ଛାଡି ଯିବେ ।

ପୁସ୍ତକ ଜରିଆରେ ଦଲାଇଲାମା ନିଜର ଅନୁଗାମୀ ମାନଙ୍କୁ କହିଛନ୍ତି, ଯେ "ଯେପର୍ଯ୍ୟନ୍ତ ଆଗାମୀ ଦଲାଇଲାମାଙ୍କୁ ଚିହ୍ନିବା ପ୍ରକ୍ରିୟା ପାରମ୍ପାରିକ ବୌଦ୍ଧ ପଦ୍ଧତିରେ କରାଯାଇ ନାହିଁ ସେ ପର୍ଯ୍ୟନ୍ତ ତିବ୍ୱତର ଜନ ସାଧାରଣ ଓ ସାରା ବିଶ୍ୱରେ ବସ ବାସ କରୁଥିବା ତିବତୀ ବୌଦ୍ଧ ମାନେ କୌଣସି ପ୍ରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଚିହ୍ନିତ କରାଯାଇଥିବା ପ୍ରାର୍ଥୀଙ୍କୁ ଦଲାଇଲାମା ରୁପେ ସ୍ୱୀକାର କରନ୍ତୁ ନାହିଁ । ପିପୁଲ୍ସ ରିପବ୍ଲିକ ଅଫ ଚାଇନା ବା ପିଆରସି ଦ୍ୱାରା ଏପରି କରାଯାଇ ପାରେ । "

ପୁସ୍ତକ ଜାରୀ କରାଯିବାର ଜବାବରେ କମ୍ୟୁନିଷ୍ଟ ଚୀନର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦଲାଇଲାମାଙ୍କୁ 'ବିଧ୍ୱଂସକାରୀ' ଓ 'ଧର୍ମର ଆବରଣରେ ବିଛିନ୍ନତାବାଦୀ କାର୍ଯ୍ୟକଳାପରେ ଲିପ୍ତ ଜଣେ ରାଜନୈତିକ ନିର୍ବାସିତ 'ବୋଲି କହିଛି । ଚୀନର ବୈଦେଶିକ ମନ୍ତ୍ରଣାଳୟ ଆହୁରି ଦାବି କରିଛି ଯେ ଚୀନର କମ୍ୟୁନିଷ୍ଟ ପାର୍ଟି (ସିସିପି) ଆଗାମୀ ଦଲାଇଲାମା ଓ ଅନ୍ୟ ପୁନର୍ଜନ୍ମ ବିଶିଷ୍ଟ ଲାମା ମାନଙ୍କୁ ଚୀନର ଧାର୍ମିକ ମାମଲାର ନିୟମ ଅନୁସାରେ ଖୋଜିବ ଓ ମାନ୍ୟତା ପ୍ରଦାନ କରିବ ।

ବୋଧ ହୁଏ ତାଙ୍କର ପୁସ୍ତକ ଜାରୀ ହେବା ପରେ ଚୀନ ଏଭଳି ପ୍ରତିକ୍ରିୟା ଦେବ ବୋଲି ଦଲାଇଲାମା ପୂର୍ବରୁ ଆଶା କରିଥିଲେ, କାରଣ ଚୀନ କମ୍ୟୁନିଷ୍ଟ ପାର୍ଟୀ (ସିସିପି) ଏ ପ୍ରକାର ବକ୍ତବ୍ୟ ପୂର୍ବରୁ ବାରମ୍ବାର ଦେଇ ଆସିଛି । ତେଣୁ ଦଲାଇଲାମା ଲେଖିଛନ୍ତି, "ଯଦି ଚୀନର କମ୍ୟୁନିଷ୍ଟ ପାର୍ଟି ଲାମା ମାନଙ୍କର ପୁନର୍ଜନ୍ମର ମାନ୍ୟତା ପ୍ରଦାନ କରିବା କାର୍ଯ୍ୟରେ ସାମିଲ ହେବାକୁ ଚାହୁଁଛି ତେବେ ସେ ମାଓ ସେ ତୁଙ୍ଗ ଓ ଅନ୍ୟ ନେତା ମାନଙ୍କର ପୁନର୍ଜନ୍ମକୁ ମାନ୍ୟତା ଦେବା ଉଚିତ । "

ଏହି ପୁସ୍ତକରେ ଯାହା ଉଲ୍ଲେଖ ରହିଛି ସେଥିରୁ ସ୍ପଷ୍ଟ ଯେ ଦଲାଇଲାମାଙ୍କ ପ୍ରତିରୋଧର ଭାବନା ତାଙ୍କର ଆଗାମୀ ପୁନର୍ଜନ୍ମରେ ପୁଣି ଥରେ ଜାଗ୍ରତ ହେବା ଭଳି ଲାଗୁଛି । ଦଲାଇଲାମା ତାଙ୍କର ଏହି ନୂତନ ପୁସ୍ତକରେ ଲେଖିଛନ୍ତି, " ପୁନର୍ଜନ୍ମରର ଉଦ୍ଦେଶ୍ୟ ନିଜର ପୂର୍ବବର୍ତ୍ତୀ କାର୍ଯ୍ୟକୁ ଆଗକୁ ବଢାଇବା ହୋଇଥିବା କାରଣରୁ ନୂଆ ଦଲାଇଲାମା ସ୍ୱାଧୀନ ଦୁନିଆରେ ଜନ୍ମ ନେବ, ଯାହା ଫଳରେ ଦଲାଇଲାମାଙ୍କ ପାରମ୍ପାରିକ ମିଶନ ଅର୍ଥାତ ସାର୍ବଭୌମିକ କରୁଣାର ସ୍ୱର ହେବା, ତିବତର ବୌଦ୍ଧ ଧର୍ମର ଆଧାତ୍ମିକ ନେତା ହେବା ଓ ତିବତର ଆକାଂକ୍ଷାର ପ୍ରତୀକ ହେବା ଆଦି ଜାରୀ ରହି ପାରିବ ।"

ଦଶନ୍ଧି ଦଶନ୍ଧି ଧରି ଚୀନର କମ୍ୟୁନିଷ୍ଟ ପାର୍ଟୀ ଦଲାଇଲାମାଙ୍କ ଉପରେ ତିବ୍ୱତକୁ ଚୀନରୁ ବିଭାଜିତ କରିବା ପାଇଁ ପ୍ରଚେଷ୍ଟା କରିବାର ଅଭିଯୋଗ ଆଣି ଆସୁଛି । ଚୀନର କମ୍ୟୁନିଷ୍ଟ ପାର୍ଟୀ ଦଲାଇଲାମାଙ୍କୁ 'ଭିକ୍ଷୁ ବସ୍ତ୍ରରେ ଶୃଗାଳ' ବୋଲି କହିଥାଏ ଓ ତାଙ୍କୁ ଚୀନର ଜାତୀୟ ଏକତା ପାଇଁ ବିପଦ ବୋଲି ବାରମ୍ବାର କହେ ।

ଏହି ପୁସ୍ତକ ଏହାର ଉତ୍ତର କେବଳ ବେଇଜିଂଙ୍କୁ ନୁହେଁ ବରଂ ଇତିହାସକୁ ମଧ୍ୟ ଦେଇଛି । ତିବ୍ୱତର ଐତିହାସିକ ସ୍ୱାଧୀନତା ସମ୍ପର୍କରେ ପୁସ୍ତକରେ ଉଲ୍ଲେଖ କରାଯିବା ସହ ଚୀନର ଅପପ୍ରଚାର ମଧ୍ୟରେ ତିବତର ଜନସାଧାରଣଙ୍କ ଆତ୍ମ ନିର୍ଣ୍ଣୟର ଅଧିକାର କାହିଁକି ଜରୁରୀ ସେ ବିଷୟରେ ଉଲ୍ଲେଖ ରହିଛି । ଏହି ପ୍ରସଙ୍ଗରେ ତିବତ ପ୍ରସଙ୍ଗକୁ ନେଇ ଏକ ମୌଳିକ ପ୍ରଶ୍ନର ଉଲ୍ଲେଖ କରାଯାଇଛି । ତିବତରେ ଶାସନ କରିବାର ଅଧିକାର କାହାକୁ ରହିଛି ? ତିବତର ସଂସ୍କୃତି, ଶିକ୍ଷା ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତିବତର ବୌଦ୍ଧ ଧର୍ମକୁ ଆକାର ଦେବା ପାଇଁ କିଏ ଅଧିକାରୀ ଅଟେ ? ଏ ବିଷୟରେ ପୁସ୍ତକରେ ଆଲୋଚନା କରାଯାଇଛି ।

ଏହି ପୁସ୍ତକରେ ଦଲାଇଲାମା କିଭଳି ଭାବେ ଚୀନ କବଳରୁ ତିବତର ସଂସ୍କୃତିକୁ ରକ୍ଷା କରିବାକୁ ଚେଷ୍ଟା କରିଛନ୍ତି ଓ ଚୀନ ତାଙ୍କୁ ସବୁବେଳେ ଧୋଖା ଦେଇଛି ତାର ବିଶଦ ଭାବେ ଉଲ୍ଲେଖ କରିଛନ୍ତି ।

ଏହି ପୁସ୍ତକକୁ ଦଲାଇଲାମା ତିବତୀ ଓ ଚୀନର ପାଠକ ମାନଙ୍କ ସହିତ ବିଶ୍ୱର ଐତିହାସିକ ଓ ନୀତି ନିର୍ମାତା ମାନଙ୍କ ପାଇଁ ମଧ୍ୟ ଲେଖିଛନ୍ତି । ଚୀନ କମ୍ୟୁନିଷ୍ଟ ପାର୍ଟୀ ଦଶନ୍ଧି ଦଶନ୍ଧି ଧରି ଇତିହାସକୁ ବଦଳାଇ ପ୍ରସ୍ତୁତ କରିଛି । ତିବତର ଅତୀତକୁ ବିକୃତ କରି ନିଜର ଶାସନକୁ ଠିକ ବୋଲି ଦର୍ଶାଇବାକୁ ଚେଷ୍ଟା କରିଛି । ଏହାର ଉତରରେ ଦଲାଇଲାମା ଅନୁଭବ କରିଛନ୍ତି ଯେ ସେ ତାଙ୍କର କାର୍ଯ୍ୟ ଓ ଉଦ୍ଦେଶ୍ୟକୁ ସର୍ବ ସାଧାରଣଙ୍କ ରେକର୍ଡରେ ଆଣିବା ଉଚିତ, ଯାହା ଫଳରେ ଆଗାମୀ ପୀଢୀ ମାନଙ୍କ ପାଇଁ ସତ୍ୟର ପ୍ରମାଣ ରହି ପାରେ ।

ଏହି ପୁସ୍ତକରେ ଦଲାଇଲାମା ଭାରତ ପ୍ରତି ନିଜର କୃତଜ୍ଞତାର ଭାବକୁ ବ୍ୟକ୍ତ କରିଛନ୍ତି । ଦଲାଇଲାମା ନିଜକୁ ଭାରତର ପୁତ୍ର ବୋଲି କହିଥାନ୍ତି । ଦଲାଇଲାମା କୁହନ୍ତି ଯେ, ଭାରତ ହେଉଛି ଏକ ଏପରି ଦେଶ ଯେଉଁଠାରେ ତାଙ୍କ ଜୀବନର ଅଧିକାଂଶ ସମୟ ବିତିଛି । ଭାରତ ତାଙ୍କୁ କେବଳ ଶରଣ ଦେଇ ନାହିଁ ବରଂ ଗରିମା ମଧ୍ୟ ପ୍ରଦାନ କରିଛି । ଦଲାଇଲାମା ଓ ଏକ ଲକ୍ଷରୁ ଅଧିକ ତିବ୍ୱତୀୟ ଶରଣାର୍ଥୀଙ୍କୁ ଭାରତ କେବଳ ସ୍ୱାଗତ କରି ନାହିଁ ବରଂ ତାଙ୍କୁ ଭୂମି, ରୋଜଗାର ଏ ସମର୍ଥନ ମଧ୍ୟ ପ୍ରଦାନନ କରିଛି । ଭାରତ ଏଭଳି ସମୟରେ ସମର୍ଥନ ପ୍ରଦାନ କରିଛି ଯେତେବେଳେ ଖୁବ କମ ଦେଶ ଚୀନର ବିରୋଧ କରିବାକୁ ପ୍ରସ୍ତୁତ ଥିଲେ । ଏହି ପୁସ୍ତକରେ ଦଲାଇ ଲାମା ଭାରତ ଓ ଭାରତୀୟ ମାନଙ୍କ ପ୍ରତି ଗଭୀର କୃତଜ୍ଞତା ବ୍ୟକ୍ତ କରିବା ସହ ଏକ ଅନୁରଧ ମଧ୍ୟ କରିଛନ୍ତି । ସେ କହିଛନ୍ତି ଯେ ''ମୋ ପରେ ମଧ୍ୟ ଭାରତ ତିବତୀୟ ମାନଙ୍କୁ ସମର୍ଥନ କରୁ ଥାଉ।'

ଦଲାଇ ଲାମାଙ୍କୁ ଅବଲୋକିତେଶ୍ୱର ( କରୁଣାର ବୋଧିସତ୍ୱ)ଙ୍କ ଅବତାର ବୋଲି ମନେ କରାଯାଇଥାଏ, ଯାହାଙ୍କର ଏଗାର ମୁଣ୍ଡ ଓ ହଜାର ହଜାର ହାତ ଗୋଡ ରହିଛି । ଏତେ ହାତ, ଆଖି ଓ ମୁଖ କାହିଁକି ? ମହାଯାନ ବୌଦ୍ଧ ମାନଙ୍କର ପାଇଁ ପ୍ରମୁଖ କାର୍ଯ୍ୟ ହେଲା ସମସ୍ତ ପ୍ରାଣୀ ମାନଙ୍କୁ ଦୁଃଖରୁ ବାହାରକୁ ଆଣିବା ଓ ତାଙ୍କୁ ବୋଧି ( ଜ୍ଞାନ) ଆଡକୁ ଅଗ୍ରସର କରାଇବା । ଗତ ୮୫ ବର୍ଷ ଧରି ସେ ବୋଧିସତ୍ୱଙ୍କ ଏହି ହାତ ଜରିଆରେ ଚୀନର ପରାଧୀନତାର ଶିକୁଳିରେ ବନ୍ଧା ହୋଇଥିବା ତିବତୀୟ ମାନଙ୍କୁ ସ୍ୱର ପ୍ରଦାନ କରିବାର କାର୍ଯ୍ୟ କରୁଛନ୍ତି ।

ଏହି ପୁସ୍ତକରେ ଶେଷରେ ସେ ଏକ ପ୍ରାର୍ଥନାର ଉଲ୍ଲେଖ କରିଛନ୍ତି ଯାହାକୁ ଦଲାଇଲାମା ପ୍ରତିଦିନ ପଢନ୍ତି । ଏହାର ଓଡିଆ ଭାବାନୁବାଦ ହେଲା

'ଯେତେବେଳ ଯାଏ
ଏହି ଆକାଶ ରହିଥିବ,
ଯେତେବେଳ ଯାଏ
ଜୀବିତ ପ୍ରାଣୀ ଅସ୍ତିତ୍ୱରେ ରହିବେ
ସେତେବେଳ ଯାଏ ମୁଁ ମଧ୍ୟ ରହିବି
ଓ ସଂସାରର ଦୁଃଖର ନିବାରଣ କରୁଥିବି ।'

ବୋଧ ହୁଏ ଦଲାଇଲାମାଙ୍କ ଜୀବନ ଓ ତାଙ୍କ ବାର୍ତ୍ତାର ସାର ହେଉଛି ଏଇଆ ।

# ପ୍ରତାରଣା

ଅନୀତା ପଟ୍ଟନାୟକ

ଅରୁଣସ୍ତମ୍ଭ ନିକଟରେ ପ୍ରଣାମ କରି ପାଦ ଧୋଇ ଶ୍ରୀମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲା ବେଳକୁ ଡାହାଣ ପଟେ ସାଜସଜ୍ଜାପୂର୍ଣ୍ଣ ପତିତପାବନଙ୍କୁ ଦର୍ଶନ କଲି ଧଳା ଓ ଲାଲ ଫୁଲର ଗୋଟିଏ ଗଜରାହାର ପିନ୍ଧିଥାନ୍ତି। ଖୁବ ସୁନ୍ଦର ଦେଖା ଯାଉଥାନ୍ତି। ବାଇଶି ପାହାଚ ଚଢ଼ିଲାବେଳକୁ ବାମ ପାର୍ଶ୍ୱରେ ଥିବା କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରି ପ୍ରଣାମ କଲି।

ଖରାଦିନ ହୋଇଥିବାରୁ ପାଦ ତାତି ଯାଉଥାଏ। ବୁଲିପଡ଼ି ତିନି ଠାକୁରଙ୍କ ଦର୍ଶନ ପାଇଁ ବାଇଶି ପାହାଚ ଚଢ଼ିଲା ବେଳେ ଦେଖିଲି ମୋର ଦେହର ଦୁଇଟି ଛାଇ ପଡୁଛି। ଆଶ୍ଚର୍ଯ୍ୟଚକିତ ହୋଇ ଜଗନ୍ନାଥଙ୍କୁ ପ୍ରାର୍ଥନା କଲି, ମୋ ସାଙ୍ଗରେ ଏପରି କାହିଁକି ଘଟୁଛି। ମୋ ଭିତରର ଅନ୍ତସ୍ୱର କହିଲା ଏହି ଦୁଇ ଛାଇଙ୍କୁ ଧରି ତତେ ଭିତରକୁ ଯିବାକୁ ପଡ଼ିବ। ମନ୍ଦିରରେ ପ୍ରବେଶ କରିବା କ୍ଷଣି ସେଠାରେ ଖରା ପଡୁନଥିବାରୁ ଛାଇ ଦୁଇଟି ଉଭେଇ ଗଲେ। ମୁଁ ମୋର ଅନ୍ତଃସ୍ୱରକୁ ପଚାରିଲି ଏହି ଛାଇ ଦୁଇଜଣ କିଏ ? ସେ କହିଲା ଜଣେ ହେଉଛି ଅହଂକାର ଓ ଅନ୍ୟଟି ସ୍ୱାର୍ଥପରତା ଏହି ଦୁଇଟି ଜିନିଷକୁ ଛାଡ଼ି ଦିଅଁ ଦର୍ଶନରେ ଅର୍ଥ ରହେନାହିଁ। ଏହି ସମୟରେ ଶୁଣିବାକୁ ପାଇଲି ଏକ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରକୁ ଖାଲି କରି ଦିଆଯିବ। କାରଣ କେହି ଜଣେ ଚତୁର ବିଚିକ୍ଷଣ ସମ୍ମାନୀୟ ବ୍ୟକ୍ତି ମନ୍ଦିର ଭିତରକୁ ପ୍ରବେଶ କରିବେ। ତାଙ୍କର ସୁରକ୍ଷା ନିମନ୍ତେ ଏପରି କରାଯିବ। ମୁଁ ମୋର ଅନ୍ତସ୍ୱରକୁ ପଚାରିଲି ଏ ଚତୁରତା, ବିଚିକ୍ଷଣତା ସମ୍ମାନୀୟତା ଏସବୁ କ'ଣ ? ସେ କହିଲା ଏସବୁ ଅହଂକାରର ନାତି ନାତୁଣୀ ଓ ସ୍ୱାର୍ଥ ହାସଲର ମାଧ୍ୟମ। ଅସ୍ଥିର ଓ ଚଳଚଞ୍ଚଳ। ଶ୍ରୀମନ୍ଦିରରେ ପ୍ରବେଶ କରି ଦେଖିଲି ସତରେ ମୋର ଦୁଇଟି ଛାଇ ପଡୁନାହିଁ। ଗରୁଡ଼ସ୍ତମ୍ଭକୁ ଲୋକମାନେ କୁଣ୍ଢାଇ ନିଜର ଛାତିକୁ ଲଗାଉଥାନ୍ତି। ଗରୁଡ଼ ସ୍ତମ୍ଭ ନିକଟରେ ପ୍ରଣାମ କରି ବାଁ ପାଖ ଦେଇ ଯିବାବେଳେ ଜଗନ୍ନାଥ ଓ ସୁଭଦ୍ରାଙ୍କ ହସ ହସ ମୁହଁ ଦିଶୁଥାଏ। ଗୋଡ଼କୁ ଟେକି ଡାହାଣ ପଟକୁ ମୁଣ୍ଡ କରିବା ପରେ ବଳଭଦ୍ରଙ୍କର ମୁହଁଟିକୁ ଦର୍ଶନ କଲି। ତିନି ଠାକୁର କାହିଁକି ଏକ ସାଙ୍ଗରେ ମୁଁ ଦର୍ଶନ କରିପାରୁନି। ରତ୍ନସିଂହାସନର ଗମ୍ଭୀରାଗୃହକୁ ଟିକେ ବଡ଼ କରିଥିଲେ ଭଲ ହୋଇଥାନ୍ତା। ଏପରି ଭାବୁଛି ଦେଖିଲି ଲୋକଙ୍କ ଠେଲାପେଲାରେ ମୁଁ ହୁଣ୍ଡି ନିକଟରେ ପହଞ୍ଚି ଯାଇଛି।

ମୁଁ ଦେଖିଲି ହୁଣ୍ଡିରେ ତାଲା ପଡ଼ିଛି। ମୁଁ ପଚାରିଲି ଆରେ ହୁଣ୍ଡି ତୋର ତୁଣ୍ଡି କାହିଁକି ବନ୍ଦ ? ସେ କହିଲା ଜଗନ୍ନାଥ କହିଛନ୍ତି ପାଟି ବନ୍ଦ କରି ସବୁ ଦେଖୁଥାଏ। ସ୍ୱାର୍ଥପର ମଣିଷ ତାର ସ୍ୱାର୍ଥ ସାଧନ ପାଇଁ କିମ୍ବା ସ୍ୱାର୍ଥ ସାଧନ ହୋଇଗଲେ ମାନସିକ ପୂରଣ ହୋଇଛି ବୋଲି ଭାବି ତୋ ଭିତରେ ପଇସା ଅଳଙ୍କାର ଏସବୁ ପକାଏ। ପାଟି ବନ୍ଦ କାହାକୁ କହିବୁ ନାହିଁ ଖାଲି ଦେଖୁଥା। ଉଦରକୁ ପୂରଣ କରୁଥା। ମଝିରେ ମଝିରେ ତୋର ଉଦରକୁ ଖାଲି କରି ଦିଆଯିବ। ତୁ ଚତୁର ଓ ସ୍ୱାର୍ଥପର ବ୍ୟକ୍ତି ମାନଙ୍କୁ ଭେଟିବୁ। କିନ୍ତୁ ତୁ ତ ଜାଣିଚୁ ସ୍ୱାର୍ଥପରା ଓ ଚତୁରତାକୁ ନଛାଡ଼ିଲେ ମୋର ଦର୍ଶନ କରିବାର କୌଣସି ଅର୍ଥ ନଥାଏ ଓ ମୋ ସହିତ ଆତ୍ମୀୟତାକୁ ଦୂରେଇ ଦିଏ କଣ ଠିକ କଣ ଭୁଲ ଜାଣିପାରେନି। ମୋର ଅନ୍ତସ୍ୱରର ଏପରି କଥୋପକଥନ ଚାଲୁଥିବା ସମୟରେ କାଠ ଅର୍ଦ୍ଧଳୀକୁ ହଠାତ କାଢ଼ି ଦିଆଗଲା। ସେବକମାନେ କହିଲେ ଏ ବେତ ସାହାଣମେଲାର ବେଳ। ଏକ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରକୁ ଖାଲିବାକୁ ହେବ। ଚତୁର ବିଚକ୍ଷଣ ମହାନବ୍ୟକ୍ତିମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବେ। ତେଣୁ ଶୀଘ୍ର ଶୀଘ୍ର ଦିଅଁଙ୍କ ଦର୍ଶନ କରି ପ୍ରସ୍ଥାନ କରେ। ସେହିପରି ଠେଲାପେଲାରେ ମୁଁ ରତ୍ନସିଂହାସନ ନିକଟବର୍ତ୍ତୀ ହେଲି। ମୋର ଖାଲି ମନେ ପଡୁଥାଏ ମୋର ଦୁଇଟି ଛାଇ ଅହଂକାର ଓ ସ୍ୱାର୍ଥପରର କଥା ଓ ହୁଣ୍ଡି ସହିତ ମୋର କଥୋପକଥନ କଣ କରିବି ? ଏ ପର୍ଯ୍ୟନ୍ତ ମୁଁ ମୋର ଚତୁରତା, ଅହଂକାର, ସ୍ୱାର୍ଥପରତା କିଛି ଛାଡ଼ି ପାରିନି। ମୁଁ ଭାବିଲି ଯଦି ହୁଣ୍ଡିର କଥା ସତ ହୁଏ ସତରେ କ'ଣ ଏଠାକୁ ଆସୁଥିବା ଶହ ଶହ ଭକ୍ତ ତାଙ୍କର ଏ ଗୁଣ ଗୁଡ଼ିକ ଛାଡ଼ି ଦେଇଛନ୍ତି ନା ନିଜର ହାନୀ କରୁଛନ୍ତି। ଏହି ସମୟରେ ଦେଖିଲି ଜଣେ ସେବକ ନିଜ ହାତରେ ଶଙ୍ଖକୁ ଫୁଙ୍କି ଗୋଟିଏ ଥାଳିରେ ଥାଇଲେ ସେ ଥାଳିରେ କେତେକ ପଦ୍ମଫୁଲ ଥାଏ। ଦିଅଁଙ୍କୁ ଲାଗି ହେବାପାଇଁ ରହିଥାଏ। ଭାବିଲି ସତରେ ସେବକଙ୍କର ହାତ, ଶଙ୍ଖ ଓ ପଦ୍ମଫୁଲ ଗୁଡ଼ିକ ଭଗବାନଙ୍କ ନିକଟରେ ସଂପୂର୍ଣ୍ଣ ରୂପେ ସମର୍ପିତ ହୋଇ ଯାଇଛନ୍ତି। କୌଣସି ମତେ ଭିଡ଼ରେ ହାତଯୋଡ଼ି ଆଣ୍ଠୁମାଡ଼ି ମୁଣ୍ଡିଆମାରି ପ୍ରଭୁଙ୍କୁ କହିଲି ମୁଁ କ'ଣ ଆଜି ପର୍ଯ୍ୟନ୍ତତ ଅହଂକାର, ସ୍ୱାର୍ଥପରତା ଓ ଚତୁରତାକୁ ନଛାଡ଼ି ତୁମ ସହିତ ପ୍ରତାରଣା କରିଛି ? ଭିତରୁ ପ୍ରତିଧ୍ୱନୀ ଆସିଲା। ହଁ ତୁମେ ତୁମେ ....ତୁମେ...ମୁକ୍ତି ଓ ଆନନ୍ଦ ଯେଉଁଥିପାଇଁ ପ୍ରାର୍ଥନା କରୁଛି। ତୁମେ ଚେଷ୍ଟିତ ନୁହଁ।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,
ମୋ: ୯୬୯୨୯୮୦୦୨୬

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆମେରିକାରେ ଉଚ୍ଚଶିକ୍ଷା...

ଆମେରିକାରେ ଉଚ୍ଚଶିକ୍ଷା ଲାଭ କରିବା ଏବଂ ସେଠାରେ ଚାକିରି କରି ସ୍ୱଚ୍ଛନ୍ଦରେ ଜୀବନଯାପନ କରିବାର ସ୍ୱପ୍ନ ଦେଖୁଥିବା ଭାରତୀୟ ବିଦ୍ୟାର୍ଥୀମାନଙ୍କ ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତି ଏବେ ଦୁଃସ୍ୱପ୍ନ ପାଲଟିବାକୁ ଆରମ୍ଭ କରିଛି। ବର୍ତ୍ତମାନ ସେଠାରେ ରହୁଥିବା ହାରାହାରି ତିନି ଲକ୍ଷ ଭାରତୀୟ ବିଦ୍ୟାର୍ଥୀ ଅକଥନୀୟ ମାନସିକ ଯନ୍ତ୍ରଣା ଭିତରେ ଗତି କରୁଛନ୍ତି। ସେମାନଙ୍କର ବର୍ତ୍ତମାନ ସବୁଠୁ ବଡ଼ ଚିନ୍ତା ହେଉଛି ପାଠପଢ଼ା ସରିବା ପରେ ସେମାନଙ୍କୁ ଆମେରିକା ଛାଡ଼ିବାକୁ ପଡ଼ିବ, ଯାହା ଏବେ ସେଠାରେ ଅଧ୍ୟୟନ କରିବାକୁ ଚାହୁଁଥିବା ଭାରତର ଆଗାମୀ ପିଢ଼ିର ବିଦ୍ୟାର୍ଥୀମାନଙ୍କୁ ମଧ ଶଙ୍କାଗ୍ରସ୍ତ କରିଛି। ଲକ୍ଷ ଲକ୍ଷ ଭାରତୀୟ ବିଦ୍ୟାର୍ଥୀ ତେଣୁ ସେମାନଙ୍କ ସ୍ୱପ୍ନକୁ ନୂତନ ରୂପରେଖ ଦେବାକୁ ଆରମ୍ଭ କରିଛନ୍ତି, ଯେହେତୁ ବର୍ତ୍ତମାନର ଭିସାଗୁଡ଼ିକୁ ବାତିଲ କରାଯାଉଛି ଏବଂ ନୂଆ ଆବେଦନଗୁଡ଼ିକୁ ଖାରଜ କରି ଦିଆଯାଉଛି । ସେମାନେ ଏବେ ୟୁକେ, ୟୁରୋପ୍ ଏବଂ ଅଷ୍ଟ୍ରେଲିଆରେ ଅଧ୍ୟୟନ କରିବାକୁ ମନସ୍ଥ କରୁଛନ୍ତି। ଗୋଟିଏ ବାକ୍ୟରେ କହିବାକୁ ଗଲେ, ଆମେରିକାରେ ପାଠ ପଢ଼ିବା ଏବଂ ସେଠାରେ ଚାକିରି କରିବା ପାଇଁ ଆଉ କିଛି ଦିନ ରହିବା ତଥା ଡଜନ ଡଜନ ସଂଖ୍ୟାରେ ଭାରତୀୟ ବଂଶୋଦ୍ଭବ ଭାବରେ ବିଶ୍ୱର ପ୍ରମୁଖ ଆମେରିକୀୟ କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହୋଇ ବୃଦ୍ଧି ପାଇ ଚାଲିଥିବା ଡଲାର ମିଲିୟନାୟାରମାନଙ୍କ ତାଲିକାରେ ଯୋଗ ଦେବାର ଆଶାରେ ନିଜର ଭାଗ୍ୟ ପରୀକ୍ଷା କରିବାର ସ୍ୱପ୍ନ ଏବେ ସମାଧି ଆଡ଼କୁ ଗତି କରୁଛି । ଆଇନଗତ ଭାବରେ ଆମେରିକାରେ ରହୁଥିବା ବିଦ୍ୟାର୍ଥୀମାନଙ୍କୁ ନିର୍ଯାତନା ସହିବାକୁ ପଡୁଛି- ସାମାଜିକ ଗଣମାଧ୍ୟମମାନଙ୍କରେ ପାଲେଷ୍ଟାଇନ୍‌ର ସମର୍ଥକ ଭାବରେ ସେମାନଙ୍କୁ ପ୍ରଦର୍ଶିତ କରାଯାଉଥିବା ହେଉ ବା ସଡ଼କର ନିୟମ ଭଙ୍ଗ କରିବା ଭଳି ସାମାନ୍ୟ କଥାରେ ସେମାନଙ୍କୁ ଦଣ୍ଡିତ କରାଯିବାରେ ହେଉ । ଆମେରିକା ସରକାର ବିଦ୍ୟାର୍ଥୀ ସମୁଦାୟ ଏବଂ ସେଠାକାର ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନମାନ କରୁଥିବା ସମ୍ପର୍କରେ ଭାରତର ବର୍ହିବ୍ୟାପାର ମନ୍ତ୍ରଣାଳୟ ଅବଗତ ଅଛନ୍ତି। ଏମିତିକି ଆମେରିକା ବର୍ତ୍ତମାନ ବିଶ୍ୱବିଦ୍ୟାଳୟମାନଙ୍କର ପାଣ୍ଠି କାଟ କରିବାକୁ ଆରମ୍ଭ କରିଛି । ଗତ ବର୍ଷ ଆମେରିକାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ୧ ମିଲିଅରୁ ଅଧିକ ସଂଖ୍ୟକ ବିଦେଶୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ, ଯାହା ଏହାର ଉଚ୍ଚଶିକ୍ଷା ଲାଭ କରୁଥିବା ଜନସଂଖ୍ୟାର ୫.୯ ପ୍ରତିଶତ ଏବଂ ଏମାନଙ୍କ ମଧ୍ୟରେ ସର୍ବବୃହତ୍ ଅଂଶ ଥିଲା ଭାରତର, ଯାହାର ସଂଖ୍ୟା ହେଉଛି ୩,୩୨,୦୦୦ । ଏହି ସଂଖ୍ୟା ଚୀନ୍ ଏବଂ ଦକ୍ଷିଣ କୋରିଆର ବିଦ୍ୟାର୍ଥୀମାନଙ୍କ ସଂଖ୍ୟାଠାରୁ ଢେର୍ ଅଧିକ । ଭିସା ପ୍ରତ୍ୟାହାର କରି ନିଆଯିବା ଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ଆନ୍ତର୍ଜାତିକ ବିଦ୍ୟାର୍ଥୀମାନଙ୍କ ମୋଟ ସଂଖ୍ୟାର ଅଧା ହେଉଛନ୍ତି ଭାରତୀୟ । କେବଳ ଏତିକି ନୁହେଁ, ଏବେ ବିଦ୍ୟାର୍ଥୀମାନଙ୍କ ହାତରେ ସେଠାରେ ଶିକ୍ଷାଲାଭ କରିବା ପରେ ଆଉ କିଛି ଦିନ ଅଧିକ ରହି ଚାକିରି ଖୋଜିବା ନିମନ୍ତେ ଥିବା ଅପ୍ସନାଲ ପ୍ରାକ୍ଟିକାଲ ଟ୍ରେନିଂ (ଓପିଟି) କାର୍ଯ୍ୟକ୍ରମର ପଥକୁ ମଧ ବନ୍ଦ କରି ଦିଆଯାଇଛି ଏବଂ ଟ୍ରମ୍ପ୍ ପ୍ରଶାସନ ଜାଗ୍ରତ ଲିବେରାଲ ଏବଂ ବାମପନ୍ଥୀମାନଙ୍କ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ସ୍ଥିର କରିଥିବା ମନେ ହେଉଛି । ଷ୍ଟେମ୍ (ବିଜ୍ଞାନ, କାରିଗରୀ, ଇଞ୍ଜିନିୟରିଂ ଏବଂ ଗଣିତ) ବିଦ୍ୟାର୍ଥୀମାନଙ୍କ ନିମନ୍ତେ ଆମେରିକା ସଦାସର୍ବଦା ଏକ ବହ୍ୱାକାଂକ୍ଷିତ ଲକ୍ଷ୍ୟସ୍ଥଳୀ ହୋଇ ରହି ଆସିଛି ଏବଂ ସେଠାକାର ସମାଜ ଉଚ୍ଚ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଗବେଷଣା ଓ ଶିକ୍ଷାଦାନ ବୃଦ୍ଧି ନିମନ୍ତେ ଆନ୍ତର୍ଜାତିକ ସ୍ତରର ପ୍ରତିଭାମାନଙ୍କୁ ଅବାଧରେ ଚୟନ କରି ଆସିଛି, ଯେତେବେଳେ କି ଶିକ୍ଷା ଗ୍ରହଣ ସମୟରେ ସେମାନଙ୍କ ଦ୍ୱାରା ପ୍ରଦତ୍ତ ଟ୍ୟୁସନ୍ ଫି'ର ସମ୍ପୂର୍ଣ୍ଣ ପରିମାଣ ଆମେରିକୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଉପଯୁକ୍ତ ଭାବରେ ତିଷ୍ଠି ରହିବାରେ ଏକ ବିରାଟ ଅବଦାନ ରଖୁଛି । ରାଷ୍ଟ୍ରପତି ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ମୁତାବକ ଗଣପ୍ରତ୍ୟାବର୍ତ୍ତନ, ଯାହାକି ଏଲ୍ ସାଲଭାଡୋରର ଜେଲ୍‌ମାନଙ୍କରେ ରହୁଥିବା କଏଦୀମାନଙ୍କ ଭଳି ଅବସ୍ଥାରେ ବିଦେଶୀମାନଙ୍କୁ ସେମାନଙ୍କ ଦେଶକୁ ପଠାଇ ଦେବା ହୁଏତ ସମଗ୍ର ବିଶ୍ୱର ଯୁବ ପିଢ଼ିଙ୍କ ନଜରରେ ଆମେରିକାର ଛବିରେ ପରିବର୍ତ୍ତନ କରି ଦେଇଥିବ । ଗତ ବର୍ଷ ମାର୍ଚ୍ଚ ୨୦୨୪ ପରଠାରୁ ଆମେରିକୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇବାର ଚାହିଦାରେ ହାରାହାରି ୧୨ ପ୍ରତିଶତ ହ୍ରାସ ଘଟିଛି (ଭାରତୀୟ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଏହି ହାର ହେଉଛି ୨୮ ପ୍ରତିଶତ) । ହାର୍ଭାର୍ଡ, ପ୍ରିନ୍ସଟନ୍ ଏବଂ କଲମ୍ବିଆ ଭଳି ଆଇଭି ଲିଗ୍ ବିଶ୍ୱବିଦ୍ୟାଳୟମାନଙ୍କ ବିରୁଦ୍ଧରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରତିଶୋଧାତ୍ମକ ମନୋଭାବ ଏବଂ କାର୍ଯ୍ୟାନୁଷ୍ଠାନରୁ ଯାହା ଜଣାପଡ଼େ ତାଙ୍କ ପ୍ରଶାସନ କାହାକୁ ଖାତିର କରିବା ଭଳି ମନେହେଉ ନାହିଁ – ନା ତାଙ୍କ ରାଷ୍ଟ୍ରର କ୍ଷୁର୍ଣ୍ଣ ହେଉଥିବା ଭାବମୂର୍ତ୍ତି ପ୍ରତି, ନା ଆମେରିକାରେ ଅର୍ଥନୀତିକୁ ଆନ୍ତର୍ଜାତିକ ସ୍ତରର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଅବଦାନ ରଖା ଯାଉଥିବା ହାରାହାରି ୪୪ ବିଲିଅନ୍ ଡଲାର ପ୍ରତି ଏବଂ ଆନ୍ତର୍ଜାତିକ ସ୍ତରର ଶିକ୍ଷା ପ୍ରଦାନକାରୀମାନଙ୍କ ଦ୍ୱାରା ପ୍ରଦତ୍ତ ଏକ ତଥ୍ୟ ଅନୁସାରେ ଏହା ଗତ ବର୍ଷ ସୃଷ୍ଟି କରିଥିବା ୩.୭୮ ଲକ୍ଷ ଚାକିରି ନିଯୁକ୍ତି ପ୍ରତି । ଶିକ୍ଷାଲାଭ କରିବା ପାଇଁ ବିଦ୍ୟାର୍ଥୀମାନେ ତ ଅନ୍ୟ ଯେ କୌଣସି ଦେଶକୁ ବାଛି ପାରିବେ ଏବଂ ସେଠାରେ ସେମାନଙ୍କର ଅଭିଳାଷକୁ ପୂରଣ କରି ପାରିବେ, କିନ୍ତୁ ଆମେରିକା ଏବେ ଯେଉଁ ବହୁମୂଲ୍ୟ ସମ୍ପଦ ହରାଇ ଚାଲିଛି, ତାହା ଆଉ ଫେରି ପାଇବ କି ?

# ଧନଖଡଙ୍କ ସୀମା ଲଂଘନ



**ସୌଭାଗ୍ୟ ରଂଜନ ମହାନ୍ତି**

> ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସୁପ୍ରିମକୋର୍ଟଙ୍କ ରାୟ ଉପରେ ଖୋଦ୍ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ସରକାର ସଂଜମତା ଅବଲମ୍ବନ କରି ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ଦେଇ ନାହାଁନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଉପ-ରାଷ୍ଟ୍ରପତି ପଦବୀ ଏକ ଆଲଙ୍କାରିକ ସାମ୍ବିଧାନିକ ପଦବୀ ଏବଂ ରାଜ୍ୟସଭାରେ ଅଧ୍ୟକ୍ଷତା କରିବା ତାଙ୍କର ମୁଖ୍ୟ କର୍ତବ୍ୟ।

ଏଥିରେ କେହି ଦ୍ୱିମତ ହୋଇ ନପାରନ୍ତି ଯେ, ନ୍ୟାୟାପଳିକା ବିରୁଦ୍ଧରେ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡଙ୍କ କଟୁ ମନ୍ତବ୍ୟ ନୂଆ ନୁହେଁ, ମାତ୍ର ନିକଟରେ ସୁପ୍ରିମକୋର୍ଟଙ୍କ ବିରୁଦ୍ଧରେ ସେ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ସବୁଠାରୁ ଅବାଞ୍ଛନୀୟ ଏବଂ ଶିଷ୍ଟାଚାରହୀନ ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ନିକଟରେ ରାଜ୍ୟପାଳଙ୍କ କ୍ଷମତା ଓ ଦାୟିତ୍ୱ ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ନେଇ ଉପ-ରାଷ୍ଟ୍ରପତି ବିଶୋଦଗାର କରିଥିବା ସ୍ପଷ୍ଟ ଅନୁମେୟ। ବିଧାନସଭାରେ ଦ୍ୱିତୀୟ ଥର ଗୃହିତ ବିଲ୍‌କୁ ମଞ୍ଜୁରି ପ୍ରଦାନ କରିବା ପାଇଁ ରାଷ୍ଟ୍ରପତିଙ୍କ ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବା ନିର୍ଦ୍ଦେଶ ନେଇ ଉପ-ରାଷ୍ଟ୍ରପତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଉପ-ରାଷ୍ଟ୍ରପତି ସର୍ବୋଚ୍ଚ ନ୍ୟାୟାଳୟକୁ 'ସୁପର ପାର୍ଲିଆମେଂଟ' ବୋଲି ବର୍ଣ୍ଣନା କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଦେଶର ଆଇନ ସେମାନଙ୍କ ପାଇଁ ପ୍ରଯୁର୍ଯ୍ୟ ନହେବା କାରଣରୁ ବିଚାରପତିମାନେ ଉତରଦାୟୀ ନୁହଁନ୍ତି। ଆହୁରି ମଧ ସମ୍ବିଧାନର ଧାରା ୧୪୨ ସର୍ବୋଚ୍ଚ ଅଦାଲତଙ୍କୁ ଯେଉଁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛନ୍ତି, ତାହାକୁ ଗଣତାନ୍ତ୍ରୀକ ଶକ୍ତି ବିରୁଦ୍ଧରେ ଏକ ଆଣବିକ କ୍ଷେପଣାସ୍ତ୍ର ଭାବେ ବର୍ଣ୍ଣନା କରିଛନ୍ତି। କେବଳ ଏତିକି ନୁହେଁ, ରାଜ୍ୟସଭାରେ ଏକ କାର୍ଯ୍ୟକ୍ରମରେ ଉଦବୋଧନ ଦେବା ଅବସରରେ ଉପ-ରାଷ୍ଟ୍ରପତି ନିଜର ଅସନ୍ତୋଷ ପ୍ରକାଶ କରିବା ସହ କହିଛନ୍ତି ଯେ, ଆମ ଦେଶରେ ବିଚାରପତି ଆଇନ ପ୍ରଣୟନ କରିବା ଓ କାର୍ଯ୍ୟପାଳିକାର କାର୍ଯ୍ୟ କରୁଥିବା ନେଇ ଆଶା ବିଚାର କରିଛନ୍ତି। ଗୋଟିଏ ବର୍ଷ କିପରି ଆଇନର ପରିସର ବାହାରେ ରହି ଆଇନଗତ ସୁରକ୍ଷା ଉପଭୋଗ କରୁଛନ୍ତି, ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏହା ନିସନ୍ଦେହ ଯେ, ସୁପ୍ରିମକୋର୍ଟଙ୍କ ଏହି ରାୟକୁ ନେଇ ଏବେ ଦୁଇପ୍ରକାର ମତ ପ୍ରକାଶ ପାଇଛି। ଗୋଟିଏ ଗୋଷ୍ଠୀ ଏହାକୁ ସାମ୍ବିଧାନିକ ଦୃଷ୍ଟିରୁ ଯଥାର୍ଥ ବୋଲି କହୁଥିବାବେଳେ ଅନ୍ୟ ଗୋଷ୍ଠୀ ଏହାକୁ ନ୍ୟାୟାପଳିକାର ଯଥେଚ୍ଛାଚାର ବୋଲି କହିଛନ୍ତି। ଏହି ରାୟ ଉପରେ ଆଇନ ବିଶାରଦମାନେ ତର୍ଜମା କରୁଥିବା କୁହାଯାଏ। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସୁପ୍ରିମକୋର୍ଟଙ୍କ ରାୟ ଉପରେ ଖୋଦ୍ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ସରକାର ସଂଜମତା ଅବଲମ୍ବନ କରି ବର୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ଦେଇ ନାହାଁନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଉପ-ରାଷ୍ଟ୍ରପତି ପଦବୀ ଏକ ଆଲଙ୍କାରିକ ସାମ୍ବିଧାନିକ ପଦବୀ ଏବଂ ରାଜ୍ୟସଭାରେ ଅଧ୍ୟକ୍ଷତା କରିବା ତାଙ୍କର ମୁଖ୍ୟ କର୍ତବ୍ୟ। ସୁତରାଂ ନୀତି ନିର୍ଦ୍ଧାରଣ, ରାଜନୀତି ଏବଂ ବିଚାର ବିଭାଗୀୟ ରାୟ କ୍ଷେତ୍ରରେ ତାଙ୍କର କୌଣସି ଭୂମିକା ପ୍ରାୟତଃ ନାହିଁ। ପୂର୍ବରୁ କେହି ପୂର୍ବତନ ଉପ-ରାଷ୍ଟ୍ରପତି କୌଣସି କ୍ଷେତ୍ରରେ ଏଭଳି ମନ୍ତବ୍ୟ ଦେଇନଥିଲେ। କିନ୍ତୁ ଧନଖଡ ଉପ-ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ କ୍ରମାଗତ ଭାବେ ନ୍ୟାୟାପଳିକା ବିରୁଦ୍ଧରେ କଟୁ ମନ୍ତବ୍ୟମାନ ଦେଇଆସିଛନ୍ତି। ଏପରିକି ବିଚାର ବିଭାଗୀୟ ନିଯୁକ୍ତ କମିଶନ (ଏନଜେଏସି)କୁ ସୁପ୍ରିମକୋର୍ଟଙ୍କ ଅସାମ୍ବିଧାନିକ ଘୋଷଣାକୁ ମଧ ନିନ୍ଦା କରିଥିବାବେଳେ ସମ୍ବିଧାନର ଧାରା ୧୪୫(୩) ସଂଶୋଧନ ପାଇଁ ଦାବି କରିଛନ୍ତି। ଯେଉଁ ଧାରାରେ ସାମ୍ବିଧାନିକ ଆଇନର ତର୍ଜମା ଏବଂ ସାମ୍ବିଧାନିକ ବେଂଚ ଗଠନର କ୍ଷମତା ସୁପ୍ରିମକୋର୍ଟଙ୍କର ରହିଛି। ଆମ ଦେଶରେ ଗଣତନ୍ତ୍ରର ତିନି ସ୍ତମ୍ଭ କାର୍ଯ୍ୟପାଳିକା, ବିଧାନପାଳିକା ଓ ନ୍ୟାୟାପାଳିକା ମଧ୍ୟରେ କ୍ଷମତା ବଂଟନ କରିବା ସହ କେହି କାର୍ଯ୍ୟରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ସମ୍ବିଧାନରେ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। ତିନି ସ୍ତମ୍ଭ ମଧ୍ୟରେ କ୍ଷମତା ନେଇ ସମ୍ବିଧାନ ମଧ ଲକ୍ଷ୍ମଣରେଖା ଟାଣି ଦେଇଛନ୍ତି। କେହି କାହାର ସୀମା ଲଂଘନ କରିପାରିବେ ନାହିଁ। କିନ୍ତୁ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ ନ୍ୟାୟାପାଳିକାର ତର୍ଜମାର ପରିସରଭୁକ୍ତ। ଯାହାକି ସମ୍ବିଧାନର ନିର୍ଦ୍ଦେଶ। ଏହା ବ୍ୟତୀତ ଦେଶର ନାଗରିକମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ନ୍ୟାୟାପାଳିକାର ସ୍ୱାଧୀନତା ହେଉଛି ଦେଶବାସୀଙ୍କର ଅବିଚ୍ଛେଦ୍ୟ ଅଙ୍ଗ। ଏହା କେହି ସାମ୍ବିଧାନିକ କାର୍ଯ୍ୟକର୍ତା ଭୁଲିଯିବା ଉଚିତ ନୁହେଁ। ଭାରତୀୟ ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ତିନି ସମ୍ବିଧାନର ୩ ସ୍ତମ୍ଭ ନିଜ ନିଜର ଲକ୍ଷ୍ମଣ ରେଖାକୁ ଲଂଘନ କରିବା ଅନୁଚିତ। ସେହିପରି ଆଲଙ୍କାରିକ ସାମ୍ବିଧାନିକ ପଦ ଅଧିକାର କରିଥିବା ବ୍ୟକ୍ତି ବିଶେଷ ତଥା କାର୍ଯ୍ୟକର୍ତା ଏଭଳି ମନ୍ତବ୍ୟ ଦେବା ଭାରତୀୟ ଗଣତନ୍ତ୍ରର ପରମ୍ପରା ବିରୋଧି। ତେଣୁ ଉପ-ରାଷ୍ଟ୍ରପତି ନିଜ ସୀମାରେଖା ମଧ୍ୟରେ ରହି ନୀରବତା ଅବଲମ୍ବନ କରିବା ଜରୁରୀ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୭୯୭୮୬୬୬୪୦୩

# ପ୍ରଣମ୍ୟ ଜାନକୀ ବଲ୍ଲଭ : ଓଡ଼ିଶା ରାଜନୀତିରେ ଅର୍ଦ୍ଧ ଶତାବ୍ଦୀର ଇତିହାସ



**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**



ରାଜନୈତିକ ବିଷାରଦମାନେ ଜାନକୀବଲ୍ଲଭଙ୍କୁ ଓଡ଼ିଶା ରାଜନୀତିର ଚାଣକ୍ୟ ଭାବେ ଅଭିହିତ କରନ୍ତି। ତେବେ ଅନେକଙ୍କ ମତ ହେଲା ଓଡ଼ିଶା ରାଜନୀତିର ଏକ ଧୂରିଣ ଓ ପ୍ରବୀଣ ଜନନେତା ଜଣକ କେବଳ ଚାଣକ୍ୟ ନୁହନ୍ତି, ଚନ୍ଦ୍ରଗୁପ୍ତର ଭୂମିକାରେ ମଧ ସମାନ ଭାବେ ସଫଳ ଓ ଯଶସ୍ୱୀ। ତାଙ୍କ ଦୀର୍ଘ ରାଜନୈତିକ ଜୀବନକୁ ଅବଲୋକନ କଲେ ଜଣାପଡ଼େ ଯଥାର୍ଥରେ ଜାନକୀବଲ୍ଲଭ ହିଁ ଥିଲେ ସ୍ୱାଧୀନୋତ୍ତର ଓଡ଼ିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀର ଇତିହାସ। ଓଡ଼ିଶା ରାଜନୀତିର ଭୀଷ୍ମ ପିତାମହ ହରେକୃଷ୍ଣ ମହତାବଙ୍କ ପ୍ରିୟ ଶିଷ୍ୟ ଜାନକୀବଲ୍ଲଭ ୧୯୫୨ରେ ପ୍ରଜାତନ୍ତ୍ରର ସମ୍ପାଦନା କରିବା ଦିନଠାରୁ ତାଙ୍କର ରାଜନୀତିକ ଖଡ଼ିଛୁଆଁ ହୋଇ ସାରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ସେହିବର୍ଷ ସେ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ନବକୃଷ୍ଣ ଚୌଧୁରୀଙ୍କ ପାଇଁ ପ୍ରଚାର କରିଥିଲେ। ପରେ ୧୯୫୪ରେ ସେ ରାଜ୍ୟ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ମନୋନୀତ ହେଲେ। ଡ. ମହତାବଙ୍କ ଅନେକ ନିର୍ବାଚନରେ ପ୍ରତ୍ୟକ୍ଷ ପରିଚାଳନା ଦାୟିତ୍ୱ ତୁଲାଇବା ଭିତରେ ସାରା ଓଡ଼ିଶାର କଂଗ୍ରେସ ଲୋକଙ୍କ ସହ ଜାନକୀବଲ୍ଲଭଙ୍କ ପ୍ରତ୍ୟକ୍ଷ ସମ୍ପର୍କର ସେତୁ ପ୍ରତିଷ୍ଠା ହୋଇପାରିଥିଲା, ଯାହା ପରବର୍ତ୍ତୀ ସମୟରେ ତାଙ୍କୁ ଜଣେ ରାଜ୍ୟସ୍ତରୀୟ ନେତା ହେବାରେ ଖୁବ୍ ସାହାଯ୍ୟ କରିଥିଲା। ମୂଳରୁ କଂଗ୍ରେସ ରାଜନୀତି ସହ ସଂପୃକ୍ତ ଜାନକୀବଲ୍ଲଭଙ୍କୁ ଶେଷରେ ୧୯୭୧ ନିର୍ବାଚନରେ କଂଗ୍ରେସ ଦଳ ତରଫରୁ କଟକ ସଦର ଲୋକସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ସୁଯୋଗ ମିଳିଲା। ଆଉ ଏହି ନିର୍ବାଚନରେ ସେ ବିପୁଳ ଭୋଟରେ ନିର୍ବାଚିତ ହୋଇ ପ୍ରଥମ ଥର ପାଇଁ ପାର୍ଲାମେଣ୍ଟକୁ ଗଲେ। ଓଡ଼ିଶାର ସ୍ୱାର୍ଥହାନି କଥା ଉଠିଲେ, କଂଗ୍ରେସ ଦଳର ସାଂସଦ ହୋଇ ମଧ ସେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରକୁ ସମାଲୋଚନା କରିବାକୁ ପଛାଉନଥିଲେ।

ସଂସଦରେ ଜାନକୀ ବଲ୍ଲଭଙ୍କ ବହୁମୁଖୀ ପ୍ରତିଭାର ନିଦର୍ଶନ ପାଇବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୩ରେ ଜାନକୀ ବଲ୍ଲଭଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ପ୍ରତିରକ୍ଷା ବିଭାଗରେ ଉପମନ୍ତ୍ରୀ ଭାବେ ଦାୟିତ୍ୱ ଅର୍ପଣ କଲେ। ସେତିକିବେଳେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ମଧ ଅନ୍ୟତମ ଯୁବ ସାଂସଦ ଭାବେ ଜାନକୀବଲ୍ଲଭଙ୍କ ସହ ଅନ୍ୟତମ ଉପମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତେବେ ଜାନକୀ ବଲ୍ଲଭଙ୍କ ଦକ୍ଷତାରେ ଖୁସି ହୋଇ ପ୍ରଧାନମନ୍ତ୍ରୀ ପରେ ତାଙ୍କୁ ସେହି ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ପଦୋନ୍ନତି ଦେଇଥିଲେ। ଜାନକୀବଲ୍ଲଭ ପାର୍ଲାମେଣ୍ଟକୁ ପ୍ରଥମ ପ୍ରବେଶରେ ମନ୍ତ୍ରୀ ପାଇବାକୁ କେବଳ ଯୋଗ୍ୟ ହୋଇନଥିଲେ, ଇନ୍ଦିରାଙ୍କ ମନ୍ତ୍ରୀମଣ୍ଡଳରେ ଓଡ଼ିଶାରୁ ସେ ଥିଲେ ଏକମାତ୍ର ମନ୍ତ୍ରୀ। ଜରୁରୀକାଳୀନ ପରିସ୍ଥିତି ପରବର୍ତ୍ତୀ ସାଧାରଣ ନିର୍ବାଚନରେ ସାରା ଦେଶରେ କଂଗ୍ରେସ ଦଳର ଦାରୁଣ ପରାଜୟ ପରେ ଦୃଢ଼ମନା ଇନ୍ଦିରା ଗାନ୍ଧି ଏଥିରେ ଦବି ନଯାଇ ଦଳକୁ ସଜାଡ଼ିବାକୁ ପୁଣି ଥରେ ଅଣ୍ଟା ଭିଡ଼ିଲେ। ଆଉ ଏତିକିବେଳେ ଓଡ଼ିଶାରେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା କଂଗ୍ରେସ ସଂଗଠନର ପୁନର୍ବିନ୍ୟାସ ପାଇଁ ଦାୟିତ୍ୱ ମିଳିଲା ଜାନକୀବଲ୍ଲଭଙ୍କୁ। ୧୯୭୮ରେ ସେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ହୋଇ ନିଜର ବିଚକ୍ଷଣ ବୁଦ୍ଧି ଓ କଠିନ ପରିଶ୍ରମ ଜରିଆରେ ଭୁଷୁଡ଼ି ପଡ଼ିଥିବା ସଂଗଠନରେ ନୂତନ ଶକ୍ତି ଭରିବାରେ ସଫଳ ହେଲେ। ଲୋକସଭା ନିର୍ବାଚନରେ ବିପୁଳ ସଫଳତା ପାଇବା ପରେ କେନ୍ଦ୍ର ସରକାର ଓଡ଼ିଶା ସମେତ ନଅ ରାଜ୍ୟର ବିଧାନସଭା ଭଙ୍ଗ କରି ସାନି ନିର୍ବାଚନ କରାଇଲେ। ସେହିବର୍ଷ ମେ' ମାସରେ ଅନୁଷ୍ଠିତ ରାଜ୍ୟ ବିଧାନସଭା ନିର୍ବାଚନରେ ମଧ ଜାନକୀବଲ୍ଲଭଙ୍କ ନେତୃତ୍ୱରେ କଂଗ୍ରେସ ଦଳ ୧୪୭ରୁ ୧୧୦ଟି ଆସନରେ ବିଜୟ ଲାଭ କଲା। ଆଉ କେବେ ବିଧାନସଭାର ସଦସ୍ୟ ନଥାଇ ମଧ ଜାନକୀ ବଲ୍ଲଭ ସର୍ବସମ୍ମତ କ୍ରମେ ବିଧାୟକ ଦଳ ନେତା ନିର୍ବାଚିତ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ। ତାଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଗତିର ରଥ ତ୍ୱରାନ୍ୱିତ ହେଲା। ୧୯୮୪ରେ ନିଜ ସୁରକ୍ଷାକର୍ମୀଙ୍କ ଗୁଳିରେ ଇନ୍ଦିରା ନିହତ ହେବାପରେ ୧୯୮୫ରେ ଅନୁଷ୍ଠିତ ରାଜ୍ୟ ବିଧାନସଭା ନିର୍ବାଚନରେ ମଧ ଜାନକୀ ବଲ୍ଲଭଙ୍କ ନେତୃତ୍ୱରେ କଂଗ୍ରେସ ଦଳ ୧୧୭ ଆସନ ଜିତି ଅଭୂତପୂର୍ଣ୍ଣ ସଫଳତା ହାସଲ କଲା ଏବଂ ଜାନକୀବଲ୍ଲଭ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ସଫଳତାର ଶିଖର ଛୁଇଁଲେ।

ଦ୍ୱିତୀୟ ବାର ମୁଖ୍ୟମନ୍ତ୍ରୀ ହେବାପରେ ବିଭିନ୍ନ କ୍ଷେତ୍ରରେ ସଫଳ ନେତୃତ୍ୱ ନେଇ ରାଜ୍ୟ ପ୍ରଗତିର କର୍ଣ୍ଣଧାର ସାଜିଥିଲେ ହେଁ ଦଳ ଭିତରେ ଜାନକୀ ବଲ୍ଲଭଙ୍କ ଅନେକ ଶତ୍ରୁ ଉଭା ହେଲେ। ଏକ ନିର୍ଦ୍ଦିଷ୍ଟ ଗଣମାଧମରେ ତାଙ୍କ ବିରୋଧରେ ଯୋଜନାବଦ୍ଧ ଅପପ୍ରଚାର କ୍ରମଶଃ ଦଳ ଭିତରେ ତାଙ୍କର ପ୍ରତିଷ୍ଠାରେ ଆଞ୍ଚ ଆଣିଲା। ୧୯୮୯ ଲୋକସଭା ନିର୍ବାଚନରେ କଂଗ୍ରେସର ପରାଜୟର ନୈତିକ ଦାୟିତ୍ୱ ମୁଣ୍ଡାଇ ଜାନକୀବଲ୍ଲଭ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ। ଦୁଇ ମାସ ପରେ ନୂତନ ପିସିସି ସଭାପତି ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ରାଜ୍ୟରେ ନିର୍ବାଚନ ଲଢ଼ି କଂଗ୍ରେସ ଦଳ ମାତ୍ର ୧୦ଟି ଆସନ ଜିତିବାକୁ ସକ୍ଷମ ହେଲା। ବିଜୁ ବାବୁ ଜନତା ଦଳର ସର୍ବସମ୍ମତ ନେତା ଭାବେ ବିପୁଳ ବିଜୟ ହାସଲ କରି ପୁଣିଥରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ। ଜାନକୀ ବଲ୍ଲଭଙ୍କୁ ଅଣଦେଖା କରିବାର ଫଳ ମିଳିଲା। ତେବେ ଏହି ପରାଜୟରେ ଭାଙ୍ଗ ନପଡ଼ି ଜାନକୀ ବଲ୍ଲଭ ପୁଣିଥରେ ଦଳକୁ ସଜାଡ଼ିବାରେ ମନ ଦେଲେ। ତେଣେ କେନ୍ଦ୍ରରେ ଭିପି ସିଂହ ସରକାରର ପତନ ପରେ ୧୯୯୧ରେ ପୁଣିଥରେ ଲୋକସଭା ନିର୍ବାଚନ ହେଲା ଏବଂ ଏହି ନିର୍ବାଚନରେ କଟକ ଲୋକସଭା ନିର୍ବାଚନରୁ ପ୍ରାର୍ଥୀ ହୋଇ ଜାନକୀ ବଲ୍ଲଭ ପରାଜିତ ହେଲେ। ତେବେ ୧୯୯୫ରୁ ୧୯୯୯ ଦୀର୍ଘ ଚାରି ବର୍ଷ ଧରି ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ସେ ରାଜ୍ୟର ଉନ୍ନତି ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କଲେ ମଧ ପୁଣିଥରେ ଦଳର କେନ୍ଦ୍ରୀୟ ସ୍ତରରେ ତାଙ୍କୁ ଅଣଦେଖା କରାଗଲା ଏବଂ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ଚକ୍ରାନ୍ତ ଯୋଗୁଁ ନିଜର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଲା। ଦୀର୍ଘ ବର୍ଷର ବ୍ୟବଧାନ ପରେ ୨୦୦୪ରେ ସେ ପୁଣିଥରେ ବିଧାନସଭାକୁ ନିର୍ବାଚିତ ହେଲେ ମଧ କଂଗ୍ରେସ ବିରୋଧୀ ଦଳ ଆସନରେ ରହିବାରୁ ୨୦୦୪ରୁ ୨୦୦୯ ଯାଏ ସେ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ ଭୂମିକା ନିର୍ବାହ କଲେ। ଏହାପରେ ପ୍ରତ୍ୟକ୍ଷ ରାଜନୀତିରୁ ଏକପ୍ରକାର ଅବ୍ୟାହିତ ନେଇ ଯାଇଥିବା ଜାନକୀ ବଲ୍ଲଭଙ୍କୁ ତାଙ୍କର ବିଶାଳ ବ୍ୟକ୍ତିତ୍ୱ ଓ ବିପୁଳ ରାଜନୈତିକ ଅଭିଜ୍ଞତା ଆଧାରରେ ଆସାମର ରାଜ୍ୟପାଳ ଭାବେ ମନୋନୀତ କରାଗଲା ଏବଂ ଆସାମର ସର୍ବକାଳୀନ ଲୋକପ୍ରିୟ ରାଜ୍ୟପାଳ ଭାବେ ୨୦୦୯ରୁ ୨୦୧୪ ଯାଏ ଦାୟିତ୍ୱ ତୁଲାଇ ସେ ନିକଟରେ ଓଡ଼ିଶା ଫେରିଥିଲେ।

ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ମୋ: ୯୪୩୭୨୪୨୩୧୭




## ପ୍ରିୟାର ଅଜବ୍ କବିତା

**ସନ୍ତୋଷ କୁମାର ଅଦାବର**

ପ୍ରିୟା କହୁଥିଲା ମୋ ପାଇଁ ସେ ପରା
ଲେଖିବ କବିତାଟିଏ
ଆଜି କାଲି କହି ଦିନ ସରିଗଲା
ଶବ୍ଦ ବୋଧେ ସେ ନ ପାଏ ।୧।

ରାତିରେ ଲେଖିବି କହିଲା ସେ
ମୋତେ
କହିଲି ମୁଁ 'ଠିକ୍ ଅଛି'
ହେଲେ, ସେ ଅଳପ ଲେଖିକି ବୋଧେ
ଭାବୁଥିଲା ବେଶି କିଛି ।୨।

ପାହାନ୍ତିରେ ଛାଇ ନିଦରେ ସେ ମୋତେ
ସପନେ ଦେଖିଲା ବୋଲି
ଆଖି ଇସାରାରେ କହିଲା ସେ ଯେଣୁ
ଆଜି ଲେଖିବ ଭାବିଲି ।୩।

ସକାଳରେ ପୁଣି ଝରକା ଫାଙ୍କରୁ
ହସି ଦେଖିଥିଲା ସିଏ
ଭାବିଲି ଆଜି ସେ ନିଶ୍ଚୟ ମୋ ପାଇଁ
ଲେଖଛି କବିତାଟିଏ ।୪।

ସାନ୍ଧ୍ୟ ଭ୍ରମଣରେ ନିକଟ ଗଳିରେ
କହିଲା କଥା ଦି' ପଦ
କବିତା ଭଳି ତା' କଥା ଶୁଣି ମୋର
ମନ ହେଲା ଗଦଗଦ ।୫।


ଦିନ ପରେ ଦିନ ବିତିଗଲା ପଛେ
ମିଛେଇ ପ୍ରିୟାଟି ସତେ
ଲେଖିଲାନି କେବେ ମୋ ପାଇଁ
ଲେଖାଟେ
ଭାବୁଛି ମୁଁ କେତେ କେତେ । ୬।

ତା' ଆଖି ଇସାରା ଓଠ ସ୍ମିତହାସ
ଚାରୁ ଚାହାଣିର କଥା
ଲେଖୁ ନ ଥିଲେ ବି ହୃଦୟ ମୋ
ଜିଣେ
ଭିନ୍ନ ତା'ର ଏ କବିତା । ୭।

ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

## ଶୁଣ ଶିଶୁ ଆଗନ୍ତୁକ

**ନୀଳାମ୍ବର ପଣ୍ଡା**



ଦୁଃଖର ବାଇଶି ପାହାଚ ଡେଇଁ
ନିଃସ୍ୱତାର ସିଂହଦ୍ୱାରେ ମୁଁ
ବହୁବାର ବୁଝାଇଲି/ଚେତାଇଲି
ମୋ ସଂସାରୀ ଜୀବନର
ଦୌର୍ଗତ୍ୟ ବୃତ୍ତାନ୍ତ
କିନ୍ତୁ ହାୟ ! ପ୍ରିୟା ମୋର
ନବୁଝିଲା କିଛି
ପ୍ରବୃତ୍ତିର ଆଦିମ ଉଦ୍ଦାମେ....
ନେଲା ନୀଳରକ୍ତର ସ୍ୱାକ୍ଷର
ଏ ପୃଥ୍ୱୀକୁ ଦେବାପାଇଁ ପୁଷ୍ପାଞ୍ଜଳି-
ରକ୍ତର କରବୀ
ସେ ଉଦ୍ଧାରିବ ସାଗର ଗର୍ଭରୁ
ମୁକ୍ତା ଏକ ଅମୃତ ସନ୍ତାନ ।

ମାତାଗର୍ଭୁ ଶୁଣ ଶିଶୁ ଆଗନ୍ତୁକ
ତୁ ଜନ୍ମିବୁ ମୋ ଦୁସ୍ଥ କୁଟୀରେ
ମାତା ବକ୍ଷୁ ଅଶ୍ରୁ ପବି ଜିଁଇବୁ
ଏ ବିଦୀର୍ଣ୍ଣ ପୃଥ୍ୱୀରେ
ଏ ଜଗତ ନୁହଁଇ ଶାଶ୍ୱତ
ଏ ସମାଜ ସ୍ୱାର୍ଥେ ଜର୍ଜରିତ
ଛଳନାର ରଙ୍ଗେ ସର୍ବେ ରଙ୍ଗାୟିତ
ସଂସ୍କୃତି ଓ ଐତିହ୍ୟ ବ୍ୟତ୍ୟୟ
ଦୌରାତ୍ମ୍ୟର ଯୂପଦଣ୍ଡେ ବଳିପଡେ
ମାନବତ୍ୱ
ଚତୁର୍ଦ୍ଦିଗେ ହାହାକାର ଦୌର୍ଜନ୍ୟେ
ବିପ୍ଲୁତ ।

ଶୁଣ ବତ୍ସ ଆଗାମୀ ଭବିଷ୍ୟ
ଜନ୍ମନେବୁ ଅଗ୍ନିର ଝଙ୍କାରେ
ଛିନ୍ନକରି ମୋହ ମାୟା ସମାଜ-ବନ୍ଧନ
ବିନାଶିବୁ କପଟୀର ଚକ୍ରବ୍ୟୁହ
ମିଥ୍ୟାଚାରୀ ସ୍ୱାର୍ଥିକର ପ୍ରହସନ
ବିଧ୍ୱଂସିବୁ ଭ୍ରଷ୍ଟତା ଓ ଶଠତାର ପ୍ରବଞ୍ଚନ
ମୁଖାପିନ୍ଧା ସଂସ୍କାରୀର ପତିଆରା ପଣ ।
ସ୍ୱଚ୍ଛତାର ଜୀବନଚର୍ଯ୍ୟାରେ
ନୀତି ନିଷ୍ଠା ପୂତତାର ଚିନ୍ତନରେ
ତୁ ଗଢିବୁ ତୋ ଦୁନିଆ
ମାନବୀୟ ଧର୍ମ କର୍ମ ମହନୀୟତାରେ
ସଂଗ୍ରାମୀ ତୋ ଜୀବନଯାତ୍ରାର
ଆତ୍ମଦାନେ ଦେଖାଇବୁ ନୂଆ
କିଛି ପଥ
ତୋ ମୃତ୍ୟୁ ରେ ତୋ ସମାଧି
ସ୍ମୃତିପୀଠ ହେବ
ଦୁର୍ଗତ ଏ ସଂସାରକୁ ଚେତନାର
ଜାଗରୂକ ବାର୍ତ୍ତା ଦେଉଥିବ ।

୭-କୋକିଳା କଟେଜ
ଭୁବନେଶ୍ୱର-୭୫୧୦୦୨
ମୋ: ୭୬୮୧୦୨୧୮୩୦

# ନିଅନ୍ତୁ ଖାସ୍ ଯତ୍ନ



**ସମାଜ ପୂର୍ବାପେକ୍ଷା ବହୁତ ବଦଳିଛି ଏକ କଥା ସତ । କିନ୍ତୁ ଏବେ ବି ବଦଳି ନାହିଁ ଆମର ମାନସିକତା । ସେକ୍ସ ଓ ଯୌନାଙ୍ଗକୁ ନେଇ ସର୍ବାସାଧାରଣ ସ୍ଥାନରେ ଚର୍ଚ୍ଚା ହେଲେ ଆମକୁ ଲାଜ ଲାଗେ । ଅବଶ୍ୟ ଲାଜ କରିବା ଭୁଲ ନୁହେଁ, ମାତ୍ର ମହିଳାଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ ହେବା ଜରୁରୀ । ମହିଳାମାନେ ବାହ୍ୟ ସୌନ୍ଦର୍ଯ୍ୟର ବେଶ୍ ଯତ୍ନ ନେଇଥାନ୍ତି । କିନ୍ତୁ ଯୌନାଙ୍ଗରେ ସ୍ୱଚ୍ଛତା ପ୍ରତି ସେତେଟା ଯତ୍ନବାନ ହୁଅନ୍ତି ନାହିଁ । । ଏହା ବ୍ୟତୀତ ମହିଳାମାନେ ନିଜକୁ ପାରିବାରିକ ଏବଂ ବ୍ ିଗତ ଜୀବନରେ ବ୍ୟସ୍ତ ରଖୁଥିବା ବେଳେ ଶରୀରର ଉପଯୁକ୍ତ ଯତ୍ନ ନେଇପାରନ୍ତି ନାହିଁ । ଫଳରେ ଯୌନାଙ୍ଗରେ ବିଭିନ୍ନ ସଂକ୍ରମଣ ଦେଖାଯିବା ସହ ସର୍ଭିକାଲ କ୍ୟାନସର ହେବାର ସମ୍ଭାବନା ରହିଛି ।**

- ଅନେକ ସମୟରେ ମହିଳାମାନଙ୍କ ଯୌନାଙ୍ଗ କୁଣ୍ଡାଇ ହୁଏ । ଏଥିପାଇଁ ମହିଳାମାନେ ଅନେକ ଅପ୍ରୀତିକର ପରିସ୍ଥିତିରେ ସମ୍ମୁଖୀନ ହୁଅନ୍ତି । ଜୀବାଣୁ ଜନିତ ସଂକ୍ରମଣ, ମାସିକ ଋତୁସ୍ରାବ ବନ୍ଦ ହେବା ସମୟରେ ହରମୋନ ପରିବର୍ତ୍ତନ, ଯୌନାଙ୍ଗ ନିକଟ ଓଦା ରହିବା ଅଥବା ଓଦା ପୋଷାକ କାରଣରୁ ଏହା ହୋଇଥାଏ ।

- ଯୌନାଙ୍ଗ ସଫା କରିବା ପାଇଁ ସାଧାରଣ ସାବୁନ୍ ବା କୌଣସି କ୍ଲିନଜର ବ୍ୟବହାର କରନ୍ତୁ ନାହିଁ । ଏହାଦ୍ୱାରା ଭଲ ବ୍ୟାକ୍ଟେରିଆ ନଷ୍ଟ ହେବା ସହ ସଂକ୍ରମଣ ଆଶଙ୍କା ବଢ଼ିଥାଏ । ପିଏଚଯୁକ୍ତ ଲୋସନ ଯେପରିକି 'ଭି ୱାସ' ଭଳି ଉତ୍ପାଦ ବ୍ୟବହାର କଲେ ସଂକ୍ରମଣ କମ୍ ହୁଏ । ସାବୁନରେ ଏକ ପିଏଚ ଫ୍ୟାକ୍ଟର ୫.୫ରହିଛି ଯାହା ଚର୍ମ ପିଏଚ ଫାକ୍ଟର ସହ ସମାନ । ଯୌନାଙ୍ଗ ଚର୍ମ ଅତ୍ୟନ୍ତ ସମ୍ବେଦନଶୀଳ, ତେଣୁ ସେ କ୍ଷେତ୍ରରେ ପିଏଚ୍ ସ୍ତର ୩.୮ରୁ ୪.୫ ପର୍ଯ୍ୟନ୍ତ ରହିଥାଏ । ସର୍ବଦା ଯୌନାଙ୍ଗ ପିଏଚ ସ୍ତର ଠିକ୍ ରଖନ୍ତୁ ।

- ଯୌନାଙ୍ଗକୁ ସର୍ବଦା ଶୁଖିଲା ଏବଂ ସଫା ରଖନ୍ତୁ । ଗାଧୋଇବା କିମ୍ବା ଶୌଚାଳୟରୁ ଆସିବା ପରେ ଉକ୍ତ ସ୍ଥାନକୁ ଶୁଖିଲା ସୂତା କପଡ଼ା ଅଥବା ଟିସୁରେ ଭଲ ଭାବେ ପୋଛି ଟାଲକମ ପାଉଡ଼ର ବ୍ୟବହାର କରନ୍ତୁ ।

- ଟାଇଟ ଅନ୍ତବସ୍ତ୍ର ପିନ୍ଧିବା ଦ୍ୱାରା ବେଳେବେଳେ ଏହି ସ୍ଥାନ କୁଣ୍ଡାଇ ହୋଇଥାଏ ।

- ଋତୁସ୍ରାବ ସମୟରେ ବ୍ୟବହାର କରୁଥିବା ନାପକିନକୁ ୫ରୁ ୭ ଘଣ୍ଟା ମଧ୍ୟରେ ପରିବର୍ତ୍ତନ କରନ୍ତୁ । କାରଣ ଏହା ଅଧିକ ସମୟ ରହିଲେ ସଂକ୍ରମଣ ଆଶଙ୍କା ଥାଏ ।

- ମହିଳାମାନେ ସହବାସ ପରେ ଯୌନାଙ୍ଗକୁ ପରିଷ୍କାର କରିବା ଏକାନ୍ତ ଆବଶ୍ୟକ । ନିୟମିତ ପ୍ରଚୁର ପରିମାଣରେ ପାଣି ପିଇଲେ ଏହା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ସହ ସଂକ୍ରମଣରୁ ଦୂରେଇ ରଖିଥାଏ । ଯୌନାଙ୍ଗ ସଂକ୍ରମଣ ହେବା ଦ୍ୱାରା ସର୍ଭିକାଲ କର୍କଟ ହେବାର ଭୟ ରହିଛି । ତେଣୁ ଯଥା ସମ୍ଭବ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଅନ୍ତୁ ।

# ମାନସିକ ଚାପ ଓ କର୍କଟ



ମାନସିକ ଚାପରେ ରହୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଆଜିକାଲି ଅନେକ । ଚାପ ଅଣାୟତ ହେଲେ, ଶରୀର ଗୁରୁତର ପ୍ରଭାବିତ ହୁଏ । ଏପରିକି ଏହା କର୍କଟର ଏକ କାରଣ ହୋଇପାରେ । ଉପଯୁକ୍ତ ଆହାର କିମ୍ବା ରକ୍ତ ଶୋଧନ ନିମନ୍ତେ ଆବଶ୍ୟକ ଉପଚାର କଲେଏ ମଧ୍ୟ ସୁଫଳ ମିଳେନାହିଁ । ଏଥିପାଇଁ ମନ ବିଷାଦମୁକ୍ତ ହେବା ଦରକାର । ମନ ଓ ଶରୀର ପରସ୍ପର ପରିପୂରକ, ସନ୍ତୁଳନ ଦ୍ୱାରା ମନ ପ୍ରଫୁଲ୍ଲ ଓ ଶରୀର ସୁସ୍ଥ ରହେ । ଚିନ୍ତା, ଭାବନା, ଉଦବେଗ, ଭାବପ୍ରବଣତା ଆଦି ଜାତହୁଏ ମନରୁ । ତତକ୍ଷଣାତ୍ ତାହା ଆମ ଶରୀରର କୋଟି କୋଟି କୋଷକୁ ସଂଚରିଯାଏ । ନକାରାତ୍ମକ ଚିନ୍ତା, ଭୟ,



କ୍ରୋଧ, ଦୋଷ, ଘୃଣା କିମ୍ବା କ୍ଷମା ଦେବାରେ ଅସମର୍ଥତା ଆଦି ମାନସିକ ବିଲକ୍ଷଣ ଦ୍ୱାରା କୋଷ ପ୍ରଭାବିତ ହୁଏ । ରୋଗପ୍ରତିରୋଧ ଶକ୍ତି ଦୁର୍ବଳ ହୋଇଉପଡ଼େ । କୋଷରୁ କର୍କଟର ଜନ୍ମ, ଏକଥା ସମସ୍ତେ ଜାଣିବା ଉଚିତ । ଏଣୁ କୋଷକୁ ଶକ୍ତିଶାଳୀ କରାଇବା, ପ୍ରତିରୋଧକ କିମ୍ବା ରୋଗରୁ ଆରୋଗ୍ୟ ଲାଭ ସହଜ ହୁଏନାହିଁ । ଶାରୀରିକ ଭାବେ ପୁରା ସୁସ୍ଥ ଥିବା ବ୍ୟକ୍ତି ମଧ୍ୟ କର୍କଟ ଦ୍ୱାରା ପୀଡ଼ିତ ହେଉଥିବାର ଦେଖାଯାଏ । ଏପରି କାହିଁଖି ହୁଏ, କେବଳ ଶାରୀରିକ ଭାବେ ନୁହେଁ, କର୍କଟ ଠାରୁ ଦୂରେଇ ରହିବାକୁ ହେଲେ ଉଭୟ ଶରୀର ଓ ମନ ସୁସ୍ଥ ରହିବା ବାଂଛନୀୟ ।

- ଯୋଗ, ଧ୍ୟାନ, ଏକାଗ୍ରତା, ନୀରବତା, ପ୍ରାଣାୟାମ, ପ୍ରାର୍ଥନା ମନକୁ ସୁସ୍ଥ ଓ ସତେଜ ରଖିବାର ଉପାୟ । ପ୍ରଶ୍ୱାସ ଓ ନିଃଶ୍ୱାସର ଗତି ଉପରେ ନିୟନ୍ତ୍ରଣ ରଖନ୍ତୁ । ଏହା ଦ୍ୱାରା ଶରୀର-ମନ ସନ୍ତୁଳନ ରହେ । ବିଷାଦ ଚାଲିଯାଏ ନକାରାତ୍ମକ ଚିନ୍ତା ଆସେନାହିଁ । କୋର୍ଟିସଲ୍ ହର୍ମନ କ୍ଷରଣ କମେ । ପ୍ରତିରୋଧକ ଶକ୍ତି ବଢ଼େ ।

- ଖାଦ୍ୟ ଓ ଜଳ ବିନା କିଛି ସମୟ ଜୀବନ ବଂଚିବା ସମ୍ଭବ, କିନ୍ତୁ ଅମ୍ଳଜାନ ବିନା ମୁହୂର୍ତକରେ ପ୍ରାଣ ଯିବା ନିଶ୍ଚିତ । ଅମ୍ଳଜାନ ଶରୀରର ଆଲକାଲାଇନ ମାତ୍ରାକୁ ସନ୍ତୁଳିତ ରଖେ । ପାଚନ ଶକ୍ତି ବଢ଼ାଏ । ଚାପ କିମ୍ବା ମାନସିକ ବ୍ୟଗ୍ରତା କମାଏ । ଜୋରରେ ପ୍ରଶ୍ୱାସ ନିଅନ୍ତୁ । ଏହାଦ୍ୱାରା କୋର୍ଟିସଲ ମାତ୍ରା କମେ । କର୍କଟ କୋଷ ବଢ଼ିପାରେ ନାହିଁ । । ଉପଯୁକ୍ତ ପରିମାଣରନିର୍ମଳ ଅମ୍ଳଜାନ କର୍କଟ ପ୍ରତିରୋଧୀ ।

-ଚାପରେ ରହବାର କାରଣ ଜାଣି, ସବୁବେଳେ ସକ୍ରିୟ ରଖିବାର ଉପାୟ ଦ୍ୱାରା ଏଭଳି ରୋଗକୁ ପ୍ରତିହତ ସମ୍ଭବମ । ଦୀର୍ଘକାଳୀନ ଚାପରେ ରହିବା ଦ୍ୱାରା କର୍କଟ ସମେତ ଅନ୍ୟାନ୍ୟ



ତ୍ରରୋଗରେ ପଡ଼ିବା ଆଶଙ୍କା ରହିଛି । ଯେତେବଳେ ଆମେ ଏ ପରି ଦୀର୍ଘକାଳୀନ ଚାପର ସମ୍ମୁଖୀନ ହେଉ, କୋର୍ଟିସଲ ନାମକ ଏକ ପ୍ରକାରା ହର୍ମନ ଅଧିକ ମାତ୍ରାରେ ଶରୀରରୁକ୍ଷରଣ ହୁଏ । ଏହାଦ୍ୱାରା ପ୍ରତିରୋଧକ ଶକ୍ତି ଓ ଶରୀର ପ୍ରଭାବିତ ହୁଏ । କର୍କଟ ଆକ୍ରମଣ କଲେ, ରୋଗୀର ମନକୁ ଯାବତୀୟ ନକାରାତ୍ମକ ଭାବନା ଗ୍ରାସେ । ଏହାଦ୍ୱାରା ରୋଗ ମୁକୁଳିବାର ବାଟ ଖୋଜନ୍ତୁ । ଏହା ଦ୍ୱାରା ଦୀର୍ଘକାଳୀନ ଚାପରେ ରହିବେ ନାହିଁ । ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିବ ନାହିଁ । ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଦ୍ୱାରା ଚାପର ମାତ୍ରାକୁ କମାଇହେବ । ଚିନ୍ତା, ବ୍ୟବହାର ଓ ଭାବପ୍ରବଣତା ମଧ୍ୟରେ ସନ୍ତୁଳନ ରକ୍ଷା କରନ୍ତୁ । ଚାପମୁକ୍ତ ଜୀବନ ପାଇଁ ନିୟମିତ ଧ୍ୟାନ, ଯୋଗ ଅଭ୍ୟାସ କରନ୍ତୁ ।

# ସୁଖୀ ଦାମ୍ପତ୍ୟ ପାଇଁ ଆପଣାନ୍ତୁ ଏହି ୫ଟି କଥା



ଦାମ୍ପତ୍ୟ ଜୀବନର ଦେବତା ହେଉଛନ୍ତି ଶିବ । ଝିଅମାନେ ଭଲ ବର ପାଇବା ପାଇଁ ତ ସ୍ତ୍ରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ବେଦେବ ମହାଦେବଙ୍କର ଉପାସନା କରିଥାନ୍ତି । ୧୨ମାସ ଭିତରୁ ଶ୍ରାବଣ ମାସ ଶିବଙ୍କର ସବୁଠାରୁ ପ୍ରିୟମାସ ଭାବରେ ଜଣାଯାଏ । କାରଣ ଏହି ମାସରେ ପ୍ରଭୁ ଶିବ ପାବର୍ତୀ ମାଙ୍କୁ ବିବାହ କରିଥିଲେ । ତେବେ ଏହି ଶ୍ରାବଣ ମାସରେ ପ୍ରତ୍ୟେକ ଦମ୍ପତୀଙ୍କୁ ସୁଖୀଦାମ୍ପତ୍ୟ ଜୀବନ ପାଇଁ ଭଗବାନ ଶିବଙ୍କ ଠାରୁ ଏହି ୫ଟି କଥା ଶିଖିବା ଦରକାର ।

ସମାନତାର ଅଧିକାର:- ଭଗବରନ ଶିବଙ୍କୁ ଅର୍ଧନାରୀଶ୍ୱର ବୋଲି କୁହାଯାଏ । କାରଣ ଶିବଙ୍କ ପ୍ରତିମୂର୍ତ୍ତିରେ ଭଗବାନ ଅଧା ନାରୀ ଓ ଅଧା ପୁରୁଷ ସ୍ୱରୂପ ରେ ଦେଖାଯାନ୍ତି । ଏହି ସ୍ୱରୂପ ମାଧ୍ୟମରେ ଭଗବାନ ଶିବ ସବୁ ବିବାହିତ ଯୋଡ଼ିଙ୍କୁ କହିବାକୁ ଚାହଁଛନ୍ତି କି ସ୍ୱାମୀ ସ୍ତ୍ରୀ ଶରୀରିକ ରୂପେ ଭିନ୍ନ ଭିନ୍ନ ହେଲେ ମଧ୍ୟ ସେମାନେ ମନ ଭିତରେ ଏକ ବା ଅଭିନ୍ନ ।

ଭଲପାଇବା:- ଶିବଙ୍କ ବେକରେ ସାପ ଥାଇ ମଧ୍ୟ ପାର୍ବତୀ ତାଙ୍କୁ ବିବାହ କରିଥିଲେ ଏଥିରୁ ଜଣାଯାଇଛି ସୁଖୀ ଦାମ୍ପତ୍ୟ ପାଇଁ ସୁନ୍ଦରତା କୌଣସି ପ୍ରକାରେ ମାନେ ରଖେନାହିଁ । ସୁଖୀ ଦାମ୍ପତ୍ୟ ପାଇଁ କେବଳ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଭଲପାଇବା ଓ ସମର୍ପଣଭାବର ହିଁ ଆବଶ୍ୟକତା ଥାଏ ।

ଶଚୋଟପଣିଆ:- ଯେତେବେଳେ ଶିବଙ୍କର ଅପମାନରେ ମାଁ ପାର୍ବତୀ ଶତୀ ହୋଇଯାଇଥିଲେ ସେହି ସମୟରେ ଶିବ ନିଜର ତାଣ୍ଡବ ରୂପ ଧାରଣ କରି ସଂସାର ଧ୍ୱଂସ କରିବାକୁ ବସିଥିଲେ । ପରେ ଦେବତାମାନଙ୍କ ଅନୁରୋଧ କ୍ରମେ ଶିବ ଶାନ୍ତ ହୋଇଥିଲେ ଏଥିରୁ ଯଣା ଯାଉଛି କି ଶିବଙ୍କର ପାର୍ବତୀଙ୍କ ପ୍ରତିଥିବା ଅଗାଧ ପ୍ରେମ ଓ ପ୍ରେମରେ ଥିବା ସଚ୍ଚୋଟ ପଣିଆ ।

ଜଣେ ଭଲ ମୁଖିଆ:- ପରିବାରର ମୁଖ୍ୟଲେଶକ ଯେପରି ପରିବାରର ସମସ୍ତ ଦାୟୀତ୍ୱ ସୁଚାରୁ ରୂପେ ତୁଲେଇଥାନ୍ତି । ଭଗବାନ ଶିବ ନିଜ ପରିବାରକୁ ସଠିକ ଭାବେ ଚଳାଇଥାନ୍ତି । ଭଗବାନ ଶିବଙ୍କ ବାହନ ଓ ମାଁ ପାର୍ବତୀଙ୍କ ବାହନ ମଧ୍ୟରେ ଶତୃତାର ସମ୍ପର୍କ ଥିଲେ ମଧ୍ୟ ସେମାନେ କେବେ ଯାକୁ ନେଇ ମତଭେଦର ଶୀକାର ହୋଇନାହାନ୍ତି । ଦାମ୍ପତ୍ୟ ଜୀବନର ବିଶମ ପରିସ୍ଥିତରେ ଶିବ ସବୁବେଳେ ପରିବାରକୁ ସାଥିରେ ନେଇ ଯାଇଥାନ୍ତି ।

# ବ୍ରତ-ଉପବାସର ଉପକାରିତା





ହିନ୍ଦୁଧର୍ମର ପ୍ରମୁଖ ବିଶେଷତ୍ୱ ହେଉଛି ପର୍ବପର୍ବାଣିରେ ଉପବାସ-ବ୍ରତ ପାଳନ କରିବା । କାହିଁ କେଉଁ କାଳରୁ ଭାରତୀୟ ପରମ୍ପରାରେ ଏସବୁ ପାଳିତ ହୋଇ ଆସୁଛି । ବିଦେଶୀ ରାଷ୍ଟ୍ରର ଲୋକେ ଭାରତର ଏହି ନିୟମକୁ ଅନେକ ବର୍ଷ ପରେ ଗ୍ରହଣ କରିଛନ୍ତି । ଆମେରିକୀୟ ବିଶେଷଜ୍ଞଙ୍କ ମତରେ ବ୍ରତ ଉପବାସ ପାଳନ କରିବା ଶରୀର ପାଇଁ ଖୁବ୍ ଆବଶ୍ୟକ । ପରୀକ୍ଷାରୁ ଜଣାପଡ଼ିଛି ଯେ ଉପବାସ ରହିଲେ ପାଚନ ତନ୍ତ୍ରକୁ କିଛି ସମୟ ଆରାମ ମିଳେ । ଅମ୍ଳ ରୋଗୀଙ୍କ ପାଇଁ ଏହା ଖୁବ୍ ଲାଭଦାୟକ । ଅରୁଚି, ମୁଣ୍ଡବିନ୍ଧା, ଅମ୍ଳ, ଜ୍ୱର, ଅଜୀର୍ଣ୍ଣ, ମୋଟାପଣ ଆଦି ରୋଗରୁ ଉପବାସ କଲେ ରକ୍ଷା ମିଳେ । ଭାରତୀୟ ପଣ୍ଡିତଙ୍କ ମତରେ ବ୍ରତ-ଉପବାସ କରିବା ଦିନ ମନରେ ହିଂସାଭକାବ ଆଣିବା ଅନୁଚିତ । ଏହିଦିନ ମିଛ ନକହି ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପି ଦେବା ପ୍ରାର୍ଥନା କରିବା ଭଲ । ଉପବାସରେ ଦିନବେଳା ଶୋଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ମାସକୁ ଅନ୍ତତଃ ଥରୁଟିଏ ଉପବାସ କରିବା ଉଚିତ ।

ଭାରତୀୟ ପରମ୍ପରାରେ ପ୍ରତ୍ୟେହ ସ୍ନାନ କରିବା ପ୍ରମୁଖ ନିତ୍ୟକର୍ମ ଭାବରେ ବିବେଚନା କରାଯାଏ । କାହିଁ କେଉଁକାଳରୁ ଲୋକେ ଦିନର ପ୍ରାରମ୍ଭ ସ୍ନାନ କରିବା ପରେ ପୂଜାପାଠ କରିଥାନ୍ତି । ଆୟୁର୍ବେଦ ଉପଚାରରେ ସ୍ନାନର ବିଭିନ୍ନ ନୀତିନିୟମ ତଥା ବିଧି ଉଲ୍ଲେଖ ରହିଛି । ସକାଳର ପ୍ରଥମ ପ୍ରହରରେ ସ୍ନାନ କଲେ ଆଳସ୍ୟ ଦୂର ହୋଇଥାଏ । ବିଭିନ୍ନ




ପରୀକ୍ଷାରୁ ଜଣାପଡ଼ିଛି ଯେ ଭାରତୀୟମାନେ ସକାଳେ ସ୍ନାନ କରିବା କାରଣର ଅବସାଦ ରୋଗ ସେମାନଙ୍କୁ ଆକ୍ରାନ୍ତ କରିନଥାଏ । ପ୍ରତ୍ୟେକ ଋତୁରେ ଥଣ୍ଡା ପାଣିରେ ସ୍ନାନ କଲେ ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ । ନଖ ଉଷୁମ ପାଣିରେ ସ୍ନାନ କଲେ ଶରୀର ଜୀବାଣୁମାନ ନଷ୍ଟ ହୋଇଥାନ୍ତି । ଛାତ୍ରଛାତ୍ରୀମାନେ ଉଷୁମ ପାଣିରେ ସ୍ନାନ କରିବା ଅନୁଚିତ । ଏହା ସେମାନଙ୍କ ସବାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ଅତ୍ୟଧିକ ପରିଶ୍ରମୀମାନେ ନଖ ଉଷୁମ ପାଣିରେ ସ୍ନାନ କରିବା ଉପକାରୀ ।

# ଆଖି ସମ୍ପର୍କିତ ତଥ୍ୟ



ମନୁଷ୍ୟ ଶରୀରର ଏକ ପ୍ରମୁଖ ଅଙ୍ଗ ଭାବେ ଚକ୍ଷୁକୁ ବିବେଚନା କରାଯାଏ । ଚକ୍ଷୁ ସମ୍ପର୍କିତ କିଛି ତଥ୍ୟ ଏକ ଜାପାନୀ ପତ୍ରିକାରେ ପ୍ରକାଶ ପାଇ, ଲୋକଙ୍କ ଦ୍ୱାରା ଆଦୃତ ହେଲା ପରେ ସୋସିଆଲ ସାଇଟରେ ମଧ୍ୟ ଏସବୁ ତଥ୍ୟ ପ୍ରକାଶିତ ହେଲା ।

- ମନୁଷ୍ୟର ଚକ୍ଷୁ ଏକ ଡିଜିଟାଲ କ୍ୟାମେରା ହୋଇଥିଲେ, ତାହାର କ୍ଷମତା ୫୭୬ ମେଗାପିକ୍ସେଲ ହୋଇଥାନ୍ତା ।

- ବର୍ତ୍ତମାନ ଠାରୁ ୧୦ ହଜାର ବର୍ଷ ପୂର୍ବେ ମନୁଷ୍ୟ ଡୋଳାରେ ରଙ୍ଗ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ପରିବେଶ ପରିବର୍ତ୍ତନ ସହିତ ବଂଶାନୁକ୍ରମିକ କାରଣରୁ ଏବେ ମନୁଷ୍ୟର ଆଖି ଡେଳାରେ ରଙ୍ଗ ଭିନ୍ନତା ପରିଲକ୍ଷିତ ହେଉଛି ।

- ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଗାଜର ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିଲା । ସୈନିକମାନଙ୍କୁ ଏହା ଚକ୍ଷୁ ପାଇଁ ଏକ ଚମତ୍କାର ଖାଦ୍ୟ ଭାବେ ଅବଗତ କରାଯାଇ ନିୟମିତ ସକାଳ-ସନ୍ଧ୍ୟାରେ ୧ କିଲୋ ଲେଖାଏଁ ଗାଜର ଖାଇବାକୁ ଦିଆଯାଉଥିଲା । ସେ ପର୍ଯ୍ୟନ୍ତ କୌଣସି ପରୀକ୍ଷା କିମ୍ବା ଗବେଷଣାରୁ ଏହି ତଥ୍ୟ ଉନ୍ମୋଚନ ହୋଇଥିଲା । ପରେ ବିଶେଷଜ୍ଞମାନେ ପ୍ରକାଶ କଲେ ଯେ ଆଖି ପାଇଁ ଗାଜର ଏକ ଉତ୍ତମ ଖାଦ୍ୟ ।

# ସ୍ୱାସ୍ଥ୍ୟ ପାଇଁ ସୁନିଦ୍ରା-ଅଦ୍ଦା

ବଲିଉଡ଼ ଅଭିନେତ୍ରୀ ଅଦ୍ଦା ଶର୍ମାଙ୍କ ସୁନ୍ଦର ସ୍ୱାସ୍ଥ୍ୟ ରହସ୍ୟ ଜାଣନ୍ତୁ । ତାଙ୍କ ମତରେ ଶରୀର ପାଇଁ ଗାଢ଼ ନିଦ୍ରା ଅତି ଜରୁରୀ । ଏହା ଦ୍ୱାରା ଶରୀରକୁ ବିଶ୍ରାମ ମିଳେ । ଫୁର୍ତ୍ତି ଓ ସତେଜ ଲାଗେ । ସାରା ଦିନ ଯେତେ କ୍ାମ କଲେବି ହାଲିଆ ଲାଗେନାହିଁ । ଚାପ ଦୂର ପାଇଁ ଗଭୀର ନିଦ୍ରାହିଁ ଏକମାତ୍ର ବିକଳ୍ପ । ଜଣେ ଅଭିନେତ୍ରୀ ପାଇଁ ଏସବୁ ଅବଶ୍ୟ କଷ୍ଟ । କାରଣ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ଶୋଇବାରୀ ତାଳମେଳ ରହେନାହିଁ । ତଥାପି ଗଲା ଦୁଇବର୍ଷ ହେଲା ସେ ସ୍ୱାସ୍ଥ୍ୟ ପାଇଁ ସଚେତନ ଅଛନ୍ତି । ନିଦ୍ରାକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ରାତିରେ ଥଣ୍ଡାପାଣିରେ ସ୍ନାନ କରି ବିଛଣାକୁ ଯାଉଛନ୍ତି । ଶୋଇବା ପୂର୍ବରୁ ମେକଅପ-ଛଡ଼ାଇ ଦୁଇ ଗିଲାସ ପାଣି ପିଅନ୍ତି ଆରାମ ଲାଗେ ଓ ସହଜରେ ନିଦ ଆସିଯାଏ ।



# ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱରର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ




ବାଲେଶ୍ୱର,୨୨/୪(ନି. ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱରର ନବମ ବାର୍ଷିକ ସମ୍ମିଳନୀ ଆଜି ପୂର୍ବାହ୍ନରେ ଭାସ୍କରଗଞ୍ଜସ୍ଥିତ ଗୁଲମୋହର ସଭାଗୃହରେ ଏହାର ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟଅତିଥି ରୂପେ ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱରର ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଯେଉଁ ପ୍ରକାରର ସାହାଯ୍ୟ ସରକାରୀ ସୂତ୍ରରୁ ଆବଶ୍ୟକ ତାହା ଲିଖିତ ଭାବେ ଅନୁରୋଧ କଲେ ଯଥାସମ୍ଭବ ସାହାଯ୍ୟ ସହଯୋଗ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଲେ। ସମ୍ମାନିତ ଅତିଥି ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ନିଜ ବକ୍ତବ୍ୟରେ ମହିଳାମାନେ ନିଶା ବିରୋଧରେ ଆନ୍ଦୋଳନକୁ ବ୍ୟାପକ କଲେ ସମାଜରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ପ୍ରକାଶ କଲେ। ସମ୍ମାନିତ ଅତିଥି ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ 'ମନା'ର ସଚେତନତା କାର୍ଯ୍ୟକ୍ରମ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମତ ପ୍ରକାଶ କରିବା ସହିତ ଏ କ୍ଷେତ୍ରରେ ଆବଶ୍ୟକୀୟ ସାହାଯ୍ୟ ଯୋଗାଇଦେବେ ବୋଲି ମତବ୍ୟକ୍ତ କଲେ। ସମ୍ମାନିତ ଅତିଥି ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ ନିଶାରୂପକ ବ୍ୟାଧିରୁ ସମାଜକୁ ମୁକ୍ତ କରିବାକୁ ହେଲେ ଆମେ ସମସ୍ତେ ଏକତ୍ର ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ଭୁବନେଶ୍ୱରର ଉପ-ସଭାପତି ଶ୍ରୀଯୁକ୍ତ ଅଦ୍ୱୈତ କୁମାର ପାତ୍ର ନିଶା ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ଉପରେ ନିର୍ଭର ନକରି ଜନସମାଜ ଏ ବିଷୟରେ ଆଗେଇ ଆସିବା ପାଇଁ ପରାମର୍ଶ ଦେଇଥିଲେ। 'ମନା'ର ଉପଦେଷ୍ଟା ଶ୍ରୀଯୁକ୍ତ ସୁବ୍ରତ କର ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ କୋଷାଧକ୍ଷ ଶ୍ରୀ ପ୍ରଫୁଲ୍ଲ କୁମାର ଦାସ ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ଏହାପରେ 'ମନା ମୁଖପତ୍ର-୨୦୨୫' ଉନ୍ମୋଚିତ ହୋଇଥିଲା ଓ ଏହାର ସମ୍ପାଦକ ଡ. କ୍ଷିତୀଶ୍ୱର ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନିଶା ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଭୋଗରାଇର ଶ୍ରୀ ଭୃଗୁରାମ କରଶର୍ମା, ସନ୍ତୋଷପୁର, ବସ୍ତାର ଶ୍ରୀମତୀ ଅଞ୍ଜଳି ପ୍ରଧାନ, ଜଳେଶ୍ୱରର ଶ୍ରୀଯୁକ୍ତ ବସନ୍ତ ଦାସ ଓ ବରିଷ୍ଠ ସାମ୍ବାଦିକ ଶ୍ରୀ ଅଜିତ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଆଗାମୀ ବର୍ଷର କାର୍ଯ୍ୟଖସଡ଼ା ଉପସ୍ଥାପନା କରିଥିବାବେଳେ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିଲେ। ଅନ୍ୟତମ ସମ୍ପାଦକ ଶ୍ରୀ ନିରଞ୍ଜନ ରାଉତ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ। ନୂତନ ଆଜୀବନ ସଦସ୍ୟ/ସଦସ୍ୟାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସଙ୍ଗୀତା ମହାନ୍ତି, କମଳା ବିନ୍ଧାଣୀ, ନିରଞ୍ଜନ ପରିଡ଼ା, ସୁନାମଣି ଜେନା, ଗୀତାଞ୍ଜଳି ସିଂହ, କ୍ରିଷ୍ଣା ସାହା, ବେଣୁଧର ସାହୁ, ଅବନ୍ତୀ ପ୍ରଧାନ, ସରସ୍ୱତୀ ପଣ୍ଡା, ସାବିତ୍ରୀ ଜେନା, ସ୍ନେହଲତା ପତି, ଗଙ୍ଗାଧର ପୃଷ୍ଟି, ଶ୍ୟାମସୁନ୍ଦର ଜେନା, ପ୍ରଣିତା ମିଶ୍ର, ଶାନ୍ତି ବିଶି, ରାଜେନ୍ଦ୍ର ରାଉତ, ସୁବ୍ରତା ମହାନ୍ତି, ଗୀତାଞ୍ଜଳି ଶତପଥି, ସମରେନ୍ଦ୍ର ଦାସ, ବସନ୍ତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା ସଭା ପରିଚାଳନାରେ ସହାୟତା କରିଥିଲେ। ସଭା ପ୍ରାରମ୍ଭରେ ସଂଯୁକ୍ତା ମହାପାତ୍ର, ସୁସ୍ମିତା ପଣ୍ଡା ଓ ସାଥିମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ...' ଗାନ କରାଯାଇଥିବାବେଳେ ଜିଲ୍ଲା ବ୍ଲକ କମିଟି ଜଳେଶ୍ୱରର ଦିଲ୍ଲୀପ ଗିରି ଓ ଅଜିତ୍ ମହାନ୍ତି, ଭୋଗରାଇର ଚିତ୍ତରଞ୍ଜନ ଦାସ ଓ ଜାମସେଦ୍ ଅଲ୍ଲୀ ଖାଁ, ବସ୍ତାର କୁମୁଦ ରଞ୍ଜନ ଗିରି ଓ କମଲ ଲୋଚନ ବାରିକ, ରେମୁଣାର ପ୍ରଭାକର ସାହୁ(ଖ), ନୀଳଗିରିର ଶରତ ଚନ୍ଦ୍ର ମହାପାତ୍ର, ବାହାନଗାର ପ୍ରଦୀପ ବେହେରା, ଦକ୍ଷିଣ ବାଲେଶ୍ୱରର ଡ. ଦୟାନିଧି ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ତ୍ରିଦିବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

ଜୟପୁର,୨୨/୪(ନି. ପ୍ର): ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବେଣୁଧର ସବର, କୋରାପୁଟ ଜିଲ୍ଲା ପରିଷଦ ଗ୍ରାମ୍ୟ ଉନ୍ନୟନ ଅଧିକାରୀ, ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପାର୍ଥ ଜଗଦୀଶ କଶ୍ୟପ, ଉପଜିଲ୍ଲାପାଳ ଜୟପୁର କୁମାରି ଅକାବରମ ସସ୍ୟ ରେଡ୍ଡୀ, ରବି ନାରାୟଣ ମିଶ୍ର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜୟପୁର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣିରେ ୧୦ ଗୋଟି ଗୋଷ୍ଠିଗତ ସମସ୍ୟା ଓ ୧୯ ଗୋଟି ବ୍ୟକ୍ତିଗତ ସମସ୍ୟା ସମୁଦାୟ ୨୯ ଗୋଟି ବିଭିନ୍ନ ସମସ୍ୟାର ଆଜି ଅଭିଯୋଗ ଶୁଣାଣି ହୋଇଥିଲା । ପୁରୁଣା ବୋରିଗୁମ୍ମା ଗ୍ରାମବାସୀ ଚିଟ୍ ଫଣ୍ଡ ଠକେଇ ସମସ୍ୟା ନେଇ ଆସିଥିଲେ। ଥାନାରେ ଏତଲା ଦେବାର ୩ ମାସ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଅଭିଯୋଗକାରୀ ମାନେ କହିଛନ୍ତି । ତେନ୍ତୁଳି ଗୁମ୍ମାର ମିନାକ୍ଷୀ ବିଦ୍ୟୁତ ଜଳ ପ୍ରକଳ୍ପ ର ନିର୍ମାଣ କାର୍ଯ୍ୟ ସମ୍ବନ୍ଧରେ, ଆର୍ଥିକ ଠକେଇ ମାମଲା, ଘର ପଟ୍ଟା, ଜମିବାଡି ବିବାଦ, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା, ରାସ୍ତା ଘାଟ ସମସ୍ୟା ଇତ୍ୟାଦି ବିଷୟରେ ଆଜି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଗୁଡିକର ସମସ୍ୟାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତି ଶିଘ୍ର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତି କହିଛନ୍ତି। ଏଥି ସହିତ ପୂର୍ବରୁ ଯାହା ସବୁ ଅଭିଯୋଗ ଆସିଛି ତାହାର ୯୦ ପ୍ରତିଶତ କାର୍ଯ୍ୟ ସମାଧାନ କରାଯାଇଥିବା ସେ କହିଛନ୍ତି। ସେହିପରି ଗୁପ୍ତେଶ୍ୱର ପିଠ ଠାରେ ବ୍ରାହ୍ମଣ ସମାଜ ପାଇଁ ହୋମ ନିମନ୍ତେ ଘର ନିର୍ମାଣ ପାଇଁ ବ୍ରାହ୍ମଣ ସମାଜ ଗୁହାରି କରି ଥିଲେ । ଏହିପରି ବିଭିନ୍ନ ସମସ୍ୟା ଉପରେ ଆଜି ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ତୃପ୍ତି ବୋରେଇ, ଜୟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ପ୍ରସାଦ ମହାପାତ୍ର, ଜିଲ୍ଲା ଶିକ୍ଷାଧିକାରୀ ଡ଼. ପ୍ରଶାନ୍ତ କୁମାର ମହାନ୍ତି, ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ, ଜିଲ୍ଲା ମଣ୍ଡଳ ଅଧିକାରୀ, ଜିଲ୍ଲା ପଂଚାୟତ ଅଧିକାରୀ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ,ଜିଲ୍ଲା ଅତିରିକ୍ତ ଖାଉଟି ଓ ଯୋଗାଣ ଅଧିକାରୀ, ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ, ରାସ୍ତା ଓ ଗୃହ ନିର୍ମାଣ ଅଧିକ୍ଷଣ ଯନ୍ତ୍ରୀ ଜୟପୁର, ଟିପିଏସଓଡିଏଲ୍ ଓ ବିଦ୍ୟୁତ ବିଭାଗର କର୍ମକର୍ତ୍ତାଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅସଲି ସୁନା କହି ନକଲି ଧରାଇଲେ : ୪ ଅଭିଯୁକ୍ତ ଗିରଫ

ଧର୍ମଶାଳା,୨୨/୪(ନି. ପ୍ର): ଅସଲି ସୁନା ମୁଲଚାଲ କରି ନକଲି ସୁନା ଧରେଇଦେବା ଘଟଣାରେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ପୋଲିସ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ମାନଙ୍କ ଠାରୁ ୩ଶହ ଗ୍ରାମ ନକଲି ସୁନା, ନଗଦ ୧ ଲକ୍ଷ ଟଙ୍କା ସହ ବ୍ୟବହୃତ ମୋବାଇଲ ଜବତ ହୋଇଥିବା ବେଳେ ଅଭିଯୁକ୍ତମାନେ ଯାଜପୁର ଓ ଭଦ୍ରକ ଜିଲା ଅଂଚଳ ବୋଲି ଜଣାପଡିଛି । ସୂଚନା ମୁତାବକ, ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରଦା ଗ୍ରାମର ସୌମ୍ୟକାନ୍ତ ଦଳାଇ ଏକ ଘରୋଇ କମ୍ପାନୀରେ କାମ କରନ୍ତି । କାମ କରିବା ସମୟରେ ୪ ଜଣ ଯୁବକଙ୍କ ସହ ସମ୍ପର୍କ ହୋଇଥିଲା । ସମ୍ପୃକ୍ତ ଯୁବକମାନେ ୩ଶହ ଗ୍ରାମ ସୁନା ଦେଇ ୧୦ ଲକ୍ଷ ଟଙ୍କା ଦେବାକୁ କହିଥିଲେ । ବିଶ୍ୱାସ ଜମାଇବା ପାଇଁ ସୌମ୍ୟଙ୍କୁ ଅସଲି ସୁନା ସାମ୍ପୁଲ ଦେଖାଇଥିଲେ । ଏଥିରେ ସୌମ୍ୟ ପ୍ରଭାବିତ ହୋଇ ସେମାନଙ୍କୁ ଆଗ୍ରୀମ ୧ ଲକ୍ଷ ଟଙ୍କା ଦେଇଥିଲେ । ପରେ ବାକି ଟଙ୍କା ପର୍ଯ୍ୟାୟ କ୍ରମେ ଦେବାକୁ ଚୁକ୍ତି କରିଥିଲେ । ଏହା ପରେ ୪ ଯୁବକ ୩ ଶହ ଗ୍ରାମ ସୁନା ଦେଇ ସେଠାରୁ ଚାଲି ଯାଇଥିଲେ । ପରବର୍ତୀ ସମୟରେ ଏହା ନକଲି ସୁନା ବୋଲି ସୌମ୍ୟ ଜାଣିବାକୁ ପାଇଥିଲେ । ଏନେଇ ସେ ବାଲିଚନ୍ଦ୍ରପୁର ଥାନାର ଆଶ୍ରୟ ନେଇଥିଲେ । ଏହି ଘଟଣାରେ ପୋଲିସ ତଦନ୍ତ କରି ବିଭିନ୍ନ ସ୍ଥାନରୁ ୪ ଜଣ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚୁରା କରିଥିଲା । ସେମାନେ ଏହି ଘଟଣାରେ ସମ୍ପୃକ୍ତ ବୋଲି ପୋଲିସ ଆଗରେ ମାନି ଥିଲେ । ଏବଂ ପୋଲିସ ୩ ଶହ ଗ୍ରାମ ନକଲି ସୁନା,୧ ଲକ୍ଷ ଟଙ୍କା ଓ ବ୍ୟବହୃତ କରୁଥିବା ମୋବାଇଲକୁ ଜବତ କରିଥିବା ବେଳେ ସେମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବା ବେଳେ ଏହି ଘଟଣାର ତଦନ୍ତ ଜାରି ରହିଛି ଏବଂ ଆଉ କାହାରି ସମ୍ପୃକ୍ତି ଅଛି ସେ ଦିଗକୁ ତଦନ୍ତ କରାଯାଉଥିବା ନେଇ ଥାନା ଅଧିକାରୀ ସମର୍ଜିତ ନାୟକ ସୂଚନା ଦେଇଛନ୍ତି ।

## ରକ୍ତଦାନ ଶିବିର: ୫୦ ୟୁନିଟ୍ ରକ୍ତ ସଂଗ୍ରହ

ସମ୍ବଲପୁର,୨୨/୪(ନି. ପ୍ର): ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ଠାରେ ଭାରତୀ ସମାଜ, ରୋଟାରୀ କ୍ଲବ୍, ଯୋଗ ପରିବାର ସମ୍ବଲପୁର ଏବଂ ସେବା ଅନୁଷ୍ଠାନ ର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରୋଟାରୀ କ୍ଲବର ସଭାପତି ବିଲାଲ ମଲ୍ଲିକ, ଯୋଗ ପରିବାରର ସୁଧୀର ମିଶ୍ର, ସେବା ଅନୁଷ୍ଠାନର ଅମର ତାଣ୍ଡିଆ ଓ ଭାରତୀ ସମାଜର ସମ୍ବଲପୁର ଜିଲ୍ଲା ସଂଯୋଜକ କିଶୋର ଧରେଇ ରକ୍ତଦାନ ଶିବିର ପରିଚାଳନା କରିଥିଲେ ।ରକ୍ତଦାନ ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ରକ୍ତର ଅଭାବ ଦୂର କରିବା ସହ ଯୁବପିଢୀଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିବା ପାଇଁ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଏହି ରକ୍ତଦାନ ଶିବିରରେ ବେଦିକ ଇଣ୍ଟରନେସନାଲ ସ୍କୁଲର ଚେୟାରମ୍ୟାନ୍ ଆନନ୍ଦ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବେଦିକ ଇଂଟରନେସନାଲ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦିଆଯିବା ସହ ଛାତ୍ରଛାତ୍ରୀମାନେ ସହଯୋଗ ମଧ୍ୟ କରିଥିଲେ। ରକ୍ତଦାନ ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ରକ୍ତର ଅଭାବ ଦୂର କରିବା ସହ ଯୁବପିଢୀଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିବା ପାଇଁ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ଭାରତୀ ସମାଜର ସୁଷମା ପ୍ରଧାନ ଓ ରାଜେଶ ସ୍ୱାଇଁ ପ୍ରମୁଖ ସହଯୋଗ କରଥିଲେ।

# ଡାକବଙ୍ଗଳାର ଡାକ କେହି ଶୁଣିନି: ଦିନେ ଆଶ୍ରୟ ଦେଉଥିଲା, ଆଜି ଅଲୋଡା

ଭଦ୍ରକ,୨୨/୪(ନି. ପ୍ର): ଦିନଥିଲା ଇରମର କୁଲିଖଟି ଡାକବଙ୍ଗଳା ବହୁଲୋକଙ୍କ ଆଶ୍ରୟ ସ୍ଥଳୀ ପାଲଟିଥିଲା। ବ୍ରିଟିସ କର୍ମଚାରୀଙ୍କ ଠାରୁ ଜଳସେଚନ ବିଭାଗ(ସ୍ୱାଧିନତାପରେ)ର ଅଧିକାରୀ ଆଶ୍ରୟ ନେଉଥିଲେ। ଯାତାୟତର ପଥ ସୁବିଧାନଥିବାରୁ ଶ୍ରମିକମାନେ ଆଶ୍ରୟ ସ୍ଥଳୀରେ ଏକାଠିହୋଇ କୋଷ୍ଟକେଲାରେ ଷ୍ଟିମର(ଛୋଟଯାହାଜ)ଚଢି କାମଧନ୍ଦା ପାଇଁ ପଶ୍ଚିମବଙ୍ଗ ଯାଉଥିଲେ। ସ୍ୱାଧିନତାପରେ ଜଳସେଚନ ବିଭାଗ ପାଇଁ ବହୁ ଗୁରୁତ୍ୱ ବହନ କରିଥିଲା କୁଲିଖଟି ଡାକବଙ୍ଗଳା। ଦିନେ ବିଭାଗୀୟ ଅଧିକାରୀ ଆଉ କର୍ମଚାରୀଙ୍କୁ ଆଶ୍ରୟ ଦେଉଥିବା ଡାକବଙ୍ଗଳା ଆଜି ନିଜର ସୁରକ୍ଷା ଖୋଜୁଛି। ଭାଙ୍ଗିରୁଜିଗଲାଣି ବଙ୍ଗଳାର ବିଭିନ୍ନ ବହୁଅଂଶ। ଅନାବନା ଲଟା ଆଉ ଗଛରେ ଭିତରେ ଲୁଚି ଗଲାଣି ବଙ୍ଗଳା। ଏକପ୍ରକାର ଭୁତକୋଠି ପାଲଟିଛିଲାଣି କୁଲିଖଟି ଡାକବଙ୍ଗଳା। ବହୁ ଅଧିକାରୀ, କର୍ମଚାରୀଙ୍କୁ ଆଉ ଶ୍ରମିକଙ୍କୁ ଦିନେ ଆଶ୍ରୟ ଦେଉଥିବା ଡାକବଙ୍ଗଳା ନିଜର ସୁରକ୍ଷା ପାଇଁ ଡାକୁଥିଲେବି କେହି ତା' ଡାକ ଶୁଣିନଥିବା କୁହାଯାଉଛି। କେତେକ ବରିଷ୍ଠ ନାଗରିକ କୁହନ୍ତି; ସ୍ୱାଧିନତା ପୂର୍ବରୁ ଡାକବଙ୍ଗଳା ନିର୍ମାଣ ହୋଇଥିଲେ। ସେସମୟରେ ବ୍ରିଟିସର କେତେକ କର୍ମଚାରୀ ଡାକବଙ୍ଗଳାରେ ରହୁଥିଲେ। ଅଭିବକ୍ତ ବାଲେଶ୍ୱର ଅଂଚଳର ବହୁ ଶ୍ରମିକ କୋଷ୍ଟ କେନାଲ କୂଳରେ ଯାହଜରେ ଚଢି ପଶ୍ଚିମବଙ୍ଗ ଅଂଚଳକୁ ଯାଇଥିଲେ। ସଡକ ଅବା ରେଳପଥର ସୁବିଧାନଥିବାରୁ କୋଷ୍ଟ କେନାଲ ଜଳପଥର ଗୁରୁତ୍ୱ ବଢିଥିଲା। ଛୋଟ ଜାହଜ(ଷ୍ଟିମର)ଆଉ ପାଲଟଣା ଡଙ୍ଗାରେ ଯାତାୟତ ହେଉଥିଲା ଯାତ୍ରୀ। ଅଧିକାରୀ ଆଉ କର୍ମଚାରୀ ମଧ୍ୟ ବିଭିନ୍ନ ଅଂଚଳକୁ ଯାତ୍ରା କରୁଥିଲେ। ଡାକବଙ୍ଗଳା ସେସମୟରେ ରହଣି ସ୍ଥାନ ପାଲଟିଥିଲା। ଦେଶ ସ୍ୱାଧିନତା ପରେ ଏହି ବଙ୍ଗଳା ଜଳସେଚନ ବିଭାଗ ଅଧିନକୁ ଯାଇଥିଲା। ଏହାର ଜଗାରଖା ପାଇଁ କର୍ମଚାରୀ ନିୟୋଜିତ ହୋଇଥିଲେ। ବିଭାଗୀୟ ଅଧିକାରୀ ଇରମ ଅଂଚଳକୁ କାମ ତଦାରଖରେ ଗଲେ ଡାକବଙ୍ଗଳାରେ ବିଶ୍ରାମ ନେଉଥିଲେ। ଦୀର୍ଘଦିନ ଡାକବଙ୍ଗଳା ଜଳସେଚନ ବିଭାଗ ଅଧିନରେ ରହିଥିଲା। ସମୟକ୍ରମେ ତଦାରଖ ଅଭାବରୁ ଏହି ବଙ୍ଗଳା ଭୁତକୋଠି ପାଲଟିଯାଇଛି। କବାଟ ଝରକା ଭାଙ୍ଗି ଭାଙ୍ଗିଗଲାଣି। ବଙ୍ଗଳାର ପାଚେରୀ ମାଟିରେ ମିଶିଲାଣି। ବଙ୍ଗଳର ମୁଖ୍ୟ ଦୁଆରେ ଲାଗିଥିବା ଗ୍ରୀଲଗେଟ କିଏ ଚୋରାଇ ନେଲାଣି। ଅନାବନା ଲଟାବୁଦାରେ ଲୁଚି ଗଲାଣି ବଙ୍ଗଳା। ବ୍ରିଟସ ଅମଳର ବଙ୍ଗଳା ଉପରେ ଜଳସେଚନ ବିଭାଗର ଟିକିଏବି ନଜର ପଡୁନି। ଯେଉଁ ବଙ୍ଗଳାଦିନେ ବିଭଗୀୟ ଅଧିକାରୀଙ୍କୁ ଆଶ୍ରୟ ଦେଉଥିଲା ଆଜି ନିଜର ସୁରକ୍ଷା ଲୋଡୁଛି। ଦୂରକୁ ଜଙ୍ଗଲପରି ଦୃଶ୍ୟମାନ ହେଉଛି ଡାକବଙ୍ଗଳା।

## ମାନସିକ ଅନଗ୍ରସର ଓ ବିକଳାଙ୍ଗ ଉପରେ ଆଇନ ସଚେତନତା ଶିବିର

କେନ୍ଦ୍ରାପଡ଼ା,୨୨/୪(ନି. ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ମାନସିକ ଅନଗ୍ରସର ଓ ମାନସିକ ବିକଳାଙ୍ଗ ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ନିମାଇଁ ଚରଣ ମାନସିକ ବିକଳାଙ୍ଗ ସ୍କୁଲର ଛାତ୍ରଛାତ୍ରୀ ଓ ଅନ୍ତେବାସୀ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ଆହ୍ୱାନ ଦେବା ସହ ଛାତ୍ରଛାତ୍ରୀ ମାନେ ମଧ୍ୟ ଆଗାମୀ କାଲିର ଭବିଷ୍ୟତ ବୋଲି ପ୍ରକାଶ କରିଥିଲେ। ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ସାଇକ୍ଲୋଜିଷ୍ଟ(ମାନସିକ) ବିଭାଗର ଡାକ୍ତର ଶ୍ରଦ୍ଧାଞ୍ଜଳୀ ମହାନ୍ତି, ବିଏସଏସଓ ସୁଧାଂଶୁ ଶେଖର ବେହୁରା ଓ ବିଦ୍ୟାଳୟର ଅଧକ୍ଷ ସ୍ୱପ୍ନାଂଶୁ କୁମାର ଦାସ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ବହୁମୂଲ୍ୟ ଉପଦେଶ ଦେଇଥିଲେ।

# ଲୋକ ସଂପର୍କ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ

କେନ୍ଦ୍ରାପଡ଼ା,୨୨/୪(ନି. ପ୍ର): ମହାକାଳପଡାର ମା ଦରିଆ ରାମଚଣ୍ଡୀଙ୍କ ପୀଠ ନିକଟରେ ଚଳିତ ବର୍ଷ ପ୍ରଥମ କରି ଜିଲ୍ଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ ଜମ୍ବୁଦ୍ୱୀପ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଚଳିତ ମାସ ୧୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସ୍ଥାନୀୟ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ଉଦ୍ୟମ ତଥା ଜିଲ୍ଲା ପ୍ରଶାସନର ସହାୟତାରେ ଉଭୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆଶା କରାଯାଉ ଥିଲା । ଏହି ୫ ଦିନିଆ କାର୍ଯ୍ୟକ୍ରମରେ ବହୁ ମନ୍ତ୍ରୀ, ବିଧାୟକ, ସାହିତ୍ୟିକ, କବି ଓ କଳାକାର ମାନେ ଭାଗ ନେବେ ବୋଲି ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ କରାଯାଇ ଥିଲା । ତେବେ କେନ୍ଦ୍ରାପଡା ସଦର ମହକୁମା ରୁ ପ୍ରାୟ ୨୫-୩୦ କିମି ଦୂରରେ ହେଉଥିବାରୁ ଜିଲ୍ଲାସ୍ତରୀୟ ସାମ୍ବାଦିକମାନଙ୍କୁ ସ୍ୱତନ୍ତ୍ର ଯାନ ମାଧ୍ୟମରେ ନେବା ଆଣିବା କରିବା ପାଇଁ ବ୍ୟବସ୍ଥା ପ୍ରଶାସନ ତରଫରୁ କରା ଯାଇଥିଲା । ମାତ୍ର ଚରମ ଅବହେଳା ଓ ଅବ୍ୟବସ୍ଥା ପାଇଁ ଗାଡିରେ ଯିବା ତ ଦୂରର କଥା ସୌଜନ୍ୟ ବଶତଃ ନିମନ୍ତ୍ରଣ ପତ୍ରଖଣ୍ଡେ କୌଣସି ସାମ୍ବାଦିକଙ୍କୁ ମିଳି ପାରିଲା ନାହିଁ । ଅପରପକ୍ଷରେ ୫ଟି ବୋଲେରୋ ଗାଡି ସାମ୍ବାଦିକଙ୍କ ପାଇଁ ରିଜର୍ଭ କରାଯାଇ ଥିବାବେଳେ କୌଣସି ଆଗ ଧାଡିର ସାମ୍ବାଦିକଙ୍କୁ ଖବର ମଧ୍ୟ ଦିଆଯାଇ ନାହିଁ । ଗାଡି କାହା ତତ୍ୱାବଧାନରେ ରହିବ, କେତେବେଳେ ଯିବେ ଓ ଆସିବେ ସେ ସମ୍ବନ୍ଧରେ କୌଣସି ସୂଚନା ନଥିବାରୁ ମୁଦ୍ରିତ ଗଣ ମାଧ୍ୟମ ଓ ବୈଦ୍ୟୁତିକ ଗଣ ମାଧ୍ୟମର ପ୍ରତିଷ୍ଠିତ ସାମ୍ବାଦିକମାନେ ସରକାରୀ ଗାଡିରେ ଯାଇପାରିଲେ ନାହିଁ। ଅପରପକ୍ଷରେ କେତେକ ଅଣ ସାମ୍ବାଦିକ ନିଜର ଗାଡି ଭଳି ଏହି ଗାଡି ଗୁଡିକୁ ବ୍ୟବହାର କରି ନିଜର ବନ୍ଧୁ ବାନ୍ଧବ, ସାଙ୍ଗସାଥୀଙ୍କୁ ଧରି ପତିଆରା ଦେଖାଇବା ପାଇଁ ମହାକାଳପଡା ମହୋତ୍ସବ ସ୍ଥଳକୁ ଯାଇଥିଲେ ବୋଲି ଅଭିଯୋଗ ହୋଇଛି । ତେବେ ସଂସ୍କୃତି ବିଭାଗ ପକ୍ଷରୁ ରିକ୍ୟୁଏସନ କରାଯାଇ ଥିବା ଗାଡିକୁ ଧରି କେତେକ ଅଣ ସାମ୍ବାଦିକ ରାତି ୮ଟା ପରେ କେନ୍ଦ୍ରାପଡାରୁ ମହାକାଳପଡାକୁ ଯିବା ବିଷୟରେ ନାନା କଥା ଶୁଣିବାକୁ ମିଳୁଛି । ତେବେ ଜିଲ୍ଲାପାଳ ମହୋଦୟ ଏ ସମ୍ବନ୍ଧରେ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିହେଉଛି ।

# ପାର୍ଲିଆମେଂଟାରୀ ଷ୍ଟାଣ୍ଡିଙ୍ଗ କମିଟି ସମୀକ୍ଷା ବୈଠକ

ପୁରୀ,୨୨/୪(ନି. ପ୍ର): କେନ୍ଦ୍ରୀୟ ଯୋଜନା ଗୁଡିକ ପ୍ରଣୟନ ଓ କାର୍ଯ୍ୟକାରିତା ସମୟରେ ସାଂସଦ ମାନଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ। ସାଂସଦ ମାନଙ୍କୁ ସମସ୍ତ ବିଷୟରେ ଅବଗତ କରାଇବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ପାର୍ଲିଆମେଣ୍ଟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ସମ୍ବନ୍ଧୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ ସପ୍ତଗିରୀ ଉଲ୍ଲକା। ଆଜି ମେ ଫେୟାର ହୋଟେଲ ସମ୍ମିଳନୀ କକ୍ଷରେ ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଉଲ୍ଲକା ସମସ୍ତ ଯୋଜନା ସାଧାରଣ ଲୋକ ମାନଙ୍କ ହିତ ଉଦ୍ଦେଶ୍ୟରେ ବ୍ୟବସ୍ଥା ହେଉଥିବାରୁ ଏହାର କାର୍ଯ୍ୟକାରିତା ଓ ସଫଳତାରେ ଲୋକ ପ୍ରତିନିଧି ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ କେନ୍ଦ୍ର ସରକାର ପ୍ରଦତ ମାର୍ଗଦର୍ଶିକା ଅନୁସାରେ ଲୋକ ପ୍ରତିନିଧି ମାନଙ୍କୁ ସାମିଲ କରିବା, ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ। ଯେଉଁ ଠାରେ ଏହାର ଉଲ୍ଲଘଂନ ହେଉଛି ସେଠାରେ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟ ମାନେ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ପ୍ରସ୍ତୁତ ସମୟରେ ଲୋକ ପ୍ରତିନିଧି ମାନଙ୍କୁ ଅବଗତ କରାଇବା, ସେମାନଙ୍କ ପରାମର୍ଶକୁ ପ୍ରକଳ୍ପ ଚୂଡ଼ାନ୍ତ ସମୟରେ ଗୁରୁତ୍ୱ ଦେଇ ସ୍ଥାନିତ କରିବା, ଶୁଭାରମ୍ଭ ଓ ଉଦଘାଟନ ସମୟରେ ଲୋକ ପ୍ରତିନିଧି ମାନଙ୍କୁ ସାମିଲ କରିବା, ନିୟମିତ ଭାବେ ଦିଶା ବୈଠକ ଆୟୋଜନ କରିବା ଉପରେ କମିଟି ଗୁରୁତ୍ୱ ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକରେ ସିସି ରୋଡ ପାଇଁ କମିଟି ଅନୁମୋଦନ କରିଥିଲେ। ଗ୍ରାମର ଆର୍ଥିକ ଅବସ୍ଥାରେ ଉନ୍ନତି ହିଁ ଦେଶର ବିକାଶ। ୨୦୩୬ କୁ ବିକଶିତ ଓଡିଶାର ସ୍ୱପ୍ନକୁ ସାକାର ପାଇଁ ସମସ୍ତ ଯୋଜନାର ସଫଳତା ପାଇଁ କମିଟି ଆହ୍ୱାନ ଦେଇଥିଲେ। ଲିଡ ବ୍ୟାଙ୍କ ଭାବେ ୟୁକୋ ବ୍ୟାଙ୍କର ସମୀକ୍ଷା କରାଯାଇଥିଲା। ଗ୍ରାହକ ମାନଙ୍କ ପାଇଁ ଥିବା ବିଭିନ୍ନ ସେବା ସଠିକ ସମୟ ଓ ସଠିକ ଭାବେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ସମୀକ୍ଷାର ରିପୋର୍ଟ ୧୫ ଦିନ ମଧ୍ୟରେ ପାର୍ଲିଆମେଂଟକୁ ପ୍ରେରଣ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଭଜନ ଲାଲ ଯାତବ, ବିଜୟ କୁମାର ଦୁବେ, ଗୀତା ଆଲିଆସ ଚନ୍ଦ୍ରପ୍ରଭା,ରାମ ଶଙ୍କର ରାଝେରା, ଡଃ. ମହମ୍ମଦ ଜାଓ୍ୱଦ, ନବ ଚରଣ ମାଝୀ, ଦେଶ ରାଜ ଶେଖର,ଏଲ. ସିଂସନ, ସୁଶୀଲ କୁମାର, ମୃତ୍ୟୁଞ୍ଜୟ ସିଂ ଯାଦବ, ସୋନିଆ ଓ୍ୱାଲିଆ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାହକ ମାନଙ୍କ ପାଇଁ ଥିବା ବିଭିନ୍ନ ସେବା ସଠିକ ସମୟ ଓ ସଠିକ ଭାବେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ସମୀକ୍ଷାର ରିପୋର୍ଟ ୧୫ ଦିନ ମଧ୍ୟରେ ପାର୍ଲିଆମେଂଟକୁ ପ୍ରେରଣ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ପଂଚାୟତିରାଜ କମିଶନର ତଥା ସଚିବ ଏସ ଏନ ଗିରିଶ,ସାମାଜିକ ସୁରକ୍ଷା ବିଭାଗ କମିଶନର ତଥା ସଚିବ ଆର ଏସ ଗୋପାଲନ, ସ୍ୱତନ୍ତ୍ର ପ୍ରୋଜେକ୍ଟ ର ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ଜୀବିକା ମିଶନ ସିଇଓ ମୋନିକା ପ୍ରିୟଦର୍ଶିନୀ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ସଚିବ ସୁରେନ୍ଦ୍ର କୁମାର ମିନା, ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ମଧୁସ୍ମିତା ସାମଲ,ରାଜ୍ୟ ଅର୍ଥ କମିଶନ ର ସଦସ୍ୟ ସଚିବ ସତ୍ୟପ୍ରିୟ ରଥ,ୟୁକୋ ବ୍ୟାଙ୍କ ର ଏମଡି ତଥା ସିଇଓ ଅଶ୍ୱିନୀ କୁମାର,ଜିଏମ ଗୌତମ ପାତ୍ର ପ୍ରମୁଖ ଯୋଗ ଦେଇ କମିଟି ଙ୍କୁ ବିଭିନ୍ନ ସୂଚନା ଓ ତଥ୍ୟ ପ୍ରଦାନ କରିଥିଲେ। ପରେ କମିଟି ସଦର ବ୍ଲକର ବେଲଦଳ ଅର୍ଣ୍ଣାମେଂଟାଲ ପ୍ଲାଂଟ ନର୍ସରୀ ବୁଲି ଦେଖିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସହ ବାର୍ତାଳାପ କରିଥିଲେ। ପରେ ଗୋପ ବ୍ଲକର ସୂତନ ପଂଚାୟତର ହାତୁଆଦାଣ୍ଡ ଗ୍ରାମ ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଗୃହ ପରିଦର୍ଶନ କରି ହିତାଧିକାରୀଙ୍କ ସହ କଥା ହୋଇଥିଲେ। ସେହିପରି ଜାତୀୟ ପରିବାର ସହାୟତା ଯୋଜନା ହିତାଧିକାରୀଙ୍କ ସହ ମଧ୍ୟ କଥା ହୋଇଥିଲେ। କମିଟି ଅଧ୍ୟକ୍ଷ ଓ ସଦସ୍ୟ ମାନେ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଇଂଟରପ୍ରିଟେସନ ସେଂଟର ପରିଦର୍ଶନ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଓ ଅତିରିକ୍ତ ଉପ ଜିଲ୍ଲାପାଳ ନିଳମାଧବ ମାଝୀ ସମସ୍ତ କାର୍ଯ୍ୟର ତଦାରଖ ଓ ପରିଚାଳନା କରିଥିଲେ।

## ସାମୁହିକ ଆଚାର୍ଯ୍ୟ କର୍ମଶାଳା

ଜୟପୁର,୨୨/୪(ନି. ପ୍ର): ସୋମବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅରବିନ୍ଦ ନଗର ଠାରେ ସାମୁହିକ ଆଚାର୍ଯ୍ୟ କର୍ମଶାଳାର ସମାରୋପ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଲୋକେଶ ପ୍ରଧାନ ( ବିକ୍ରମ ଦେବ ମହାବିଦ୍ୟାଳୟର ଗଣିତ ଅଧ୍ୟାପକ), ସୁକାନ୍ତ କୁମାର ବେହେରା (ଦକ୍ଷିଣ ସମ୍ଭାଗ ସଂଯୋଜକ), ସଙ୍କୁଳ ପ୍ରମୁଖ ହେମନ୍ତ କୁମାର ଚାନ୍ଦ, ସମ୍ପାଦକ ସତ୍ୟବାଦୀ ମିଶ୍ର, ସତ୍ୟନାରାୟଣ ସେଠୀ (ସଙ୍କୁଳ ସଂଯୋଜକ), ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଡକ୍ଟର ରମଣୀରଞ୍ଜନ ଦାସ । କର୍ମଶାଳାରେ କାଳାଂଶ ୧୬ ଟି, ଗୁରୁମା ୧୧୫, ଗୁରୁଜୀ ୨୬, ପ୍ରଧାନ ଆଚାର୍ଯ୍ୟ ୮ ଟି, ମୋଟ୍ ୧୪୯ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମହୋଦୟ ଆଚାର୍ଯ୍ୟ/ ଆଚାର୍ଯ୍ୟ। ମାନଙ୍କୁ କିଛି ମାର୍ଗଦର୍ଶନ କରିଥିଲେ । ରାଷ୍ଟ୍ର ବନ୍ଦନା ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।


GOVERNMENT OF ODISHA, DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER, MECHANICAL DIVISION,
HIRAKUD-768016, DIST.SAMBALPUR
E-mail: eesmd_hkd@yahoo.com

Tender Call Notice (Bid Identification No-SE/MDH/04/2025-26 dt.11.04.2025

| | |
|---|---|
| 1. Name of the Work | : Manufacturing, Supply & Erection of Hydraulic Gates of different Check Dams |
| 2. No. of Works | : 17 (Seventeen) |
| 3. Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro Mechanical Gates. |
| 4. Bid Identification No. | : SE/MDH-04/2025-26 dt.11.04.2025 |
| 5. Estimated Cost | : Varies from Rs.1.10Lakh to 4.99Lakh (Excluding GST) |
| 6. Period of Completion of work | : One Calendar Month each work |
| 7. Date & time available for sale of Bid Documents in the O/o the undersigned | : From dt.28.04.2025 (07.30 AM) to dt.04.05.2025 (12.30 PM) |
| 8. Last date/ time for receipt of Bid Document in the O/o undersigned | : dt.04.05.2025 (up to 01.00 PM) |
| 9. Date and Place of opening of Bid in the O/o the undersigned) | : dt.05.05.2025 (09.30 AM onwards) |
| 10. Name of the Officer inviting the Bid | : Superintending Engineer, Mechanical Division, Hirakud |

Further details can be seen in the office of the Superintending Engineer, Mechanical Division, Hirakud during office hours.

OIPR: 32444/11/0026/2526

SUPERINTENDING ENGINEER (M)
MECHANICAL DIVISION, HIRAKUD

# ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ




ବାରିପଦା, ୨୨/୪ (ନି.ପ୍ର): ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଆଜି ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପୋଷଣ ପକ୍ଷ ପାଳନର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିବା ସହ ଜିଲ୍ଲାର ଉପଲବ୍ଧି ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ତା'ଙ୍କ ବକ୍ତବ୍ୟ ରେ କହିଥିଲେ କି ସମୃଦ୍ଧ ଓଡିଶା ଗଠନ ପାଇଁ ରାଜ୍ୟକୁ କୁପୋଷଣ ମୁକ୍ତ କରିବା ପାଇଁ ସରକାରଙ୍କ ପ୍ରାଥମିକତା ରହିଥିବାରୁ ଏଥିପାଇଁ ବିଭିନ୍ନ ଫଳପ୍ରଦ ଯୋଜନା କରାଯାଇଛି । ଏହି ଯୋଜନା ଗୁଡିକ ଫଳପ୍ରଦ କରାଇବା ପାଇଁ ସାମୁହିକ ସଚେତନତାର ଆବଶ୍ୟକତା ରହିଛି। ଏକ ସୁସ୍ଥ ଶିଶୁ ହିଁ ଉତ୍ତମ ଛାତ୍ର ଓ ଭବିଷ୍ୟତରେ ଏକ ସୁନାଗରିକ ହୋଇପାରିବ । ଶୈଶବ ଅବସ୍ଥାରେ ଉପଯୁକ୍ତ ପୋଷଣ ପାଇଲେ ଶିଶୁଟିର ସ୍ୱାସ୍ଥ୍ୟର ଉନ୍ନତି ହେବା ସହିତ ତା'ର ସାମଗ୍ରିକ ବିକାଶ ଘଟିଥାଏ। ମାତ୍ର ଘରେ ପ୍ରସ୍ତୁତ ହେଉଥିବା ପାରମ୍ପରିକ ଉତ୍ତମ ଖାଦ୍ୟ ବଦଳରେ ଆଜିକାଲି ବଜାର ରେ ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ଖାଦ୍ୟ ଖାଇବା ହେତୁ ପିଲାମାନଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ମେଦବହୁଳତା ଇତ୍ୟାଦି ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଗତ ଅସ୍ୱାଭାବିକତା ଦେଖାଯାଉଛି। ଶିଶୁର ସ୍ୱାସ୍ଥ୍ୟ ରକ୍ଷା ଓ ଉନ୍ନତି ପାଇଁ ମାଆ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନ୍ମ ଠାରୁ ପରବର୍ତ୍ତୀ ୧୦୦୦ ଦିନ ଶିଶୁ ପାଇଁ ଗୁରୁତ୍ୱପୂର୍ଣ୍ଣ। ମାଆ ମାନେ ସେମାନଙ୍କ ପିଲାମାନଙ୍କୁ ଶୈଶବ ଅବସ୍ଥାରୁ ଉପଯୁକ୍ତ ଯତ୍ନ ନେବା ସହିତ ପୋଷଣଯୁକ୍ତ ଘରୁଆ ଖାଦ୍ୟ ଖୁଆଇବା ଅଭ୍ୟାସ କରାଇବା ଉଚିତ ଯଦ୍ୱାରା ଶିଶୁଟି ଆସ୍ତେ ଆସ୍ତେ ବଡ ହେବାପରେ ବଜାରରେ ମିଳୁଥିବା ଜଙ୍କ ଫୁଡ ପ୍ରତି ଆଗ୍ରହୀ ହେବ ନାହିଁ। ସେହିପରି ପିଲାମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଅଙ୍ଗନବାଡି କେନ୍ଦ୍ର ରେ ପିଲାମାନଙ୍କୁ ମୌଳିକ ଶିକ୍ଷା ଦାନ କରୁଥିବା ଅଙ୍ଗନବାଡି କର୍ମୀଙ୍କ ର ମଧ୍ୟ ଅନୁରୂପ ଦାୟିତ୍ୱ ରହିଛି। ସାମୁହିକ ଭାବେ ପୋଷଣ ଅଭିଯାନକୁ ସଫଳ କରିପାରିଲେ ଏବଂ ସୁସ୍ଥ ଜୀବନ ଶୈଳୀ ମାଧ୍ୟମରେ ଭବିଷ୍ୟତରେ ଆମେ ଏକ ସୁସ୍ଥ ମାନବ ସମ୍ବଳ ପାଇ ପାରିବା। ତେଣୁ ପ୍ରତ୍ୟେକ ସି ଡି ପି ଓ, ସୁପର ଭାଇଜର, ଆଶା କର୍ମୀ ଓ ଅଙ୍ଗନବାଡି କର୍ମୀ ସେମାନଙ୍କ ନିଜ ନିଜ କାର୍ଯ୍ୟକ୍ଷେତ୍ର ଅଂଚଳର ସମସ୍ତ ମା ଓ ଶିଶୁ ମାନଙ୍କୁ ପଞ୍ଜିକୃତ କରିବା ସହିତ ପ୍ରତ୍ୟେକ ଯେମିତି ଛତୁଆ, ଅଣ୍ଡା ପାଇବେ ସେଥିପ୍ରତି ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଜିଲ୍ଲାକୁ ପୋଷଣ କ୍ଷେତ୍ରରେ ପ୍ରଥମ ଭାବେ ପରିଚିତ କରିବା ପାଇଁ ଉତ୍ସାହିତ କରିଥିଲେ। ନିଜର ଦାୟିତ୍ୱ କୁ ନିଜର ବୋଝ ବୋଲି ନଭାବି ଲୋକଙ୍କ ସେବା କରିବା ପାଇଁ ଏକ ସୁଯୋଗ ମିଳିଛି ବୋଲି ଭାବି ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଡ଼. ପରିଡା ତାଙ୍କ ଅଭିଭାଷଣରେ ପୋଷଣଯୁକ୍ତ ଖାଦ୍ୟ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଉତ୍ତମ ପ୍ରଦର୍ଶନ କରିଥିବା କିଛି ଅଙ୍ଗନବାଡି କେନ୍ଦ୍ରକୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ଏବଂ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ବୁଲି ଦେଖିଥିଲେ। କୁପୋଷଣ ର ଶିକାର ନହେବା ଏବଂ କଣ କଣ ଖାଦ୍ୟ ଖାଇବା ଦ୍ୱାରା ଉପଯୁକ୍ତ ପୋଷଣ ମିଳିବ ତାହାକୁ ନେଇ ଏକ ବାର୍ତ୍ତା ସମ୍ବଳିତ ନୃତ୍ୟ ସଂଗୀତ ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବିଭିନ୍ନ ବ୍ଲକର ସି ଡି ପି ଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ସେଦିନର ବୋଉ ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସେଦିନର ବୋଉ ଲଜ୍ଜା ନିବାରଣ ପାଇଁ ସଂପୂର୍ଣ୍ଣ ଶରୀରକୁ ଆଚ୍ଛାଦିତ କରି ସୁନ୍ଦର କୁଚ କରି ଲୁଗା ପରିଧାନ କରିଥିବାବେଳେ ଆଜିର ମମି ମାନେ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ପ୍ରଦର୍ଶନ କରିବା ନିମନ୍ତେ ବିଭିନ୍ନ ରକମର ଆଧୁନିକ ପୋଷାକ ପରିଧାନ କରୁଛନ୍ତି । ଆଜିକାଲି ମମିମାନଙ୍କ ପାଇଁ ମଦରସ ଡେ ପାଳନ କରାଯାଉଛି କିନ୍ତୁ ଏହାର ଉଦ୍ଦେଶ୍ୟ କଣ କାହାରିକୁ ସଠିକ୍ ଜଣା ନାହିଁ ହେଲେ ବୋଉ ପାଇଁ ଲୋଡା ପଡେ ନାହିଁ କେଉଁ ସ୍ୱତନ୍ତ୍ର ଦିନ,ପ୍ରତ୍ୟେକ ଦିନ ହେଉଛି ବୋଉର ଦିନ । ସମୟ ସ୍ରୋତରେ ଓଡ଼ିଆଣୀ ବୋଉ ମାନେ ଆଜି ମମି ପାଲଟି ଯିବାରୁ ତାଙ୍କର ଛୁଆମାନେ ମମି କୁ 'ତମେ' ବୋଲି ସମ୍ବୋଧନ କରିବାର ଶୁଣିବାକୁ ମିଳୁଛି । ହଁ ,ସେଦିନର ବୋଉ ମାନେ ଅପାଠୋଇ ଥିଲେ କିନ୍ତୁ ଏବେକାର ମମିମାନେ ବେଶ୍ ଉଚ୍ଚ ଶିକ୍ଷିତା । ତାଙ୍କର ସମ୍ମାନ ଦରକାର । ତେଣୁ 'ତମେ' ବୋଲି ସମ୍ବୋଧନ ନକଲେ ତାଙ୍କର ପିତ୍ତ ଅଳିଚ ମାନ ମହତ ଚାଲିଯିବ ! ଅନ୍ୟ ପକ୍ଷରେ ଦେଖିଲେ ଆଜିକାଲି ନାରୀମାନେ ପୁରୁଷ ମାନଙ୍କ ସହ ସମକକ୍ଷ ହେଲେଣି ତେଣୁ ଯଦି ବାପାଙ୍କୁ ଯଦି ତୁମେ ବୋଲି ସମ୍ବୋଧନ ହେଉଛି ତେବେ ମମିଙ୍କୁ କାହିଁକି ନୁହେଁ ! ସେ ଯାହା ହେଉନା କାହିଁକି କିନ୍ତୁ 'ତୁ' ସମ୍ବୋଧନରେ ବୋଉକୁ ମିଳେ ଅଜସ୍ର ଖୁସି ଆଉ ଆନନ୍ଦ । ବୋଉ କିଛି ନ ପଚାରିବି ମନର ସବୁ କଥା ଜାଣିପାରେ କିନ୍ତୁ ମମି ସବୁ ପଚାରି ମଧ୍ୟ ମନର କଥା କିଛି ବୁଝି ନଥାଏ । ବୋଉର ବଳକା ସମୟ ମୋ ପାଇଁ ବିଭିନ୍ନ ଉପଦେଶ ମୂଳକ ଗଳ୍ପ କହି ମୋ ମନରେ ଆନନ୍ଦ ଭରିଦିଏ କିନ୍ତୁ ମମିର ବଳକା ସମୟ କେବଳ ମୋବାଇଲ, ଟିଭି, ଆଉ ଇଣ୍ଟରନେଟରେ ବିତେ । ବୋଉର କୌଣସି କାର୍ଯ୍ୟ ଅନ୍ୟକୁ ଦେଖେଇବା ପାଇଁ ନୁହେଁ କିନ୍ତୁ ମମି ଯାହା ସବୁ କରେ ସେଥିରେ ଆଧୁନିକତାର ଛାପ ଦେଖିବାକୁ ମିଳେ । ଶସ୍ତା ଲୋକପ୍ରିୟତା ହାସଲ କରିବା ନିମନ୍ତେ ମମିର ପ୍ରତ୍ୟେକଟି କାର୍ଯ୍ୟ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୁଏ । ବୋଉର ଉପଦେଶ ଗୀତା ଭାଗବତ ଠାରୁ ଊର୍ଦ୍ଧ୍ୱରେ,ତାର ସ୍ନେହ ମମତା କେବେ ଦେବକୀ ଭଳି ତ କେବେ ଯଶୋଦା ଭଳି,ତାର ଦରଦୀ ମୁହଁ,ତାର ଝୋଟି ଚିତା,ତାର ଚଉରାର ସଂଜବତୀ, ତାର ଠାକୁର ଘରର ଶଙ୍ଖ ଧ୍ୱନି,ତାର ସମ୍ପର୍କର ସାଲୁକନା,ତାର ନିରୀହ ନିଃଶ୍ୱାସ,ତାର ପରି ରାଇଜର କାହାଣୀ, ତାର ପିନ୍ଧା ଲୁଗାର ବାସନା,ତାର ଉଷୁମ କୋଳ,ତାର ପ୍ରେରଣା ବାସ୍ତବିକ ଆଜିକାଲି ମମି ମାନଙ୍କଠାରେ ଦେଖିବାକୁ ମିଳୁ ନାହିଁ । ନହେଲେ କଣ ନିଜ ଛୁଆକୁ କେଉଁ ମା ଡାହାଣୀ ସାଜି ହତ୍ୟା କରି ପାରିଥାନ୍ତା ! ନା ଶିଶୁ କନ୍ୟାକୁ ଜନ୍ମ ଦେଇ ବାହାରେ ଫୋପାଡି ଦେଇ ପାରିଥାନ୍ତା ! ମୁଁ ଭାବେ ବୋଉ ବୋଧ୍ ହୁଏ ସ୍ୱର୍ଗରେ ଈଶ୍ୱରଙ୍କ ଦ୍ୱାରା ତିଆରି କିନ୍ତୁ ମମି ପୃଥିବୀର କେଉଁ ଯନ୍ତ୍ରରେ ବୋଧେ ଗଢା ହୋଇଛି । ବୋଉ କୁକୁଡ଼ା ରାବ ଦେବା ପୂର୍ବରୁ ଶଯ୍ୟାତ୍ୟାଗ କରି ଖାଦ୍ୟ ପ୍ରସ୍ତୁତ ନିମନ୍ତେ ବାହାରିପଡେ କିନ୍ତୁ ମମି ସକାଳ ୯ ଟାରେ ଉଠି କଫି ପିଇ କୁକୁରକୁ ନେଇ ବୁଲିବାକୁ ବାହାରି ପଡେ । ସକାଳୁ ସଞ୍ଜ ହୁଏ,ରାତିଗାଢ଼ ହୁଏ,ନୀରବତା ବଢି ଚାଲେ ମାତ୍ର ବୋଉର କାମ ସରିନଥାଏ,ଲାଗିଥାଏ ଯେ ଲାଗିଥାଏ ଯିଏ କେବେ ବେତନ ଦାବି କରେନାହିଁ, ପଦୋନ୍ନତି ଚାହେଁ ନାହିଁ କିମ୍ବା କାର୍ଯ୍ୟରୁ ଅବସର ନିଏ ନାହିଁ । ଆଧୁନିକତାର ସ୍ପର୍ଶରେ ସବୁକିଛି ବଦଳିଯାଇଛି କିନ୍ତୁ ସେଦିନର ଗାଉଁଲି ଅପାଠୋଇ ବୋଉ ବଦଳିପାରିନି କି ପାରିବନି ମଧ୍ୟ । ଯେଉଁମାନେ ଭାବୁଛନ୍ତି ଆମେମାନେ ଶିକ୍ଷିତ ସେମାନେ ମନେ ରଖିବା ଉଚିତ ସେମାନଙ୍କ ଠାରେ ଜ୍ଞାନର ଅଭାବ ପରିଲକ୍ଷିତ ହେଉଛି । ହେ ମୋର ଆଧୁନିକ ଯୁଗର ମମିମାନେ ଦୟାକରି ନିଜକୁ ପରିବର୍ତ୍ତନ କରି ନିଅ ନଚେତ୍ ଏ ସମଗ୍ର ସୃଷ୍ଟି ଧ୍ୱଂସ ହୋଇଯିବ ।

ଅଧ୍ୟାପକ,ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,କଟକ ।
ମୋ: ୯୪୩୮୦୭୦୮୪୯

## ଗରମ ଓ ଗୁଳୁଗୁଳି ଯୋଗୁ ୫୦ରୁ ଅଧିକ ଅସୁସ୍ଥ

ଭୁବନେଶ୍ୱର, ୨୨/୪ (ନି.ପ୍ର): ଗରମ ଓ ଗୁଳୁଗୁଳି ଯୋଗୁଁ ଅସୁସ୍ଥ ହେଲେଣି ୫୦ରୁ ଅଧିକ ଲୋକ । ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି । ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଘରକୁ ପଠେଇ ଦିଆଯାଇଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ସବୁ ମେଡିକାଲକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଲର୍ଟ କରାଯାଇଛି । ଅଂଶୁଘାତ ପାଇଁ ଜିଲ୍ଲା ସ୍ତରୀୟ ହସ୍ପିଟାଲରେ ୬ ଟି, ସବଡ଼ିଭିଜନ ସ୍ତରୀୟ ମେଡିକାଲରେ ୪ ଟି ସିଏଚସିରେ ୨ ଟି ବେଡ୍ ପ୍ରସ୍ତୁତ ରଖାଯାଇଛି । ଜରୁରୀ କାମ ନ ଥିଲେ ଦିନ ୧୦ ଟା ପରେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ । ଅନ୍ୟପଟେ ଏ ପର୍ଯ୍ୟନ୍ତ ରାଜ୍ୟରେ ଗୋଟିଏ ବି ଅଂଶୁଘାତ ଜନିତ ଘଟଣା ସାମ୍ନାକୁ ଆସିନଥିବା କହିଛନ୍ତି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ।

# ଦେଶର ୩୦ କୋଟି ଶିଶୁ ଏବଂ ଯୁବବର୍ଗଙ୍କୁ ସଡ଼କ ସୁରକ୍ଷା ପ୍ରତି ସଚେତନ କରିବା ଶିକ୍ଷା ବିଭାଗର ଦାୟିତ୍ୱ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭବନେଶ୍ୱର, ୨୨/୪ (ନି.ପ୍ର): ସଡ଼କ ସୁରକ୍ଷାର ଗୁରୁତ୍ୱକୁ ଅଣଦେଖା କରିବା ଉଚିତ୍ ନୁହେଁ । ସଡ଼କ ସୁରକ୍ଷାକୁ କେବଳ ଆଇନ ବ୍ୟବସ୍ଥାରେ ନହେଁ ବରଂ ଜନଆନ୍ଦୋଳନ ରୂପରେ ଦେଖାଯିବା ଦରକାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର କଳ୍ପନା ରହିଛି । ଏହି ପରିପ୍ରେକ୍ଷୀରେ ସ୍କୁଲ ସ୍ତରରେ "ସୁରକ୍ଷିତ ଯାତ୍ରା" ଶିକ୍ଷା କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ତୃଣମୂଳ ସ୍ତରରେ ସାକାର କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସଡ଼କ ସୁରକ୍ଷା ସଚେତନତା ଏବଂ ଅନଲାଇନ ଶିକ୍ଷା କାର୍ଯ୍ୟକ୍ରମ 'ସୁରକ୍ଷିତ ଯାତ୍ରା' ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ଆମର ଯୁବବର୍ଗମାନେ ବିଦ୍ୟାଳୟ ସ୍ତରରେ ହିଁ ସଡ଼କ ସୁରକ୍ଷା ପ୍ରତି ବ୍ୟବହାରିକ ସଚେତନତା ବିକଶିତ ହେବ । ସେ ଆହୁରି କହିଛନ୍ତି ଯେ ରାଷ୍ଟ୍ରୀୟ ସ୍କୁଲ ଶିକ୍ଷା ପାଠ୍ୟକ୍ରମ ଅନ୍ତର୍ଗତ ଏନସିଇଆରଟି ନୂଆ ପାଠ୍ୟପୁସ୍ତକ ପ୍ରସ୍ତୁତ କରୁଛି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍କୁଲ ଶିକ୍ଷା ବିଭାଗ ତଥା ଏନସିଇଆରଟିକୁ ପରାମର୍ଶ ଦେଇ କହିଛନ୍ତି ଯେ ୨୦୨୫-୨୬ ଶିକ୍ଷା ବର୍ଷରୁ ହିଁ ସଡ଼କ ସୁରକ୍ଷା ବିଷୟ ଉପରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବୟସ ଅନୁସାରେ ଉପଯୁକ୍ତ ଅଡ଼ିଓ-ଭିଡ଼ିଓ ମଡ୍ୟୁଲ୍ ପ୍ରସ୍ତୁତ କରାଯାଉ, ଯେଉଁଥିରେ ଏହି ବିଷୟକୁ କ୍ରେଡ଼ିଟ୍ ଆଧାରିତ ପ୍ରଣାଳି ଅନ୍ତର୍ଗତ ପଢାଯାଇପାରିବ । ଦେଶର ୩୦ କୋଟି ଶିଶୁ ଏବଂ ଯୁବବର୍ଗଙ୍କୁ ସଡ଼କ ସୁରକ୍ଷା ପ୍ରତି ସଚେତନ କରିବା ଶିକ୍ଷା ବିଭାଗର ଦାୟିତ୍ୱ ଅଟେ । ଏହାସହ ଆମକୁ ଶକ୍ତି ସଂଚୟ ଭଳି ବିଷୟ ଉପରେ ମଧ୍ୟ ଆମ ପିଲାମାନଙ୍କୁ ପ୍ରାଥମିକ ସ୍ତରରୁ ଶିକ୍ଷିତ କରିବାକୁ ପଡିବ । ଆତ୍ମନିର୍ଭର ଭାରତର ଦିଶାରେ ଆମେ ସେମାନଙ୍କୁ ଅକ୍ଷୟ ଉର୍ଜା ଭଳି ବିଭିନ୍ନ ସ୍ରୋତ ସହ ପରିଚିତ କରାଇବା ଆବଶ୍ୟକ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ସଡ଼କ ସୁରକ୍ଷା ମହତ୍ତ୍ୱପୂର୍ଣ୍ଣ ଓ ଆବଶ୍ୟକ ମଧ୍ୟ । ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମ୍ୟାନୁଫ୍ୟାକଚର୍ସ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ମିଳିତ ଉଦ୍ୟମରେ ପରିଚାଳିତ ଏହି ଅନଲାଇନ୍ ଶିକ୍ଷା କାର୍ଯ୍ୟକ୍ରମରେ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟରେ ସଡ଼କ ସୁରକ୍ଷା ଏବଂ ସୁରକ୍ଷିତ ସଡ଼କ ବ୍ୟବହାର ଭଳି ପଦକ୍ଷେପ ଗୁଡ଼ିକ ଦ୍ୱାରା ସମସ୍ତ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଯିବ । ଏଥିପାଇଁ ଯେ ସୁରକ୍ଷା ଛାତ୍ରଛାତ୍ରୀଙ୍କ ଚିନ୍ତାଧାରର ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିବ । କେନ୍ଦ୍ରୀୟ ବିଦ୍ୟାଳୟ ସହ କରାଯାଉଥିବା ଏହି ଅଭିଯାନ ଆଧାରରେ ଏହି ବିଷୟକୁ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ବିଦ୍ୟାଳୟରେ ସ୍ଥାନୀୟ ଭାରତୀୟ ଭାଷାରେ ବୁଝାଯିବ । ଏହାବ୍ୟତୀତ ଦିଲ୍ଲୀର କେନ୍ଦ୍ରୀୟ ବିଦ୍ୟାଳୟ- ୨ରେ ସଡ଼କ ସୁରକ୍ଷାର ସମସ୍ତ କାର୍ଯ୍ୟକ୍ରମକୁ ଶେଷ କରି ସେଠାରେ ହାଇଡ୍ରୋଜେନ ଇନ୍ଧନ ଉତ୍ପାଦନ ପ୍ଲାଣ୍ଟର ସ୍ଥାପନା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ଏହା ଦ୍ୱାରା ବିଦ୍ୟାର୍ଥୀମାନେ ସଡ଼କ ସୁରକ୍ଷା ସହ ଉର୍ଜା ସୁରକ୍ଷାର ବିଷୟରେ ମଧ୍ୟ ବ୍ୟବହାରିକ ଜ୍ଞାନ ପାଇପାରିବେ ବୋଲି ସେ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆତଙ୍କବାଦୀଙ୍କ...

ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମଧ୍ୟ ତୁରନ୍ତ ଶ୍ରୀନଗରରେ ପହଞ୍ଚିଛନ୍ତି। ଗୁଳିମାଡ଼ କରିବା ପରେ ଆତଙ୍କବାଦୀମାନେ ସେଠାରୁ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି। ଉପ ରାଜ୍ୟପାଳ ମନୋଜ ସିହ୍ନା ଘଟଣାକୁ ଦୃଢ଼ ଭାବେ ନିନ୍ଦା କରିବା ସହ ହମଲାକାରୀଙ୍କୁ ଉଚିତ ଜବାବ ମିଳିବ ବୋଲି କହିଛନ୍ତି। ପହଲଗାମ ହେଉଛି ଗୋଟିଏ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ। ଏଠାକାର ଜଙ୍ଗଲ ଓ ହ୍ରଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପ୍ରତିବର୍ଷ ଏଠାକୁ ଶହଶହ ପର୍ଯ୍ୟଟକ ବୁଲିବାକୁ ଆସିଛନ୍ତି। ତେଣୁ ପର୍ଯ୍ୟଟକଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ହମଲା କରିଥିବା କୁହାଯାଉଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ। ସେହିପରି ଅମରନାଥ ଯାତ୍ରା ପାଇଁ ପଞ୍ଜୀକରଣ ମଧ୍ୟ ଆରମ୍ଭ ହୋଇଛି। ୩୮ ଦିନିଆ ଅମରନାଥ ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଆତଙ୍କବାଦୀମାନେ ଆକ୍ରମଣ କରି ସମସ୍ତଙ୍କ ମନରେ ଭୟ ସଞ୍ଚାର କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଘଟଣାକୁ ଦୃଢ଼ ନିନ୍ଦା କରିଥିବା ବେଳେ ସରକାର ଆତଙ୍କବାଦ ବିରୋଧରେ ଆହୁରି କଠୋର ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

### ସଂସଦ ହିଁ ସର୍ବୋଚ୍ଚ...

ଉପରାଷ୍ଟ୍ରପତି ୧୯୭୫ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏମର୍ଜେନ୍ସି ବେଳେ କୋର୍ଟଙ୍କ ଭୂମିକା ଉପରେ ବି ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ ଏକ ମାମଲାରେ ସୁପ୍ରିମକୋର୍ଟ ପ୍ରସ୍ତାବନାକୁ ସମ୍ବିଧାନର ଅଂଶ ନାହିଁ କହିଥିଲେ, ଅନ୍ୟ ଏକ ମାମଲାରେ ଏସସି କହିଥିଲେ ଯେ ଏହି ସମ୍ବିଧାନର ଅଂଶ । କିନ୍ତୁ ସମ୍ବିଧାନ ବାବଦରେ କୌଣସି ସନ୍ଦେହ ନହେବା ଦରକାର । ନିର୍ବାଚିତ ପ୍ରତିନିଧି ହିଁ ସମ୍ବିଧାନର ଶେଷ ସ୍ୱାମୀ ହେବ, ତାଙ୍କ ଉପରେ କୌଣସି ଅଥରିଟି ରହିପାରିବ ନାହିଁ । ସେ କହିଛନ୍ତି ଯେ ସର୍ବୋଚ୍ଚ ନ୍ୟାୟାଳୟ ଏମର୍ଜେନ୍ସି ଲାଗୁ କରିବା ମାମଲାରେ ନଅ ହାଇକୋର୍ଟଙ୍କ ରାୟକୁ ବଦଳାଇ ଦେଇଥିଲେ । ଏହାକୁ ସେ ଗଣତାନ୍ତ୍ରିକ ଇତିହାସର ସବୁଠୁ କାଳ ଅଧ୍ୟାୟ ଓ ମୌଳିକ ଅଧିକାରାର ନିଲମ୍ବନ ବୋଲି କହିଛନ୍ତି । ସେ କହିଛନ୍ତି, 'ମୁଁ ଏହାକୁ ସବୁଠୁ କଳା ଅଧ୍ୟାୟ ଏଥିପାଇଁ କହୁଛି, କାରଣ ସବୁଠୁ ବଡ଼ ଅଦାଲତ ୯ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଅଣଦେଖା କରିଥିଲା ।'

### ଅମରେଶ ଜେନାଙ୍କ...

ଏଠି ପ୍ରଶ୍ନ ଦିନେ ସଞ୍ଜୟଙ୍କ ଅତି ଘନିଷ୍ଠ ଥିବା ଅମରେଶ, କାହିଁକି ଖୋଲା ଖୋଲି ବିରୋଧ ପ୍ରଦର୍ଶନ କଲେ । ଅମରେଶ ଆଜି ଓଟିଭିକୁ ପ୍ରତିକ୍ରିୟା ଦେଇ ସଞ୍ଜୟ, ଅତନୁ, ଦେବୀ ମିଶ୍ର, ପ୍ରତାପ ଜେନା ଓ ବବି ଦାସଙ୍କ ଉଦ୍ଦେଶ୍ୟରେ ନାଁ ନନେଇ ବାଣ ମାରିଛନ୍ତି । କହିଛନ୍ତି ଏହି ପରାଜିତ ନେତାଙ୍କ ପାଇଁ ଦଳ ଆଜି ରସାତଳକୁ ଯାଇଛି । ନିଜ ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟାଖ୍ୟାତ ଏହି ନେତାମାନେ ଦଳର ଚେର କାଟୁଛନ୍ତି । ଦ୍ୱିତୀୟ କ୍ଷମତା କେନ୍ଦ୍ର ହେବାକୁ ଏମାନେ ପ୍ରୟାସ କରୁଥିବା ସାଂଘାତିକ ଅଭିଯୋଗ ଆଣିଛନ୍ତି ଅମରେଶ । ଅମେରଶଙ୍କ ପରେ ଦଳ ବିରୋଧର ବିଷ ଓଗାଳିଛନ୍ତି ଆଉ ଜଣେ ବିଜେଡି ବିଦ୍ରୋହୀ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପରକାର । ସେ ମଧ୍ୟ ତଥାକଥିତ ଆଗଧାଡିର ନେତାଙ୍କ ଉପରେ ବର୍ଷିଛନ୍ତି । ଯୁବନେତାଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ଡକାଯାଉନଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ।

### ଭୁବନେଶ୍ୱରରୁ କିଡନାପ୍ ...

ଏହି ଅପହରଣର ମାଷ୍ଟର ମାଇଣ୍ଡ ହେଉଛନ୍ତି ପିଲାଟିର ଟ୍ୟୁସନ୍ ସାର୍ । ଏ ସଂପର୍କରେ ଗୁମର ଖୋଲିଛି ନିଜେ ପ୍ରତ୍ୟୁଷ । ପରିବାର ଲୋକଙ୍କ କହିବା କଥା, ସମୟ ସକାଳ ପ୍ରାୟ ସାଢ଼େ ୧୦ଟା । କିଛି ଦୂରରେ ଥିବା ସ୍କୁଲରୁ ଘରକୁ ଫେରୁଥିଲା ନାବାଳକ । କିନ୍ତୁ ରାସ୍ତା ମଝିରେ ତା'ର ବାଟ ଓଗାଳିଲା ଏକ କଳା କାର୍ । କାରରୁ ୨ ଦୁର୍ବୃତ୍ତ ବାହାରି ପିସ୍ତଲ ଦେଖାଇବା ସହ ନାବାଳକକୁ କୁଆଡ଼େ ଅପହରଣ କରି ନେଇଯାଇଥିଲେ । ତେବେ କୁଆଡ଼େ ନେଲେ, କିଏ ସେହି ଦୁର୍ବୃତ୍ତ ନା କେହି ଜାଣିପାରିଲେ ନା କୌଣସି ସନ୍ଧାନ ପାଇଲେ । ପ୍ରଥମେ ଶୁଣିବାକୁ ମିଳିଲା, ଅପହରଣର ୩ ଘଣ୍ଟା ମଧ୍ୟରେ ପୋଲିସ ପିଲାଟିକୁ ଉଦ୍ଧାର କରିଛି । ପୋଲିସ ବି ଘରକୁ ଆସିଥିଲା ଓ ପିଲାର ବାପାଙ୍କୁ ଚଉକରେ ବସାଇ ନେଇଥିଲା । କିନ୍ତୁ ପରେ ଜଣାପଡ଼ିଲା ପିଲା ଉଦ୍ଧାର ହୋଇନି । ତେବେ ଦୁର୍ବୃତ୍ତମାନେ ନାବାଳକକୁ କିଡନ୍ୟାପ୍ କରି କୁଆଡ଼େ ଖସିଗଲେ ? କାହିଁକି କଲେ କିଡନ୍ୟାପ୍ ? ଅପହୃତ ନାବାଳକର ମା'ଙ୍କ କହିବା କଥା, ଅପହରଣର ଅଧଘଣ୍ଟା ପରେ ତାଙ୍କୁ କୁଆଡ଼େ ଦୁର୍ବୃତ୍ତ ଫୋନ୍ କରି ୨୦ ଲକ୍ଷ ଟଙ୍କା ମାଗିଥିଲେ । ଜମିବାଡ଼ି ବିକ୍ରି କରି ଘରେ ରଖିଥିବା ଟଙ୍କା ଦେବାକୁ ଧମକ ଦେଇଥିଲେ । ଆଶ୍ୱସ୍ତିର ଖବର ହେଉଛି, ୭ ଘଣ୍ଟାର ଅପରେସନ୍ ପରେ ଶେଷରେ ଅପହୃତ ନାବାଳକ ପ୍ରତ୍ୟୁଷକୁ ଉଦ୍ଧାର କରିବାରେ ସଫଳ ହୋଇଛି କମିଶନରେଟ୍ ପୋଲିସ । ଖୋର୍ଦ୍ଧା ନିରାକାରପୁର ଅଞ୍ଚଳରୁ ନାବାଳକକୁ ପୋଲିସ ଉଦ୍ଧାର କରିଥିବାବେଳେ କିଡନାପ୍ ପଛରେ ଗାଁର ଜଣେ ଯୁବକ ହିଁ ମାଷ୍ଟର ମାଇଣ୍ଡ ବୋଲି ସୂଚନା ମିଳିଛି । ଜମି ବିକ୍ରି ଟଙ୍କା ନେବା ପାଇଁ ସଂପୃକ୍ତ ଯୁବକ ରଚିଥିଲା ଅପହରଣର ନାଟକ । ୪ ସହଯୋଗୀଙ୍କୁ ସେ ଏଥିରେ ନିୟୋଜିତ କରିଥିଲା । ଶେଷରେ ପୋଲିସ ସଂପୃକ୍ତ ମାଷ୍ଟରମାଇଣ୍ଡ ସମେତ ୭ ଜଣଙ୍କୁ ଗିରଫ କରିଥିବା ସୂଚନା ଦେଇଛି ।

### ଆଜିଠୁ ରାଜ୍ୟର...

ସେମାନେ ରହିପାରିବେ । ସକାଳ ୭ରୁ ସାଢ଼େ ୮ ଚାଲୁଥିବା ଅଙ୍ଗନବାଡି କେନ୍ଦ୍ର ବି ବନ୍ଦ ରହିବ ଓ ଅଙ୍ଗନବାଡ଼ି ପିଲାଙ୍କ ଖାଦ୍ୟ ସେମାନଙ୍କ ଘରେ ପହଞ୍ଚାଯିବାକୁ ନିଷ୍ପତ୍ତି ହୋଇଛି । ସେହିପରି ଏହି ନିର୍ଦ୍ଦେଶନାମା ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ପାଇଁ ଲାଗୁ ହେବ । କୌଣସି ବେସରକାରୀ ଶିକ୍ଷାନୁଷ୍ଠାନ ନିଷ୍ପତ୍ତି ନ ମାନିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ରାଜସ୍ୱମନ୍ତ୍ରୀ । ଆଗକୁ ଯଦି ତାପମାତ୍ରା ହ୍ରାସ ପାଏ, ତାହାଲେ ଖୋଲିବା ଆଦେଶ ଦିଆଯାଇ ପାରେ ସୂଚନା ଦେଇଛନ୍ତି ମନ୍ତ୍ରୀ ।

### ନୋଷ୍ଟ୍ରାଡାମସଙ୍କ ଭବିଷ୍ୟବାଣୀ...

ଯେତେବେଳେ ଏହା ସମ୍ପୂର୍ଣ୍ଣ ସମାପ୍ତ ହେବ,ସାତ ପାହାଡ଼ର ସହର ଧ୍ୱଂସ ପାଇଯିବ ଏବଂ ଜଣେ ଭୟଙ୍କର ବିଚାରପତି ଲୋକମାନଙ୍କର ବିଚାର କରିବେ। ଏହି ଭବିଷ୍ୟବାଣୀରେ 'ରୋମାନ୍ ପିଟର' ର ଉଲ୍ଲେଖ ପରେ ଏକ ବିତର୍କ ଆରମ୍ଭ ହୋଇଛି ଯେ, ପରବର୍ତ୍ତୀ ପୋପ୍ ପ୍ରକୃତରେ ରୋମ୍‌ରୁ ଆସିବେ କି ଏହା ଏକ ପ୍ରତୀକାତ୍ମକ ନାମ ଯାହା ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ ବୋଲି ଜଣେ ନେତାଙ୍କୁ ଇଙ୍ଗିତ କରୁଛି। ସେହି ସମୟରେ, ସାତ ପାହାଡ଼ର ସହରର ଉଲ୍ଲେଖ ରୋମ୍ ଏବଂ ଭଟିକାନରେ ସମ୍ଭାବ୍ୟ ବିପ୍ଲବକୁ ସୂଚିତ କରେ। ନୋଷ୍ଟ୍ରାଡାମସ୍ ତାଙ୍କ ପୁସ୍ତକରେ ତୃତୀୟ ବିଶ୍ୱଯୁଦ୍ଧ ବିଷୟରେ ମଧ୍ୟ ଭବିଷ୍ୟବାଣୀ କରିଛନ୍ତି। ସେ ଲେଖିଛନ୍ତି, ଗୋଟିଏ ଦେଶରେ, ଜନବିପ୍ଲବ ଯୋଗୁ ଜଣେ ନୂତନ ନେତା କ୍ଷମତା ଗ୍ରହଣ କରିବେ, ଅନ୍ୟ ଏକ ଦେଶରେ ଜଣେ ନୂତନ ପୋପ୍ ସ୍ଥାପନ ହେବେ ଏବଂ ଚୀନ୍ ଚର୍ଚ୍ଚ ବିରୁଦ୍ଧରେ ଯୁଦ୍ଧ କରିବ। ନୂତନ ଧର୍ମ (ଇସଲାମ) ଇଟାଲୀ ଏବଂ ଫ୍ରାନ୍ସରେ ପହଞ୍ଚିବ, ଚର୍ଚ୍ଚ ବିରୁଦ୍ଧରେ ବିନାଶ କରିବ ଏବଂ ତା'ପରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବ।

# ବାଉଁଶରୁ ସାମଗ୍ରୀ ତିଆରି କରି ଲକ୍ଷପତି ଦିଦି ହେବେ ମିଶନ ଶକ୍ତି ମହିଳା: ପ୍ରଭାତୀ ପରିଡା

ଭୁବନେଶ୍ୱର, ୨୨/୪ (ନି.ପ୍ର): ବାଉଁଶରୁ ସାମଗ୍ରୀ ତିଆରି କରି ଲକ୍ଷପତି ଦିଦି ହେବେ ମିଶନ ଶକ୍ତି ମହିଳା । ଏଥିପାଇଁ ସରକାର ପ୍ରୋତ୍ସାହନ ଯୋଗାଇ ଦେବେ । ଏବେ ବାଉଁଶରୁ ଟି ସାର୍ଟ, ଟିସୁ ପେପର, ଖଲି, ପ୍ଲେଟ, ଟିଫିନ୍ ବକ୍ସ, ବ୍ରସ, ଚାମଚ ଓ ଅନେକ କିଛି ପ୍ରସ୍ତୁତ ହେଉଛି । ତେଣୁ ବାଉଁଶ ତିଆରି ସାମଗ୍ରୀର ଚାହିଦା ଏବଂ ଜୀବିକା ଓ ଉପଯୋଗିତାକୁ ନେଇ ଆରମ୍ଭ ହୋଇଛି ଦୁଇ ଦିନିଆ ରାଜ୍ୟ ସ୍ତରୀୟ କର୍ମଶାଳା। ଭୁବନେଶ୍ୱର ମିଶନ ଶକ୍ତି ଭବନରେ ଚାଲିଥିବା କର୍ମଶାଳାରେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଲକ୍ଷପତି ଦିଦି ସୃଷ୍ଟି କ୍ଷେତ୍ରରେ ରାଜ୍ୟ ସରକାର ଆଉ ପାଦେ ଆଗକୁ ଯାଇଛନ୍ତି । ଏସ ଏଚ ଜି ମହିଳାଙ୍କୁ ଜୀବିକାର ନୂଆ ରାହା ଦେଖାଇବ ବାଉଁଶ ତିଆରି ସାମଗ୍ରୀ । ବାମ୍ବୁ ମିଶନ କରିବ ମହିଳାଙ୍କୁ ଲକ୍ଷପତି । ମହିଳା ମାନେ ଯେଉଁ ଯେଉଁ ମାଧ୍ୟମରେ ଲକ୍ଷପତି ହେବେ ସେ କାମ ବିଭାଗ କରୁଛି । ବାଉଁଶର ସରଳୀକରଣରେ କିଭଳି ବ୍ୟବସାୟ କରି ଲକ୍ଷପତି ହୋଇପାରିବେ ସେ ନେଇ ରାଜ୍ୟ ଜୀବିକା ମିଶନ ନିର୍ଦ୍ଦେଶକ ଓ ତାଙ୍କ ଟିମ୍ ନର୍ଥ ଇଷ୍ଟ ହିଲ୍ ବିଶ୍ୱବିଦ୍ୟାଳୟ ଯାଇ ଅଧ୍ୟୟନ କରିଛନ୍ତି । ତାହା ଦେଖିବା ପରେ ଆଜି କର୍ମଶାଳା ଅନୁଷ୍ଠିତ ହୋଇଛି । ୫୦ ପଇସାର ଖଲି ପତ୍ର ୧୧ ଟଙ୍କାରେ ବିକ୍ରି ହେଉଛି । ଜଣେ ମହିଳା ଏହାଦ୍ୱାରା ସିଧା ୭ ଟଙ୍କାର ଲାଭ ପାଇବେ । ଧୂପ ହେଉ କି ଅନ୍ୟାନ୍ୟ ସାମଗ୍ରୀ । ମହିଳା କିଭଳି ଉଦ୍ୟୋଗପତି ହୋଇପାରିବେ ସେଇ ଲକ୍ଷ୍ୟରେ ଆଜି ଏହି କର୍ମଶାଳା ଅନୁଷ୍ଠିତ ହୋଇଛି ।

## ବିହାରର ରୋହତାସରେ ବାଇକ-ସ୍କର୍ପିଓ ଧକ୍କାରେ ତିନି ମୃତ

ଡେହରି ଆନ୍ ସୋନ, ୨୨/୪: ବିହାରର ରୋହତାସ ଜିଲ୍ଲାର ନୋଖା ଥାନା ଅଂଚଳର ଆରାସାସାରାମ ରାଜ୍ୟ ରାଜପଥରେ ସୋମବାର ବିଳମ୍ବିତ ରାତିରେ ଏକ ସ୍କର୍ପିଓ ବାଇକକୁ ଧକ୍କା ଦେଇଛି । ଫଳରେ ବାଇକରେ ଯାଉଥିବା ତିନି ଲୋକଙ୍କ ମୃତ୍ୟୁ ହୋଇଛି । ପୋଲିସ ସୂଚନା ମୁତାବକ ମୃତକଙ୍କ ଚିହ୍ନଟ କରାଯାଇଛି ।

# ମେ ୫ରେ ଶ୍ରମ କମିଶନର ଅଫିସ ଘେରିବ ଏଆଇଟିୟୁସି

ଭୁବନେଶ୍ୱର, ୨୨/୪ (ନି.ପ୍ର): ଏଆଇଟିୟୁସି ଖୋର୍ଦ୍ଧା ଜିଲ୍ଲା କମିଟି ବୈଠକ ଜିଲ୍ଲା ସଭାପତି ସୁର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଜିଲ୍ଲା ସମ୍ପାଦକ ଶ୍ରୀକୃଷ୍ଣ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏଥିରେ ଯୋଗ ଦେଇ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ମନୋଭାବ ସମ୍ପର୍କରେ ସୂଚନା ଦେଇ ଆଗାମୀ ପହିଲା ମେ'-୨୦୨୫ରେ ସମସ୍ତ ବ୍ଲକ ସ୍ତରରେ ଆନ୍ତର୍ଜାତିକ ଶ୍ରମିକ ଦିବସରେ ଶ୍ରମିକ ଶ୍ରେଣୀର ଲାଲ ପତାକା ଉତ୍ତୋଳନ ସହ ଶ୍ରମିକ ଶ୍ରେଣୀର ହକ୍ ଓ ଅଧିକାର ହାସଲ କରିବା ପର୍ଯ୍ୟନ୍ତ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ଆହୁରି ବଳଶାଳୀ କରିବା ପାଇଁ ସଂକଳ୍ପ ଦିବସ ଭାବେ ପାଳନ କରାଯିବ। ଆଶାକର୍ମୀଙ୍କ ସମେତ ସମସ୍ତ ସ୍କିମ୍ ୱାର୍କରଙ୍କୁ ସର୍ବନିମ୍ନ ମଜୁରୀ ଆଇନ୍ର ଅନୁସୂଚିତ ଶ୍ରମ ତାଲିକାରେ ଘୋଷଣା ସହ ଶ୍ରମିକ ପରିବାର ସମାଜରେ ସମ୍ମାନର ସହ ଜୀବନ ଧାରଣ ପାଇଁ ସର୍ବନିମ୍ନ ମଜୁରୀ ହାର ବୃଦ୍ଧି କରିବା ଦାବିରେ ମେ-୫ରେ ସମଗ୍ର ଦେଶରେ ଏଆଇଟିୟୁସି ତରଫରୁ ଦାବି ଦିବସ ଆହ୍ୱାନ ପରିପ୍ରେକ୍ଷୀରେ ଉକ୍ତ ଦିନ ଶ୍ରମ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ଶକ୍ତିଶାଳୀ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ । ଉକ୍ତ ଦିନ ଦିବା ୧୧ ଘଟିକା ସମୟରେ ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ଶୋଭାଯାତ୍ରା ବାହାରିବ । ସେହିଭଳି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ସଂଗଠନ ଓ ସ୍ୱାଧୀନ କର୍ମଚାରୀ ଫେଡେରେସନ୍ମାନଙ୍କ ମିଳିତ ମଞ୍ଚ ଆହ୍ୱାନରେ ଶ୍ରମିକ ଶ୍ରେଣୀ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ୍ ସହ ୧୨ଦଫା ଦାବିରେ ମେ-୨୦ ଦେଶବ୍ୟାପୀ ସାଧାରଣ ଧର୍ମଘଟର ସଫଳତା ପାଇଁ ବ୍ୟାପକ ପ୍ରଚାର ପ୍ରସାର ସହ ପ୍ରତିବାଦ ଆନ୍ଦୋଳନରେ ସମ୍ପୂର୍ଣ୍ଣ ଭାବରେ ଯୋଗଦେବା ପାଇଁ ପ୍ରସ୍ତାବ ଗୃହିତ ହୋଇଛି । ଏହି ବୈଠକରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ନମିତା ସାହୁ, ସତ୍ୟବାଦୀ ବାଘ, ଛେଟାମ୍ବର ଭୋଇ, ମଞ୍ଜୁଲତା ଭୋଇ, ମମତା ପଣ୍ଡା, ବିପ୍ଳବ କେଶରୀ ମହାପାତ୍ର, ସଞ୍ଜିବ ପତି, ଶିବ ବେହେରା, ଅଖିଳ ବେହେରା ପ୍ରମୁଖ ଶ୍ରମିକ ଶ୍ରେଣୀର ହକ ଏବଂ ଅଧିକାର ହାସଲ ପାଇଁ ବକ୍ତବ୍ୟ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ୧୧ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ

ବେତନଟୀ , ୨୨/୪ (ନି.ପ୍ର): ବେତନଟୀ ବ୍ଲକ ରେ ୧୧ ଗୋଟି ପ୍ରକଳ୍ପ ର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ କଲେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବଡ଼ସାହି ବିଧାୟକ ସନାତନ ବିଜୁଳି। ସୂଚନା ମୁତାବକ ୧୧ ଟି ପ୍ରକଳ୍ପ ୨ କୋଟି ୩୧ଲକ୍ଷ ୮୧ ହଜାର ବ୍ୟୟ ଅଟକଳ ତିଆରି ହୋଇଥିବା ଜଣାପଡିଛି। ସର୍ବପ୍ରଥମେ କୋଠବାଡ଼ି ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର , ଆଗ୍ରିଆ ଜିପିଏଲଫ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ ,ଅଗ୍ରିଆ ଅଙ୍ଗନୱାଡ଼ି କେନ୍ଦ୍ର ର ଉନ୍ନତିକରଣ ଉଦଘାଟନ , ପୁରିନ୍ଦା ଭିଏସ ଗୃହ ରାଉତରା ଉଦଘାଟନ , ଦହିକୋଠି ର ପୁତୁଡ଼ିସାହି ଠାରେ ନୂତନ କମ୍ୟୁନିଟି ଗୃହ ,ନଡ଼ପୁର ହସ୍ପିଟାଲ ଠାରେ ବିଶ୍ରାମଗୃହ , ପାଟଳିପୁରା ର ଡେଁଫୌଦା ଠାରେ ସବ ସେଣ୍ଟର ଉଦଘାଟନ , କେନ୍ଦୁଆ ର ଭୁଡୁରୁବଣି ଭିଏସସ ଗୃହ ଉଦଘାଟନ , ବୈଶିଙ୍ଗା ର କଦଳିଆ ଠାରେ ବିଦ୍ୟାଳୟ ର ଶ୍ରେଣୀଗୃହ ଉଦଘାଟନ , ରଘୁପୁର ର ନୟାବସନ୍ତପୁର ଠାରେ ଭିଏସଏସ ଉଦଘାଟନ , ଅଁଳା ଠାରେ ବ୍ୟାଙ୍କିଙ୍ଗ ସେବାଗୃହ ଉଦଘାଟନ କୁ ଶ୍ରୀ ଷଡ଼ଙ୍ଗୀ ଓ ବିନାୟକ ଶ୍ରୀ ବିଜୁଳି ଉପସ୍ଥିତିରେ ଉଦଘାଟନ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ବେତନଟୀ ବ୍ଲକ ଅଧକ୍ଷା କୈସଲ୍ୟା ମାଝୀ, ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୁତାର, ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ୩୬ ନମ୍ବର ମଣ୍ଡଳ ସଭାପତି ରାଜୀବ କୁମାର ନନ୍ଦୀ , ବେତନଟୀ ରେଞ୍ଜର ମନୋହର ଖାଁନ, ଯୁବ ସଂଗଠକ ଶାନ୍ତନୁ ପଣ୍ଡା, ପୂର୍ବତନ ବ୍ଲକ ଉପାଧକ୍ଷା ଅମ୍ବିକା ବାରିକ , ଆଗ୍ରିଆ ସରପଞ୍ଚ ମିନତୀ ସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୈମ୍ୟଶ୍ରୀ ଭୋଇ ଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର କଷାଫଳ ପଞ୍ଚାୟତରେ ବିଧାୟକଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର, ୨୨/୪ (ନି.ପ୍ର): ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ପ୍ରକୋଷ୍ଠ ଓ ଜିଲ୍ଲାସ୍ତରରେ ମିଳିତ ଜନଶୁଣାଣୀ ଅଭିଯାନ ଭଳି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ସ୍ତରରେ ଆୟୋଜିତ ବିଧାୟକଙ୍କ ଦୁଇଟି ସଫଳ ଜନଶୁଣାଣୀ କାର୍ଯ୍ୟକ୍ରମ ପରେ କଷାଫଳ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି ଅନୁରୂପ କାର୍ଯ୍ୟକ୍ରମ। ଏଥିରେ ବିଧାୟକ ମାନସ କୁମାର ଦତ୍ତ ଉପସ୍ଥିତ ରହି ଜନ ସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିବା ସହିତ ସେଗୁଡ଼ିକର ଆସୁ ସମାଧାନ ପାଇଁ ବ୍ୟବସ୍ଥା କରିଥିଲେ । ତେବେ ଶାସନ ପ୍ରଶାସନକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ପ୍ରଥମ ଥର ସଦର ନିର୍ବାଚନମଣ୍ଡଳୀ ଅଧୀନ କୁରାଡ଼ିହା ପଞ୍ଚାୟତ ଓ ଦ୍ୱିତୀୟରେ ବାଲେଶ୍ୱର ପୌରାଞ୍ଚଳ ପରେ ତୃତୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଭାବେ ଆୟୋଜିତ ହୋଇଥିଲା କଷାଫଳ ଠାରେ। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଶିବିରରେ ଜିଲ୍ଲା ପ୍ରଶାସନର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଲୋକଙ୍କ ସମସ୍ୟାଗତ ଆବେଦନକୁ ତଦାରଖ କରିଥିଲେ । ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ସର୍ବମୋଟ ୨୦୫ଟି ଅଭିଯୋଗ ଶୁଣାଣି ହୋଇଥିଲା । ଅଭିଯୋଗଗୁଡ଼ିକ ମଧ୍ୟରେ ମୁଖ୍ୟତଃ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା, ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା। ସମସ୍ତ ଅଭିଯୋଗ ମଧ୍ୟରୁ ୧୯୦ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୧୫ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା ଓ ଏହି ଜନଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ପ୍ରଭୃତି ଅଭିଯୋଗଗୁଡିକ ଉପରେ ବିଚାର ପୂର୍ବକ ତୁରନ୍ତ ସେଗୁଡ଼ିକର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ଶ୍ରୀ ଦତ୍ତ ନିର୍ଦ୍ଦେଶ ଦେଇଥିଲେ ଓ ରାଜ୍ୟରେ ପରିଚାଳିତ ଲୋକଙ୍କ ସରକାର ସବୁବେଳେ ଲୋକଙ୍କ ସାଥିରେ ରହିଛି । ତୃଣମୂଳସ୍ତରରେ ସାଧାରଣ ଜନତାଙ୍କ ସମସ୍ତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜ୍ୟର ମୋହନ ମାଝୀ ସରକାର ଦୃଢ଼ ପ୍ରତିବଦ୍ଧ ବୋଲି ବିଧାୟକ ଶ୍ରୀ ଦତ୍ତ ଏହି ଅବସରରେ କହିଛନ୍ତି । ଏଥିରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ସଦର ବ୍ଲକ ବିଡ଼ିଓ, ସଦର ତହସିଲଦାର, ଜିଲ୍ଲା ପରିଷଦ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ବସ୍ତା ଉପଖଣ୍ଡ ପୋଲିସ ଅଧିକାରୀ, ସିଂଲା ଥାନା ଅଧିକାରୀ, ସହକାରୀ ବନଖଣ୍ଡ ଅଧିକାରୀଙ୍କ ସମେତ ପଂଚାୟତରାଜ ଓ ଗ୍ରାମ୍ୟ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳ ସଂପଦ, ଟାଟା ପାୱାର, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତି ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ, ସମିତି ସଭ୍ୟା, ନାଏବ ସରପଞ୍ଚ, ୱାର୍ଡ ମେମ୍ବର ବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣୀ କାର୍ଯକ୍ରମ ପରିଚାଳନା କରିଥିଲେ ।

# ମଣିପୁରରେ ଚାରି ଜଣ ପ୍ରିପାକ୍ (ପ୍ରୋ) ଆତଙ୍କବାଦୀ ଗିରଫ: ଅସ୍ତ୍ରଶସ୍ତ୍ର ଜବତ

ଇମ୍ଫାଲ, ୨୨/୪: ମଣିପୁର ପୋଲିସ ବିଭିନ୍ନ ଥାନାଅଂଚଳରୁ ଚାରି ଜଣ ପ୍ରିପାକ୍ (ପ୍ରୋ) ଆତଙ୍କବାଦୀଙ୍କୁ ଗିରଫ କରିଛି। ଇମ୍ଫାଲ ପୂର୍ବ ଜିଲ୍ଲାର ସାଗୋଲମାଙ୍ଗ ଥାନା ଅଂଚଳ ଅନ୍ତର୍ଗତ ନଗଖାପତ ଆଡଭେଂଚର ଖାରୋକ ଅଂଚଳରୁ ତିନି ଜଣ ପ୍ରେପାକ୍ (ପ୍ରୋ) ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ଦିନ ପୋଲିସ କହିଛି ଯେ ଗିରଫ ଅଭିଯୁକ୍ତମାନଙ୍କୁ ନୋଙ୍ଗଥୋୟମ ମିନାଗୌ ସିଂହ (୩୩), ନୋଙ୍ଗଥୋୟାମ ମୋହନ ସିଂହ (୪୫) ଏବଂ କେଶମ ସାନା ଲୌମା ଓରଫ ତାମଫାସନା ଓରଫ ଲିଙ୍ଗଜେଲ (୪୦) ଭାବରେ ଚିହ୍ନଟ କରାଯାଇଛି।
ପୋଲିସର ସୂଚନା ଅନୁଯାୟୀ, ଇମ୍ଫାଲ ପୂର୍ବ ଜିଲ୍ଲାର ଖୁଣ୍ଡ୍ରକପମ ଅଂଚଳର ନାଓରେମ ବୀରାହାରୀ କଲେଜ ନିକଟରୁ ଦୁଇ ଜଣଙ୍କୁ ଅପହରଣ ଘଟଣାରେ ଏହି ତିନି ଅଭିଯୁକ୍ତ ସମ୍ପୃକ୍ତ ଥିଲେ। ପୋଲିସ ଦଳ ଅପହୃତ ଉଭୟ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବରେ ମୁକ୍ତ କରିଥିଲେ।

# ଉଦଳା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ବଢୁଛି ଜନଅସନ୍ତୋଷ: ଦାନା ବାନ୍ଧୁଛି ଆନ୍ଦୋଳନ



ଉଦଳା , ୨୨/୪ (ନି.ପ୍ର): ଉଦଳା ଅଂଚଳ ଯେଉଁସବୁ ଅନୁଷ୍ଠାନ ଗୁଡ଼ିକୁ ନେଇ ଗର୍ବ ଅନୁଭବ କରେ, ସେଗୁଡ଼ିକ ମଧ୍ୟରେ ଉଦଳା ମହାବିଦ୍ୟାଳୟ ଗୋଟିଏ । ଅତିତରେ ଏଠାରେ ମହାବିଦ୍ୟାଳୟଟିଏ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଜୟଚନ୍ଦ୍ର ପତ୍ରି, ସ୍ୱର୍ଗତଃ ଜ୍ଞାନ ରଂଜନ ଭୋଳ, ସ୍ୱର୍ଗତଃ ତ୍ରିଲୋଚନ ମିଶ୍ର, ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ପରିଛା ଇତ୍ୟାଦି ବହୁ ଲୋକ ଏହାର ନେତୃତ୍ୱ ନେଇଥିଲେ । ଶେଷରେ ସେ ସମୟର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଉକ୍ତ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅନୁମତି ସହିତ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ । ତେଣୁ ଏଠାରେ ପାଠ ପଢ଼ିଥିବା ପୂର୍ବତନ ଛାତ୍ରଛାତ୍ରୀ ମାନେ ମୁଁ ବିଜୁ ପଟ୍ଟନାୟକଙ୍କ କଲେଜର ଛାତ୍ର ବା ଛାତ୍ରୀ ବୋଲି ପରିଚୟ ଦେଇ ବେଶ ଗର୍ବ ଅନୁଭବ କରୁଥିବାର ଦୃଶ୍ୟ ଆଜିବି ଦେଖିବାକୁ ମିଳେ । ସେହିପରି ଏହି ମହାବିଦ୍ୟାଳୟର ଶୃଙ୍ଖଳା ଓ ଶୈକ୍ଷିକ ବାତାବରଣର ରହିଛି ସ୍ୱତନ୍ତ୍ର ମହକ । ଯେଉଁଥିପାଇଁକି ସମଗ୍ର ଜିଲ୍ଲାରେ ଉଦଳା ମହାବିଦ୍ୟାଳୟର ପ୍ରଶଂସା ସବୁଠି ଶୁଣିବାକୁ ମିଳେ । ଏହି ମହାବିଦ୍ୟାଳୟରେ ଯେ ଅଧକ୍ଷ ପଦରେ ବସନ୍ତି ସେ ସ୍ୱତଃ ଜଣେ ସମ୍ମାନୀୟ ବ୍ୟକ୍ତି ଭାବରେ ପରିଗଣିତ ହୁଅନ୍ତି । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ବର୍ତମାନ ଏହି ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱରେ ଥିବା ଡ଼. ଯତିନ କୁମାର ମହାକୁଡ଼ଙ୍କ ବିରୁଦ୍ଧରେ ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି । ଏପରିକି ଏହା ଚାରିକାନ୍ଥ ମଧ୍ୟରେ ସିମିତ ନରହି ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ଏଥିପାଇଁ ଖୁବ୍ ନିକଟରେ ଏକ ବଡ଼ଧରଣର ଆନ୍ଦୋଳନ ଦାନା ବାନ୍ଧୁଥିବାର ପରିଲକ୍ଷିତ ହେଉଛି । ଅଧକ୍ଷଙ୍କର ମନମୁଖୀ କାର୍ଯ୍ୟ, ବିଶୃଙ୍ଖଳିତ ପରିଚାଳନା, ଆର୍ଥିକ ଅନିୟମିତତା, ଶିକ୍ଷାଦାନରେ ଅବନତି ପ୍ରଭୃତି ଅଭିଯୋଗ ଆସିବା ସହ ଏ ବାବଦରେ ସ୍ଥାନୀୟ ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିବାର ଜଣାଯାଇଛି । ଉପଜିଲ୍ଲାପାଳଙ୍କୁ ଏହି ଅଭିଯୋଗପତ୍ର ପ୍ରଦାନ ସମୟରେ ଉଦଳା ମହାବିଦ୍ୟାଳୟ ଆଲୁମିନି ସଦସ୍ୟ ଯଜ୍ଞନାରାୟଣ ମହାନ୍ତି, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ଓ ବିଧାୟକ ଭାସ୍କର ମଢ଼େଇ ପ୍ରମୁଖ ଉପସ୍ଥିତ ଥିଲେ । ଏଭଳି ଅଧକ୍ଷଙ୍କୁ ତୁରନ୍ତ ଏଠାରୁ ବଦଳି କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ମହାବିଦ୍ୟାଳୟର ସମ୍ମାନ ଏହିଭଳି ଜଣେ ଅଧକ୍ଷଙ୍କ ପାଇଁ ଆଜି ସମ୍ପୂର୍ଣ୍ଣ ଚାଲିଗଲା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

# ଶତାୟୁ ସମାଜସେବୀଙ୍କ ପରଲୋକ

ବାଲିଆପାଳ/ଲଙ୍ଗଳେଶ୍ୱର , ୨୨/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା



ବାଲିଆପାଳ ବ୍ଲକ ବାଲିକୁଟୀ ଗ୍ରାମପଞ୍ଚାୟତର ଶତାୟୁ ସମାଜସେବୀ ଙ୍କ ପରଲୋକ। ତେବେ ଗ୍ରାମ ଓ ବାଲିକୁଟୀ ପଞ୍ଚାୟତରେ ଶୋକରଛାୟା ଖେଳିଯାଇଛି। ତେବେ ସୂଚନାରୁ ପ୍ରକାଶ ବାଲିକୁଟୀ ପଞ୍ଚାୟତର ଡେମୁରିଆ ଗ୍ରାମର ବୃନ୍ଦାବନ ମହାନ୍ତି ଯାହାଙ୍କ ବୟସ ୧୦୨ ରୁ ଅଧିକ ହେବ। ତାଙ୍କର ଆଜି ଦେହାନ୍ତ ହୋଇଥିବା ବେଳେ ସେ ଜଣେ ମିଷ୍ଟ ଭାଷି ପରୋପକାରୀ ତଥା ଅନୁଷ୍ଠାନ ପ୍ରେମୀ ଥିଲେ। ତାଙ୍କ ଜୀବ ଦଶାରେ ବହୁ ଅନୁଷ୍ଠାନ ତିଆରି କରିଛନ୍ତି। ତେବେ ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

# ଶାଳଗାଁ ଉଚ୍ଚବିଦ୍ୟାଳୟରେ ଧରିତ୍ରୀ ଦିବସ ପାଳିତ




ବଡ଼ସାହି, ୨୨/୪ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜାତୀୟ ସବୁଜ ବାହିନୀ (ଇକୋକ୍ଲବ) ଦ୍ୱାରା ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଅଛି ଇକୋକ୍ଲବ ର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ , ଶିକ୍ଷକ ବୃନ୍ଦ ଚିତ୍ତରଞ୍ଜନ ପୁହାଣ , ପ୍ରଭାସ କୁମାର ନାୟକ , ଉମାକାନ୍ତ ସାସମଲ୍ , ପ୍ରଭାକର ଉପାଧ୍ୟାୟ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ବିଷୟରେ ପରାମର୍ଶ ଦେଇଥିଲେ । ଧରିତ୍ରୀ ମାତାର ସୁରକ୍ଷା ପାଇଁ ଛାତ୍ର ଛାତ୍ରୀ ମାନେ ସମାଜକୁ ସଚେତନତା କାରାଇବା ଜରୁରୀ ଅଟେ । ବିଜ୍ଞାନ ଯୁଗରେ ଅତ୍ୟାଧୁନିକ ଜୀବନ ଶୈଳୀ ରାସ୍ତା ପ୍ରଶସ୍ତିକରଣ , କଳକାରଖାନା ନୂତନ ଘର ନିର୍ମାଣ ପାଇଁ ବୃକ୍ଷ କଟା ଯିବା ସହିତ ରାସାୟନିକ ସାର ଓ ଔଷଧ ପ୍ରୟୋଗ ଯୋଗୁ ପରିବେଶ ସନ୍ତୁଳନ ଭାରସ୍ୟମ ହରାଇ ବସିଛି । ଜନ ଜଙ୍ଗଲ ଓ ଜଳ ସହିତ ଧରିତ୍ରୀ ମାତାର ସମ୍ପର୍କ ସୁରକ୍ଷା ଉପରେ ଜନସାଧାରଣ ଓ ଛାତ୍ର ସମାଜ ଆଗେଇଆସି ପରିବେଶକୁ ସୁରକ୍ଷା କରିବା ଉଚିତ୍ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ । ଉକ୍ତ ଦିବସରେ ନିଜ ନିଜ ବାଡ଼ିରେ ପରିବାର ବିଭାଘର , ଜନ୍ମଦିନ , ସୁଧକ୍ରିୟା ଓ ଅନ୍ୟାନ୍ୟ ଦିବସକୁ ସ୍ମରଣୀୟ କରିବା ପାଇଁ ଗୋଟିଏ ଗୋଟିଏ ବୃକ୍ଷ ଲଗାଇବେ ବୋଲି ଛାତ୍ର ଛାତ୍ରୀ ମାନେ ଶପଥ ନେଇଥିଲେ । ଉକ୍ତ କାର୍ଯ୍ୟ କ୍ରମରେ ପ୍ରିୟଙ୍କା ବେହେରା , ଅଭିଜ୍ଞାନ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ ସର୍ବଶେଷରେ ପ୍ରମୋଦ କୁମାର ବିନ୍ଧାଣି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତ୍ରିଭୂବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍‌କୁ ଇଫକୋର ସ୍ୱାଗତ

ପାରାଦୀପ, ୨୨/୪ (ନି.ପ୍ର): ତ୍ରିଭୂବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍-୨୦୨୫ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଛି । ଏହି ବିଲ୍ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ତଥା ଗୃହମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଛନ୍ତି । ସ୍ୱାଧୀନତାର ୭୫ ବର୍ଷ ପରେ ଦେଶରେ ପ୍ରଥମ ସମବାୟଭିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପ୍ରଥମ ଘଟଣା । ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ଦେଶ ପ୍ରଥମ ସମବାୟଭିକ ବିଶ୍ୱବିଦ୍ୟାଳୟ ପାଇଛି ବୋଲି ବିଭାଗୀୟ ମନ୍ତ୍ରୀ ତଥା ଗୃହମନ୍ତ୍ରୀ ଅମିତ୍ ଶାହା କହିଛନ୍ତି । ଗ୍ରାମ୍ୟ ଅର୍ଥନିତୀ ବିକାଶକୁ ଏହା ବିକାଶ କରିବା ସହିତ କ୍ଷୁଦ୍ର ଉଦ୍ୟୋଗୀମାନେ ଏହା ଦ୍ୱାରା ଲାଭବାନ ହେବେ । ସମଗ୍ର ଦେଶରେ ନୂଆ ସମବାୟବିତ୍‌ମାନଙ୍କୁ ସୃଷ୍ଟି କରିବାରେ ଏହି ବିଶ୍ୱବିଦ୍ୟାଳୟ ସହାୟକ ହେବା ସହିତ ନୂଆ ଶିକ୍ଷାନିତିରେ ସହାୟକ ହେବ ବୋଲି ସେ କହିଥିବା ନେଇ ଇଫକୋ ପକ୍ଷରୁ ସୂଚନା ମିଳିଛି । ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଓସ୍ତି ଏହି - ତ୍ରିଭୂବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍-୨୦୨୫କୁ ସମର୍ଥନ କରିବା ସହିତ ଏହା ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି । ସମବାୟ କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ବିଲ୍ ବୋଲି କହିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଦକ୍ଷେପକୁ ସେ ସ୍ୱଗତ କରିଛନ୍ତି । ସମବାୟ ତଥା ଗୃହମନ୍ତ୍ରୀ ଅମିତ ଶାହାଙ୍କ ଭାରତର କୃଷୀକ୍ଷେତ୍ରକୁ ବଡ ଅବଦାନ ବୋଲି କହିଥିବା ନେଇ ଇଫକୋ ପକ୍ଷରୁ ପ୍ରକାଶିତ ଇସ୍ତାହାରରୁ ସୂଚନା ମିଳିଛି । ଏହି ବିଶ୍ୱବିଦ୍ୟାଳୟରେ ସ୍ୱଳ୍ପକାଳୀନ ସମବାୟ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନେ ଶିକ୍ଷ୍ୟାବ୍ୟବସ୍ଥାରେ ଶିକ୍ଷାଲାଭ କରି ଦେଶକୁ ନୂଆ ଦିଶା ଦେଇ ପାରିବେ। ଏହା ଦ୍ୱାରା ସେମାନଙ୍କ ଦକ୍ଷତାବିକାଶରେ ସହାୟକ ହେବ ବୋଲି ଜଣାପଡିଛି ।

# ଅବକାରୀ ବିଭାଗର ଚଢ଼ାଉ : ତିନି ଜଣ ଗିରଫ

ବେତନଟୀ , ୨୨/୪ (ନି.ପ୍ର): ଅବକାରୀ ବିଭାଗ ଅଧୀନ ବେତନଟୀ ଅଞ୍ଚଳରେ ଆଜି ଚଢ଼ାଉ କରି ଦେଶୀ ମଦ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ଅଭିଯୁକ୍ତ ମାନେ ହେଲେ ବେତନଟୀ ଥାନା ଅଧୀନ ନୂଆ ଗାଁ ଗ୍ରାମର ମାଳତୀ ହାଁସଦା ଓ ସେହି ଗ୍ରାମ ର ଡମ୍ବରୁଧର ବିନ୍ଧାଣୀ ସେହିପରି ପୁରୁଣାପାଣି ଗ୍ରାମ ର ରଘୁନାଥ ଟୁଡୁ ବୋଲି ଜଣାପଡିଛି। ଚଢ଼ାଉ ସମୟରେ ତିନି ଜଣଙ୍କ ପାଖରୁ ମୋଟ ଲିଟର ୪୧ ଲିଟର ଦେଶୀ ମଦ ଜବତ କରାଯାଇଛି। ବେତନଟୀ ଅବକାରୀ ଅଧିକାରୀ ପ୍ରକାଶ ସାହୁ ଙ୍କ ସହ ଅବକାରୀ ବିଭାଗ ର କର୍ମଚାରୀମାନେ ଏହି ଚଢାଉ ରେ ଉପସ୍ଥିତ ଥିଲେ।

# ପ୍ରତିମୂର୍ତ୍ତି କଥାକହେ, ମନେ ପକାଇ ଦିଏ ଅତୀତର ଇତିହାସକୁ : ବିଜୟ କୁମାର ପଣ୍ଡା

ଉଦଳା , ୨୨/୪ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ କୁଣ୍ଡାବାଇ ସ୍ଥିତ ରୋହିଦାସ ସୋରେନ କନିଷ୍ଠ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା ତରଫରୁ ଚଳିତ ଏପ୍ରିଲ ୨୧ ତାରିଖ ସୋମବାର ଦିନ ଆନ୍ତର୍ଜାତିକ ପ୍ରତିମୂର୍ତି ସଂରକ୍ଷଣ ଓ ସଫେଇ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ମହାବିଦ୍ୟାଳୟ ପରିସର ଓ ଏହାର ଆଖପାଖ ଅଂଚଳରେ ଥିବା ପ୍ରତିମୂର୍ତି ଗୁଡ଼ିକୁ ପରିଷ୍କାର ପରିଛନ୍ନ କରାଯାଇ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରାଯିବା ସହ ଏକ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ମହାବିଦ୍ୟାଳୟ ପରିସରରେ ଥିବା ପୁର୍ବତନ ବିଧାୟକ ତଥା ଉକ୍ତ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତଃ ରୋହିଦାସ ସୋରେନ ଓ ମହାବିଦ୍ୟାଳୟ ପାଇଁ ଜମିଦାନ କରିଥିବା ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ଗିରିଙ୍କ ପ୍ରତିମୂର୍ତିକୁ ପରିଷ୍କାର ପରିଛନ୍ନ କରି ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଶ୍ରୀଦାମଚନ୍ଦ୍ରପୁର ସ୍ଥିତ ଭଗବାନ ବିର୍ଷାମୁଣ୍ଡାଙ୍କ ପ୍ରତିମୂର୍ତିକୁ ପରିଷ୍କାର ପରିଛନ୍ନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ପରେ ମହାବିଦ୍ୟାଳୟର ଅଧକ୍ଷ ଅରବିନ୍ଦ ମୁଦୁଲିଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ବିଜୟ କୁମାର ପଣ୍ଡା, ପ୍ରତିମୂର୍ତି ଗୁଡ଼ିକ କିପରି ଅତିତର ଇତିହାସକୁ ମନେପକାଇଦେବା ସହ ଆଗାମି ପିଢ଼ିଙ୍କ ପାଇଁ ବହୁକିଛି ସୂଚନା ପ୍ରଦାନ କରିଥାନ୍ତି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଶେଷରେ ପ୍ରତିମୂର୍ତି ଗୁଡ଼ିକର ଯତ୍ନନେବା ଆମ ସମସ୍ତଙ୍କର କର୍ତବ୍ୟ ବୋଲି ଅଧକ୍ଷ ଶ୍ରୀଯୁକ୍ତ ଗିରି ବ୍ୟକ୍ତ କରିବା ସହ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ମୟୁରଭଞ୍ଜ ପୋଲିସର ସଫଳତା : ବହୁ ଚର୍ଚ୍ଚିତ ବହଳଦା ଷ୍ଟେଟବ୍ୟାଙ୍କ ଲୁଟ ମାମଲାରେ ୨ ଗିରଫ

## ନଗଦ ୧୫ଲକ୍ଷରୁ ଅଧିକ ଟଙ୍କା ଜବଦ



ବାରିପଦା , ୨୨/୪ (ନି.ପ୍ର): ବହୁ ଚର୍ଚ୍ଚିତ ବହଳଦା ଷ୍ଟେଟ ବ୍ୟାଙ୍କ ଲୁଟ ମାମଲାରେ ମୟୁରଭଞ୍ଜ ପୋଲିସ ବିହାର ପଟନା ଅଞ୍ଚଳରୁ ଘଟଣାର ମୁଖ୍ୟ ଅଭିଯୁକ୍ତ ରାଜୀବ ରଞ୍ଜନ ଓରଫ ପପୁ (୫୨) ଏବଂ ତାର ସହଯୋଗୀ ସନ୍ତୋଷ ଓରଫ ପ୍ରମୋଦ ବିନ୍ଦ(୩୩) ମୋଟ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମୁଖ୍ୟ ଅଭିଯୁକ୍ତ ପପୁ ଠାରୁ ନଗଦ ୧୪ ଲକ୍ଷ ଏବଂ ସନ୍ତୋଷ ଠାରୁ ନଗଦ ୧ଲକ୍ଷ ୧୯ହଜାର ୬୦୦ ମୋଟ ୧୫ଲକ୍ଷ ୧୯ହଜାର ୬୦୦ ଟଙ୍କା ଜବଦ କରିଥିବାର ଜଣାଯାଇଛି। ଅନ୍ୟ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ପୋଲିସ ସେମାନଙ୍କୁ ଧରିବା ପାଇଁ ଜାଲ ବିଛାଇଛି। ଏହି ଦୁଇ ଅଭିଯୁକ୍ତ ପୂର୍ବରୁ ୨୦୨୩ ମିସିହାରେ ବାରିପଦା ମଣପୂରମ ଅଫିସ ରୁ ମଧ ଡ଼କାୟତି ଉଦ୍ୟମ କରିଥିଲେ। ସୂଚନା ମୁତାବକ ଗତ ତା ୨୦।୦୨।୨୦୨୫ ରିଖରେ ପାଞ୍ଚଜଣ ଅଜ୍ଞାତ ଅପରାଧି ହାତରେ ଅସ୍ତ୍ରସସ୍ତ୍ର ଧରି ମୁହଁକୁ ହେଲମେଟ ଏବଂ ମାସ୍କ ଆଚ୍ଛାଦନ କରି ବହଳଦା ଷ୍ଟେଟ ବ୍ୟାଙ୍କରେ ପଶି ଶାଖା ପରିଚାଳକ ଏବଂ ଅନ୍ୟ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଗ୍ରାହକ ମାନଙ୍କୁ ଗୋଟିଏ କୋଠରୀରେ ବନ୍ଦ କରି ବନ୍ଧୁକ ମୁନରେ ୨୦ ଲକ୍ଷଟଙ୍କା ଲୁଟି ନେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ବ୍ୟାଙ୍କ ସିସିଟିଭିର ହାର୍ଡଡିକ୍ସ ମଧ ନେଇଯାଇଥିଲେ। ବ୍ୟାଙ୍କର ମୁଖ୍ୟ ଗ୍ରିଲ ଫାଟକ ଲକ କରି ବାଇକରେ ଫେରାର ହୋଇଯାଇଥିଲେ। ଏହି ଡ଼କାୟତି ମାମଲା ମୟୁରଭଞ୍ଜ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟି ଥିବା ବେଳେ, ମୟୁରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲିଙ୍କ ମାର୍ଗଦର୍ଶନରେ ତିନୋଟି ଦଳ ଗଠନ କରାଯାଇ ଘଟଣାର ଯାଞ୍ଚ କରାଯାଉଥିଲା। ତେବେ ଅପରାଧୀମାନେ ଫେରାର ହେବା ସମୟରେ ବଡନାରାୟଣି ଗ୍ରାମ ନିକଟରେ ସଡ଼କ ହମ୍ପସ ରେ ସେମାନେ ବାଇକରୁ ପଡ଼ିଥିବା ବେଳେ ଲୋକେ ତାଙ୍କୁ ଦେଖିଥିଲେ ସେହିପରି ବାରିପଦା ମଣପୁରମ ଡ଼କାୟଟି ସମୟର ସିସିଟିଭି ଫୁଟେଜ, ସେଣ୍ଟ୍ରାଲ ଜେଲ, ଘାଗିଡିହି ଝାଡ଼ଖଣ୍ଡର ଜେଲ ରେକର୍ଡ ଯାଞ୍ଚ କରି ଅପରାଧୀଙ୍କ ବାବଦରେ ସୁରାକ ପାଇଥିଲେ। ସେମାନଙ୍କ ଘର ବିହାରର ପଟନା ଅଞ୍ଚଳରେ ହୋଇଥିବାରୁ ମୟୁରଭଞ୍ଜ ଏସପି ଶ୍ରୀ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ କ୍ରମେ ରାଇରଙ୍ଗପୁର ଅତିରିକ୍ତ ଏସପି ଯଦୁନାଥ ଜେନା, ରାଇରଙ୍ଗପୁର ଏସଡିପିଓ ଗୋକୁଳାନନ୍ଦ ସାହୁଙ୍କ ତ୍ତ୍ୱବଧାନରେ ବହଳଦା ଥାନା ଏସ ଆଇ ଭାସ୍କର ପ୍ରଧାନ, ବାରିପଦା ଟାଉନ ଥାନା ଏସଆଇ ରାକେଶ କୁମାର ସୁତାର, କନେଷ୍ଟବଳ ଭକ୍ତବତ୍ସଳ ବେହେରା, ହୋମଗାର୍ଡ ଧର୍ମେନ୍ଦ୍ର ପାତ୍ର ଏବଂ ରାମ କାଳୁଣ୍ଡିଆ ପ୍ରମୁଖ ବିହାର ଯାଇ ବିହାର ପୋଲିସ ସହାୟତାରେ ଉପରୋକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ନଗଦ ଅର୍ଥ ଜବଦ କରିବାରେ ସକ୍ଷମ ହୋଇଥିଲେ। ଏବାବଦରେ ଆଜି ମୟୁରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida